EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

ବର୍ଷ-୧ ସଂଖ୍ୟା-୧୭ ୦୮-୧୪ ମଇ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-17 08th-14th MAY, 2017 BHUBANESWAR ₹ 5/- (8 Pages)



ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସିପିଏମ୍ ମହାସଚିବ ସୀତାରାମ ୟେଚୁରୀଙ୍କ ଆଲୋଚନା

## 'ନିର୍ଭୟା' ଗଣଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟଙ୍କ କଠୋର ରାୟ

# ୪ ଦୋଷୀଙ୍କ ଫାଶୀ କାଏମ



**ନୂଆଦିଲ୍ଲୀ :** ସାରାଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ତଥା ପ୍ରଶାସନ ଓ ବିଧିବ୍ୟବସ୍ଥାକୁ ଦୋହଲାଇ ଦେଇଥିବା ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ମାମଲାର ରାୟକୁ ଅପେକ୍ଷା କରିଥିଲେ ଦେଶବାସୀ। ଏହି ପରିପ୍ରେକ୍ଷୀରେ ନିମ୍ନ ଏବଂ ହାଇକୋର୍ଟରୁ ମିଳିଥିବା ଫାଶୀଦଣ୍ଡାଦେଶ ବିରୋଧରେ ୪ ଦୋଷୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ସାରାଦେଶର ଲୋକଙ୍କ ନଜର ରହିଥିଲା ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଉପରେ। ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ସମସ୍ତ ଜୀବିତ ଦୋଷୀଙ୍କ ମୃତ୍ୟୁ ଦଣ୍ଡାଦେଶକୁ କାଏମ ରଖିଛନ୍ତି। ଏହି ରାୟ ପ୍ରକାଶ ପାଇବା ପରେ କୋର୍ଟରୁମ୍‌ରେ ତାଳିର ଗୁଞ୍ଜରଣ ସୃଷ୍ଟି ହେବା ସହ ସମଗ୍ର ଦେଶବାସୀ ଏହାକୁ ଐତିହାସିକ ରାୟ କହି ସ୍ୱାଗତ ଜଣାଇଛନ୍ତି। ରାୟ ପ୍ରକାଶ ପରେ ନିର୍ଭୟାଙ୍କ ବାପା ବଦ୍ରି ସିଂହ କହିଛନ୍ତି ବିଳମ୍ବ ହୋଇଥିଲେ ସୁଦ୍ଧା ଆମକୁ ନ୍ୟାୟ ମିଳିଛି। ଭଗବାନ ବି ଦୋଷୀମାନଙ୍କୁ କ୍ଷମା ଦେବେ ନାହିଁ ବୋଲି ରାୟ ପ୍ରକାଶ ପାଇବା ପୂର୍ବରୁ ସେ କହିଥିଲେ। ସେହିପରି ନିର୍ଭୟାଙ୍କ ମା' ଆଶାଦେବୀ କହିଛନ୍ତି ମୋ ଝିଅକୁ ନ୍ୟାୟ ମିଳିଛି। କେବଳ ମୋ ଝିଅକୁ ନୁହେଁ, ବରଂ ସମସ୍ତ ନାରୀଜାତିକୁ ଉପଯୁକ୍ତ ନ୍ୟାୟ ମିଳିଛି। ଏଭଳି କଠୋର ଦଣ୍ଡ ଦ୍ୱାରା ଭବିଷ୍ୟତରେ ଏମିତି କୁକାର୍ଯ୍ୟ କରିବା ପୂର୍ବରୁ ଅପରାଧୀମାନେ ଚିନ୍ତା କରିବେ ବୋଲି ଅନୁଭବ ହେଉଛି। ସୁପ୍ରିମକୋର୍ଟଙ୍କ ଏହି ରାୟ ଭାରତୀୟ ନ୍ୟାୟବ୍ୟବସ୍ଥାର ସ୍ୱର୍ଣ୍ଣିମ ଅଧ୍ୟାୟ। ଏହାଦ୍ୱାରା ନ୍ୟାୟପାଳିକା ଓ ବିଧିବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ବଢ଼ିବା ସହ ଭବିଷ୍ୟତରେ ସାଧାରଣ ଲୋକ ଯେ ଉପଯୁକ୍ତ ନ୍ୟାୟ ପାଇପାରିବେ ଏହି ବିଶ୍ୱାସ ସୃଷ୍ଟି ହୋଇପାରିଛି। ➤ ପୃ-୭

# ସନ୍ତୁଷ୍ଟି ପାଇଁ ସଂଗଠନ ଦାୟିତ୍ୱ

## ପଡିଆରା କମିଲା : ଚର୍ଚ୍ଚାରେ ଥିବା ମନ୍ତ୍ରୀ ଦେଲେ ଇସ୍ତଫା

**ଭୁବନେଶ୍ୱର :** ଶେଷରେ ସବୁ ପ୍ରତୀକ୍ଷା ଓ କଳ୍ପନାଜଳ୍ପନାର ଅନ୍ତ ହୋଇଛି। ବାଚସ୍ପତି ନିରଞ୍ଜନ ପୂଜାରୀ ନିଜର ଇସ୍ତଫାପତ୍ର ଉପବାଚସ୍ପତିଙ୍କୁ ପ୍ରଦାନ କରିବା ପରେ ମନ୍ତ୍ରିମଣ୍ଡଳରେ ବ୍ୟାପକ ଅଦଳବଦଳ ନେଇ କରାଯାଉଥିବା ଆକଳନ ସତ୍ୟରେ ପରିଣତ ହୋଇଛି। ଏହି ଅଦଳବଦଳରେ ସରକାରରେ ଶକ୍ତିଶାଳୀ ବୋଲାଉଥିବା ଯୁବମନ୍ତ୍ରୀଗୋଷ୍ଠୀଙ୍କ କାଟ୍‌ତି କମିବ ବୋଲି ଚର୍ଚ୍ଚା ହେଉଛି। କାରଣ ଚର୍ଚ୍ଚାରେ ଥିବା ଯୁବମନ୍ତ୍ରୀମାନେ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଇଥିବା ମନ୍ତ୍ରୀମାନେ ହେଲେ ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣମନ୍ତ୍ରୀ ସଞ୍ଜୟ ଦାସବର୍ମା, ଉଚ୍ଚଶିକ୍ଷାମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀ, ପଞ୍ଚାୟତିରାଜମନ୍ତ୍ରୀ ଅରୁଣ ସାହୁ, କ୍ରୀଡ଼ା ଓ ଯୁବ ବ୍ୟାପାରମନ୍ତ୍ରୀ ସୁଦାମ ମାରାଣ୍ଡି, କ୍ଷୁଦ୍ର ଓ ମଧ୍ୟମଶିଳ୍ପ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ଏବଂ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଲାଲବିହାରୀ ହିମିରିକା। ଏମାନେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯାଇ ନିଜ ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ତେବେ ସେମାନେ ଯେଭଳି ଏ ନେଇ ଅସନ୍ତୁଷ୍ଟ ନହୁଅନ୍ତି, ସେଥିପାଇଁ ସେମାନଙ୍କୁ ସଂଗଠନର ଥୋପ ଦିଆଯାଇଛି। ତେବେ ଲୋକଦେଖାଣିଆକୁ ଏମାନେ ନିଜଆଡୁ ସଂଗଠନ ଦାୟିତ୍ୱ ସମ୍ଭାଳିବା ପାଇଁ ଆଗ୍ରହୀ ଥିବା କୁହାଯାଉଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ମୋଟ ୯ ଜଣଙ୍କୁ ସଂଗଠନ ଦାୟିତ୍ୱ ଦେଇଛନ୍ତି। ➤ ପୃ-୭

EVOS BUILDCON PVT.LTD.

Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from N.H., Petrol Pump




Construction will Start from March 2017
State Bank of India
Finance Available
3200/- Sq.ft
Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near Jagasara, BDA Housing Project



27-40 Lakhs
Member Of AFORD
www.evos.co.in
Mob.: 9438383699, 9040051152

# ପୁଲୱାମାରେ ଆତଙ୍କୀଙ୍କ ଛତ୍ରଭଙ୍ଗ



**ନୂଆଦିଲ୍ଲୀ :** ପାକ୍ ସେନାର ଚରମ ବର୍ବରତା ବିରୋଧରେ ରଣହୁଙ୍କାର ଦେଇଛି ଭାରତୀୟ ସେନା। ନିକଟରେ ଏଲ୍‌ଓସିରେ ଦୁଇଜଣ ଭାରତୀୟ ଯବାନଙ୍କୁ ହତ୍ୟା କରି ପାକ୍ ସେନା ଭାରତକୁ ଯେଭଳି ଆହ୍ୱାନ ଦେଇଛି ତାହା ଅତ୍ୟନ୍ତ ନିନ୍ଦନୀୟ। କାଶ୍ମୀର ଉପତ୍ୟକାରେ ପାକ୍ ସେନାର ବାରମ୍ବାର ଆତଙ୍କୀ ହମଲା ପରିପ୍ରେକ୍ଷୀରେ ଭାରତୀୟ ସେନା ପକ୍ଷରୁ ବଡ ଧରଣର ଅପରେସନ ଚାଲିଥିଲା ବେଳେ ଏଥିରେ ଭୟଭୀତ ହୋଇ ଆତଙ୍କୀମାନେ ଛତ୍ରଭଙ୍ଗ ଦେଇଥିବା ସୂଚନା ମିଳିଛି। ସୋପିଆନ ଏବଂ ପୁଲୱାମା ଜିଲ୍ଲାରେ ସୁରକ୍ଷାବାହିନୀ ପକ୍ଷରୁ ଜୋରଦାର ଚଢ଼ାଉ ଜାରିରହିଛି। ➤ ପୃ-୭

## ସ୍ୱଚ୍ଛ ସହର ତାଲିକାର ୯୪ରେ ଭୁବନେଶ୍ୱର

**ଭୁବନେଶ୍ୱର :** ଚଳିତ ବର୍ଷର ସ୍ୱଚ୍ଛ ସହର ତାଲିକା ପ୍ରକାଶ ପାଇଛି। ସ୍ମାର୍ଟ ସିଟି ତାଲିକାରେ ଦେଶରେ ପ୍ରଥମ ହୋଇଥିବା ଭୁବନେଶ୍ୱର ସ୍ୱଚ୍ଛତା ମାନ୍ୟତାରେ କିନ୍ତୁ ପଛୁଆଥିବା ପ୍ରକାଶ ପାଇଛି। ଦେଶର ୪୩୪ ସହର ମଧ୍ୟରେ ଆୟୋଜିତ



ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରର ୯୪ତମ ସ୍ଥାନରେ ରହିଛି। ରାଜ୍ୟର ଅନ୍ୟତମ ସ୍ମାର୍ଟ ସିଟି ରାଉରକେଲା ୧୬୮ ତମ ସ୍ଥାନରେ ରହିଥିବା ବେଳେ ଅମୃତ ମିଶନ କାର୍ଯ୍ୟକାରୀ ହେଉଥିବା ୯ଟି ସହର ମଧ୍ୟରେ ବ୍ରହ୍ମପୁର ୧୮୭, ବାଲେଶ୍ୱର ୧୯୦, ପୁରୀ ୧୯୪, କଟକ ୨୦୪, ବାରିପଦା ୨୬୧, ସମ୍ବଲପୁର ୩୨୨ଓ ଭଦ୍ରକ ୩୪୯ତମ ସ୍ଥାନରେ ରହିଛନ୍ତି। କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀ ଭେଙ୍କେୟା ନାଇଡୁ ନୂଆଦିଲ୍ଲୀରେ ଏହି ଘୋଷଣା କରିଛନ୍ତି। ➤ ପୃ-୭

ଜେଇଇ (ମେନ୍) ୨୦୧୭ ରେ ବିକାଶ ସଫଳତାର ପୁନରାବୃତ୍ତି



212 Marks
Navin Kumar Barnwal, Roll: 17102758

ଜେଇଇ (ମେନ୍) ୨୦୧୭ ଫଳାଫଳ ବିଶ୍ଳେଷଣ

| | |
|---|---|
| ମୋଟ୍ ବିକାଶ ଛାତ୍ରଛାତ୍ରୀ ସଫଳ | 97 |
| ଇଞ୍ଜିନିୟରିଂ ପ୍ରୋଗ୍ରାମ୍‌ରେ ନାମାଙ୍କନ କରାଇଥିବା ମୋଟ୍ ଛାତ୍ରଛାତ୍ରୀ | 157 |
| ସଫଳତା ହାର | 62% |

୨୦୧୭ରେ ବିକାଶ ଛାତ୍ରଛାତ୍ରୀଙ୍କ ଅଭୂତପୂର୍ବ ସଫଳତା
ପ୍ରଥମ ପ୍ରୟାସରେ ୯୭ ଛାତ୍ରଛାତ୍ରୀ ଜେଇଇ(ମେନ୍)ରେ ଉତ୍ତୀର୍ଣ୍ଣ

ପ୍ରତିଟି ବର୍ଷ ସଫଳତାର ନୂତନ କାହାଣୀ ସୃଷ୍ଟି କରି ଆଗେଇ ଚାଲିଛି ବିକାଶ ଗ୍ରୁପ୍ କେବଳ ଜେଇଇ (ମେନ୍) ରେ ନୁହେଁ ବରଂ ଆଇଆଇଟି(ଜେଇଇ-ଏଡ୍‌ଭାନ୍ସଡ୍), ନେସ୍ଟ, ଏମ୍ସ୍, କେଭିପିୱାଇ, ଏନ୍‌ଟିଏସ୍‌ଇ, ବିଟ୍‌ସାଟ୍, ଏଆଇପିଏମ୍‌ଟି, ଆଇସିଏଆର୍, ଭିଏସ୍‌ଏସ୍‌ୟୁଟି, ଆଇଏସ୍‌ଏସ୍, ଓୟୁଏଟି, ଆଇସିଏଆଇ ଏବଂ ସିପିଟି ସର୍ବୋପରି ସିଏଚ୍‌ଏସ୍‌ଇ ଏବଂ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ କୃତୀତ୍ୱ ଗର୍ବର ବିଷୟ।

ଜେଇଇ (ମେନ୍) ୨୦୧୭ ପରୀକ୍ଷାରେ ନିଜର ପ୍ରଥମ ପ୍ରୟାସରେ ସଫଳ ହୋଇଥିବା ୯୭ କୃତୀ ଛାତ୍ରଛାତ୍ରୀ




୨୦୧୭-୧୮ ଶିକ୍ଷାବର୍ଷ ପାଇଁ ଏଡ୍‌ମିସନ୍ ଚାଲୁଅଛି (ରେସିଡେନ୍‌ସିଆଲ୍ / ଡେ-ବୋର୍ଡର୍)
ସିବିଏସ୍‌ଇ ଏଲ୍.କେଜି. ରୁ ନବମ ଏବଂ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ

- ସିବିଏସ୍‌ଇ ଇଣ୍ଟିଗ୍ରେଟେଡ୍ ଆଇଆଇଟି ଏବଂ ମେଡିକାଲ୍ ଫାଉଣ୍ଡେସନ୍ ପ୍ରୋଗ୍ରାମ୍ (ଷଷ୍ଠ ଶ୍ରେଣୀରୁ)
- ସିବିଏସ୍‌ଇ ଏକାଦଶ ଶ୍ରେଣୀ (ବିଜ୍ଞାନ ଏବଂ ବାଣିଜ୍ୟ)
- ସିଏଚ୍‌ଏସ୍‌ଇ ଯୁକ୍ତ ଦୁଇ (ବିଜ୍ଞାନ ଏବଂ ବାଣିଜ୍ୟ)
- ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ
- ଜେଇଇ (ମେନ୍‌ସ୍ ଏବଂ ଏଡ୍‌ଭାନ୍ସଡ୍)
- ଏଆଇପିଏମ୍‌ଟି (ଏମ୍ସ୍, ଜେଆଇପିଏମ୍‌ଇଆର୍ ଏବଂ ଏଏଫ୍‌ଏମ୍‌ସି)
- ବାଣିଜ୍ୟ (ସିପିଟି)

BARGARH: Vikash Knowledge Hub, Barahaguda Canal Chowk. M: 93373 10441, 94375 89101. BHUBANESWAR: Vikash High Global Campus, Deras Road, PO-Kantabada. M: 82707 72444 / 88955 95555. | SAMBALPUR: Vikash New-Gen Park, Sason. M: 99379 79999.

Vikash
Group of Institutions
www.orissavikash.com
Bargarh | Bhubaneswar | Sambalpur

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର


# ଲୋକସଭା ଓ ରାଜ୍ୟସଭା ନିର୍ବାଚନ ଏକସଙ୍ଗେ ହେବାକୁ ପ୍ରସ୍ତାବ

**ନୂଆଦିଲ୍ଲୀ :** ୨୦୨୪ରୁ ଏକସମୟରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଯିବା ପାଇଁ ନୀତି ଆୟୋଗ ପ୍ରସ୍ତାବ ଦେଇଛି। ଏ ସମ୍ପର୍କରେ ନିର୍ବାଚନ ଆୟୋଗ ନୋଡ଼ାଲ ଏଜେନ୍ସି ଭାବରେ ଏହା ଅନୁଧ୍ୟାନ କରି କିଭଳି ଏକସଙ୍ଗେ ଏହି ନିର୍ବାଚନ କରାଯାଇ ପାରିବ, ସେଥିପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ ନୀତି ଆୟୋଗ ଏହି ପ୍ରସ୍ତାବରେ କହିଛି। ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏକସଙ୍ଗେ ଲୋକସଭା ଓ ବିଧାନସଭା ନିର୍ବାଚନ କରାଯିବାକୁ ମତ ଦେଉଛନ୍ତି। ଏ ସଂକ୍ରାନ୍ତରେ ନୀତି ଆୟୋଗର ଡ୍ରାଫ୍ଟ ଚିଠା ରିପୋର୍ଟରେ କୁହାଯାଇଛି, 'ଭାରତରେ ସମସ୍ତ ନିର୍ବାଚନ ଅବାଧ, ନିରପେକ୍ଷ ଓ ଏକସଂଗେ କରାଗଲେ, ପ୍ରଚାରରେ ଅଧିକ ଅର୍ଥ ଓ ସମୟ ଅପଚୟ ହେବ ନାହିଁ ଏବଂ ଶାସନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେବନାହିଁ।' ଏଥିପାଇଁ ଗୋଟିଏଥର କେତୋଟି ବିଧାନସଭାର କାର୍ଯ୍ୟକାଳ ହ୍ରାସ କିମ୍ବା ବୃଦ୍ଧି କରିବାକୁ ପଡ଼ିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଜାତୀୟ ସ୍ୱାର୍ଥ ସମ୍ବଳିତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସମ୍ବିଧାନ ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଭିଜ୍ଞ ତଥା ବିଶେଷଜ୍ଞମାନଙ୍କୁ ନେଇ ଏକ ଥିଙ୍କ୍‌ଟ୍ୟାଙ୍କ୍ ଗଠନ କରାଯିବ। ଏଥିରେ ସରକାରୀ ପଦାଧିକାରୀ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନିଆଯିବ। ସେମାନେ ଏ ସମ୍ପର୍କରେ ବିଶଦ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୩ ତାରିଖରେ ଏହି ଚିଠା ରିପୋର୍ଟକୁ ନୀତି ଆୟୋଗର ଗଭର୍ଣ୍ଣିଙ୍ଗ୍ କାଉନ୍‌ସିଲ୍ ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟା ଯାଇଛି। ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଗତ ସାଧାରଣତନ୍ତ୍ର ଦିବସ ଅବସରରେ ଦେଶବାସୀଙ୍କୁ ସମ୍ବୋଧନ କଲାବେଳେ ଏକସଂଗେ ଲୋକସଭା ଓ ବିଧାନସଭା ନିର୍ବାଚନ କରାଯିବାକୁ ଦୃଢ଼ ମତ ପୋଷଣ କରିଥିଲେ। ଗତ ଫେବୃଆରୀରେ ପ୍ରଧାନମନ୍ତ୍ରୀ ମୋଦି ଅନୁରୂପ ମତ ଦେଇଥିଲେ। ରାଜନୈତିକ ଦଳଗୁଡ଼ିକ ସଂକୀର୍ଣ୍ଣ ମନୋଭାବକୁ ଦୂରେଇ ଦେଇ ଏ ସମ୍ପର୍କରେ ଚିନ୍ତା କରିବାର ସମୟ ଆସିଛି ବୋଲି ସେ କହିଥିଲେ।

## ଅଣବିଜେପି ଭୋଟ ଫାଇଦା ନେଉଛି ବିଜେପି

**ନୂଆଦିଲ୍ଲୀ :** ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଅବସର ନେବାକୁ ଯାଉଥିବାରୁ ନୂଆ ରାଷ୍ଟ୍ରପତି ନିର୍ବାଚନ ପାଇଁ ଶାସକ ଦଳ ପ୍ରସ୍ତୁତ ହୋଇଥିଲାବେଳେ ବିରୋଧୀ ଦଳଗୁଡିକ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡିନାହାନ୍ତି। ମୋଦି ସରକାରଙ୍କ ପ୍ରାର୍ଥୀ ବିରୋଧରେ ଏକ ମିଳିତ ପ୍ରାର୍ଥୀ ଦେବା ପାଇଁ ବିରୋଧୀ ଦଳଗୁଡ଼ିକ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ଇତିମଧ୍ୟରେ ଜେଡିୟୁ ସଭାପତି ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି ଏବଂ ବାମପନ୍ଥୀ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଅନୁସାରେ ଗତ ସପ୍ତାହରେ ସୋନିଆଙ୍କୁ ତାଙ୍କ ବାସଭବନରେ ନୀତି କୁମାର ଭେଟିଥିଲେ। ଜେଡିୟୁର ଅନ୍ୟତମ ବରିଷ୍ଠ ନେତା ତଥା ପୂର୍ବତନ ସଭାପତି ଶରଦ ଯାଦବ ମଧ୍ୟ ସୋନିଆ ଓ ବାମପନ୍ଥୀ ନେତାଙ୍କୁ ଭେଟି ଆଲୋଚନା କରିଛନ୍ତି। ସେ ଏହି ଅବସରରେ ଶରଦ କହିଛନ୍ତି, ବିଜେପିକୁ ଚେକ୍ ଦେବାପାଇଁ ବିରୋଧୀ ଦଳର ଏ ପ୍ରକାର ଉଦ୍ୟମ ନିଶ୍ଚିତ ରୂପେ ସହାୟକ ହୋଇପାରିବ। ଅଣବିଜେପି ଭୋଟ୍ ବିଭାଜନ ଯୋଗୁ ବିଜେପି ଏହାର ଫାଇଦା ନେଉଛି। ଏହା ଉପରେ ରୋକ୍ ଲଗାଇବାକୁ ପଡିବ ବୋଲି କହିଛନ୍ତି ଶ୍ରୀ ଯାଦବ। ଯେହେତୁ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଏବଂ ଦିଲ୍ଲୀରେ ଏମ୍‌ସିଡି ନିର୍ବାଚନରେ ଏହା ପ୍ରମାଣିତ ହୋଇଛି। ଉତ୍ତରପ୍ରଦେଶରେ ୪୦୩ ଆସନରୁ ବିଜେପି ଆଶାତୀତ ଭାବେ ୩୧୨ ଆସନ ଜିତିନେଇଛି। କିନ୍ତୁ ସମାଜବାଦୀ ପାର୍ଟି, ବିଏସ୍‌ପି ଏବଂ କଂଗ୍ରେସ ଭୋଟ୍ ମିଶିଲେ ବିଜେପି ଠାରୁ ଅଧିକ ଭୋଟ୍। ହେଲେ ଭୋଟ୍ ବିଭାଜନ ଯୋଗୁ ବିଜେପି ତା'ର ଫାଇଦା ହାସଲ କରିଛି। ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଶାସକ ମେଣ୍ଟ ଏନ୍‌ଡିଏ ସ୍ଥିତି ଭଲ ଥିଲେ ମଧ ମେଣ୍ଟ ପ୍ରାର୍ଥୀ ବିରୋଧରେ ବିରୋଧୀ ଦଳଗୁଡ଼ିକ ଏକଜୁଟ୍ ହୋଇ ପ୍ରାର୍ଥୀ ଛିଡ଼ାକଲେ ତା'ର ଫଳାଫଳ ଯାହା ହେଉନା କାହିଁକି, ୨୦୧୯ ସାଧାରଣ ନିର୍ବାଚନ ପାଇଁ ଏହା ବିରୋଧୀ ଦଳକୁ ନିଶ୍ଚିତ ରୂପେ ସହାୟକ ହେବ। କାରଣ ରାଷ୍ଟ୍ରପତି ନିର୍ବାଚନ ପାଇଁ ବିରୋଧୀ ଦଳ ଏକଜୁଟ୍ ହୋଇପାରିଲେ, ଆଗାମୀ ସାଧାରଣ ନିର୍ବାଚନରେ ସେମାନେ ଏକଜୁଟ୍ ହୋଇପାରିବେ ବୋଲି ମତ ରଖିଛନ୍ତି ଶ୍ରୀ ଯାଦବ।

## ୫ ମାସରେ ସମସ୍ତ ରାଜ୍ୟକୁ ଗସ୍ତ କରିବେ ଶାହ



**ନୂଆଦିଲ୍ଲୀ :** ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ୨୦୧୯ ଲୋକସଭା ନିର୍ବାଚନର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ଶାହ ଚଳିତ ବର୍ଷ ସେପ୍ଟେମ୍ବର ମଧ୍ୟରେ ସମଗ୍ର ଦେଶକୁ ଗସ୍ତ କରିବେ। ଏହି ଗସ୍ତରେ ଶାହ ପ୍ରାୟ ୧ଲକ୍ଷ କିଲୋମିଟର ଗସ୍ତ କରିବେ। ଶାହ ପ୍ରାୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ଗସ୍ତ କରିବେ। ଗତ ଏପ୍ରିଲ ଶେଷ ସପ୍ତାହରେ ସେ ଜମ୍ମୁକାଶ୍ମୀର ଗସ୍ତ କରିଥିଲେ। ମିଳିଥିବା ସୂଚନା ଅନୁସାରେ ଶାହଙ୍କ ଅଧିକାଂଶ ରାଜ୍ୟ ପାଇଁ ଗସ୍ତ ତାରିଖ ଧାର୍ଯ୍ୟ ହୋଇସାରିଛି। ବିଜେପି ୨୦୧୪ ନିର୍ବାଚନରେ ୨୮୨ ସିଟ୍ ଜିତିଥିଲା ବେଳେବ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ୩୩୬ଟି ସିଟ୍ ମିଳିଥିଲା। ତେବେ ଶାହ ଆଗାମୀ ଲୋକସଭା ନିର୍ବାଚନରେ ୨୦୧୪ ଠାରୁ ମଧ ବୃହତ୍ ବିଜୟ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ସେ ସମଗ୍ର ଦେଶରେ ଦଳର ଭିତ୍ତିଭୂମି ମଜଭୂତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବିଜେପି ସମସ୍ତ ରାଜ୍ୟକୁ ଏ, ବି ଓ ସି ଶ୍ରେଣୀରେ ବିଭକ୍ତ କରିଛି। ରାଜ୍ୟଗୁଡିକୁ ଲୋକସଭା ସିଟ୍ ଓ ବିଜେପିର ଉପସ୍ଥିତି ଅନୁସାରେ ବିଭାଜନ କରାଯାଇଛି। ଏ ଶ୍ରେଣୀରେ ୧୯ଟି ରାଜ୍ୟ ରହିଛି। ଏହି ରାଜ୍ୟଗୁଡିକରେ ଶାହ ୩ ଦିନ ଲେଖାଏଁ ବିତାଇବେ। ବି' ଶ୍ରେଣୀରେ ୭ଟି ରାଜ୍ୟ ରହିଥିବା ବେଳେ ଶାହ ସେଠାକୁ ଦୁଇଦିନ ଲେଖାଏଁ ଗସ୍ତ କରିବେ। ସେହିପରି ସି' ଶ୍ରେଣୀରେ ୯ଟି ରାଜ୍ୟ ରହିଛି। ଏହି ରାଜ୍ୟଗୁଡିକୁ ଶାହ ଗୋଟିଏ ଦିନ ପାଇଁ ଗସ୍ତ କରିବେ। ସି' ଶ୍ରେଣୀରେ ଏକାଧିକ କେନ୍ଦ୍ରଶାସିତ ପ୍ରଦେଶ ରହିଛି। ଶାହଙ୍କ ଏହି ଗସ୍ତର ରୂପରେଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ହୋଇଥିବା ବୈଠକ ପରେ ଧାର୍ଯ୍ୟ କରାଯାଇଛି।

# ଜିଏସ୍‌ଟି-୯ ଉତ୍‌କ୍ଷେପଣ



**ବେଙ୍ଗାଲୁରୁ :** ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଦକ୍ଷିଣ ଏସିଆ ଉପଗ୍ରହକୁ ଶୁକ୍ରବାର ଅପରାହ୍ନରେ ସଫଳତାର ସହ ଉତ୍‌କ୍ଷେପଣ କରାଯାଇଛି। ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ୍ ଧାୱନ ମହାକାଶ ଗବେଷଣା କେନ୍ଦ୍ରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ଜିଏସ୍‌ଏଟି-୯ (ଭୂସ୍ଥିର ଉପଗ୍ରହ ପ୍ରକ୍ଷେପଣ ଯାନ) ଉପଗ୍ରହକୁ ଉତ୍‌କ୍ଷେପଣ କରାଯାଇଛି। ୧୨ ୟୁକେ-ବ୍ୟାଣ୍ଡ ଟ୍ରାନ୍ସପୋଣ୍ଡର ବହନ କରୁଥିବା ଏହି ଧ୍ରୁବୀୟ ଉପଗ୍ରହର ଓଜନ ୨୨୩୦ କିଲୋଗ୍ରାମ ହୋଇଥିବା ବେଳେ ଏହି ପ୍ରକଳ୍ପ ପାଇଁ ୨୩୫ କୋଟି ଟଙ୍କା ବ୍ୟୟ ହୋଇଛି। ଏହି ଉପଗ୍ରହ ୧୨ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟକ୍ଷମ ରହିପାରିବ ବୋଲି ଆଶା କରାଯାଏ। ୮ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଗଠନ (ସାର୍କ) ରାଷ୍ଟ୍ରଙ୍କ ମଧ୍ୟରୁ ଭାରତ ସମତେ ଆଫଗାନିସ୍ତାନ, ବାଂଲାଦେଶ, ଭୂଟାନ୍, ନେପାଳ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ଆଦି ୭ଟି ସାର୍କ ସଦସ୍ୟ ରାଷ୍ଟ୍ରଙ୍କୁ ଏଥିରୁ ଫାଇଦା ମିଳିବ। ବିଶେଷ କରି ଯୋଗାଯୋଗ, ପ୍ରସାରଣ, ବିପର୍ଯ୍ୟୟ ପରିଚାଳନା ଏବଂ ଟେଲିମେଡିସିନ୍ ଇତ୍ୟାଦି କ୍ଷେତ୍ରରେ ଏହି ଉପଗ୍ରହ ଆଗୁଆ ତଥା ବିଶେଷ ସୂଚନା ପ୍ରଦାନ କରିବାରେ ସାହାଯ୍ୟ କରିବ। ଅନ୍ୟ ପକ୍ଷରେ ଏହି ଉପଗ୍ରହ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ଅଧିକ ନିକଟତର କରିପାରିବ। ତେବେ ପାକିସ୍ତାନ ଏହି ପ୍ରକଳ୍ପରେ ସାମିଲ ହୋଇନାହିଁ। ଦକ୍ଷିଣ ଏସିଆ ଉପଗ୍ରହ ଉତ୍‌କ୍ଷେପଣକୁ ଏକ ଐତିହାସିକ ଘଟଣା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ୱିଟ୍ କରି କହିଛନ୍ତି। ଦକ୍ଷିଣ ଏସିଆରେ ଏହା ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ସେ ମତ ଦେଇଛନ୍ତି। ଏଥି ସହ ସମ୍ପୃକ୍ତ ପ୍ରକଳ୍ପରେ ନିୟୋଜିତ ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ)ର ସମସ୍ତ ବୈଜ୍ଞାନିକଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇ ସଫଳତାର ଶ୍ରେୟ ଦେଇଛନ୍ତି।

**ରିପୋର୍ଟରେ କଳାଟଙ୍କା**

# ଆସିଛି ୭୭ହଜାର କୋଟି ଡଲାର

**ନୂଆଦିଲ୍ଲୀ :** ଏକ ଆକଳନ ଅନୁଯାୟୀ, ୨୦୦୫-୧୪ରେ ଦେଶକୁ ୭୭୦ ବିଲିୟନ୍ ଡଲାରର କଳା ଟଙ୍କା ଆସିଛି। ତେବେ ଏହି ସମୟ ମଧ୍ୟରେ ଦେଶରୁ ବିଦେଶକୁ ୧୬୫ ବିଲିୟନ୍ ଡଲାରର କଳା ଟଙ୍କା ଯାଇଥିବା ଆମେରିକା ଭିତ୍ତିକ ଗ୍ଲୋବାଲ ଫାଇନାନ୍ସିଆଲ ଇଣ୍ଟିଗ୍ରିଟି (ଜିଏଫ୍‌ଆଇ) ପକ୍ଷରୁ ପ୍ରକାଶିତ ସର୍ବଶେଷ ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୪ରେ କେବଳ ଦେଶକୁ ୧୦୧ ବିଲିୟନ୍ ଡଲାରର କଳା ଟଙ୍କା ଆସିଥିବାବେଳେ ଦେଶ ବାହାରକୁ ୨୩ ବିଲିୟନ୍ ଡଲାରର କଳା ଟଙ୍କା ଯାଇଛି। 'ବିକାଶଶୀଳ ରାଷ୍ଟ୍ରଗୁଡିକରୁ ଏବଂ ରାଷ୍ଟ୍ରକୁ ବେଆଇନ ଅର୍ଥ ପ୍ରବାହ:୨୦୦୫-୨୦୧୪' ଶୀର୍ଷକ ରିପୋର୍ଟ ନିକଟରେ ଉନ୍ମୋଚିତ ହୋଇଛି। ତେବେ ବିଦେଶରେ ଏବଂ ଦେଶରେ କେତେକ ପରିମାଣର କଳା ଟଙ୍କା ରହିଛି ସେ ସମ୍ପର୍କରେ ଭାରତରେ ସରକାରୀ ଭାବେ କୌଣସି ତଥ୍ୟ ନାହିଁ। ୨୦୦୫-୧୪ରେ ଭାରତକୁ ବେଆଇନ ଭାବେ ହୋଇଥିବା ୭୭୦ ବିଲିୟନ୍ ଡଲାରର ଅର୍ଥ ପ୍ରବାହ ଦେଶର ମୋଟ ୫,୫୦୦,୭୪୪ ନିୟୁତ ଡଲାର(୫୫୦୦ ବିଲିୟନ୍ ଡଲାର) ବାଣିଜ୍ୟର ୧୪% ବୋଲି ଜିଏଫ୍‌ଆଇ ପକ୍ଷରୁ ରିପୋର୍ଟରେ କୁହାଯାଇଛି। ତେବେ ବିଗତ ୧୦ବର୍ଷ ମଧ୍ୟରେ ଦେଶକୁ ଯେଉଁ କଳା ଟଙ୍କା ପ୍ରବାହ ହୋଇଛି ତାହା ଦେଶର ମୋଟ ବାଣିଜ୍ୟର ୩% (ପାଖାପାଖି ୧୬୫ ବିଲିୟନ୍ ଡଲାର)। ଅନ୍ୟ ପକ୍ଷରେ ୨୦୧୪ରେ ବିଶ୍ୱରେ ବେଆଇନ ଅର୍ଥ ପ୍ରବାହ ପରିମାଣ ୨ଟ୍ରିଲିୟନ୍ ଏବଂ ୩ ଟ୍ରିଲିୟନ୍ ଡଲାର ରହିଥିବା ରିପୋର୍ଟରୁ ଜଣାପଡିଛି। ୨୦୧୪ରେ ବିକାଶଶୀଳ ରାଷ୍ଟ୍ରଗୁଡିକରୁ ବିକଶିତ ରାଷ୍ଟ୍ରକୁ ବେଆଇନ ଅର୍ଥ ପ୍ରବାହ ୬୨୦ ବିଲିୟନ୍ ଡଲାର ମଧ୍ୟରେ ରହିଥିବାବେଳେ ବିକଶିତ ରାଷ୍ଟ୍ରଗୁଡିକରୁ ବିକାଶଶୀଳ ରାଷ୍ଟ୍ରଗୁଡିକୁ ଏହି ଅର୍ଥ ପ୍ରବାହ ୨.୫ ଟ୍ରିଲିୟନ୍ ଡଲାରରୁ ଅଧିକ ହୋଇଥିବା ଜଣାଯାଇଛି। ରିପୋର୍ଟ ଅନୁଯାୟୀ ଏସିଆ କ୍ଷେତ୍ରରୁ ବିକଶିତ ରାଷ୍ଟ୍ରଗୁଡିକୁ ସର୍ବନିମ୍ନ ୬୮୬ ବିଲିୟନ୍ ଡଲାର ଏବଂ ସର୍ବାଧିକ ୧୨୨୯ ବିଲିୟନ୍ ଡଲାର ବେଆଇନ ଅର୍ଥ ପ୍ରବାହ ହୋଇଛି।

## ସାଉଦିରୁ ଫେରିବେ ୨୦ ହଜାର ଭାରତୀୟ

**ରିଆଦ :** ସାଉଦି ଆରବରେ ଫସିଥିବା ହଜାର ହଜାର କର୍ମଚାରୀ ସାଉଦି ରାଜାଙ୍କ ୯୦ ଦିନର ସାଧାରଣ କ୍ଷମା ଯୋଜନା ଅଧୀନରେ ଭାରତ ଫେରିବେ। ସାଉଦିରେ ଫସିଥିବା ଏହି କର୍ମଚାରୀଙ୍କ ମଧ୍ୟରୁ କିଛି ଲୋକ ସେଠାରେ ବେଆଇନ ଭାବେ ରହୁଥିବାବେଳେ କିଛି ଲୋକଙ୍କ ଭିସା ଅବଧି ଶେଷ ହୋଇସାରିଛି। ଏମାନଙ୍କ ମଧ୍ୟରୁ ବହୁସଂଖ୍ୟକ ଲୋକ ତାମିଲନାଡୁ ନିବାସୀ। ସାଉଦି ଆରବସ୍ଥିତ ଭାରତୀୟ ଦୂତାବାସର କାଉନ୍‌ସିଲର ଅନିଲ ନୌଟିଆଲଙ୍କ କହିବା ମୁତାବକ, ମୋଟ ୧୦,୩୨୧ ଜଣ ଭାରତୀୟ ସାଧାରଣ କ୍ଷମତା ଯୋଜନା ଅଧୀନରେ ସ୍ୱଦେଶ ଫେରିବା ପାଇଁ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୫୦୦ ଜଣ ତାମିଲନାଡୁ ନିବାସୀ ହୋଇଥିବା ବେଳେ ସାଉଦି ଆରବରେ ସେମାନେ ଉଚ୍ଚ ପଦବୀରେ କାର୍ଯ୍ୟ କରୁଥିଲେ। ସେହିପରି ଅନ୍ୟ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ଉତ୍ତରପ୍ରଦେଶ ଓ ବିହାରର। ସାଉଦି ଅଧିକାରୀମାନେ ଆବେଦକଙ୍କୁ ମାଗଣାରେ ପାସ୍ ଓ ଏଗ୍‌ଜିଟ ଭିସା ପ୍ରଦାନ କରିଛନ୍ତି। ଆବେଦକଙ୍କୁ ଭାରତ ଫେରିବା ପାଇଁ କେବଳ ଯାତ୍ରା ଖର୍ଚ୍ଚ ବହନ କରିବାକୁ ହେବ ବୋଲି ଜଣାପଡିଛି। ୨୦୧୩ରେ ସାଉଦି ସରକାର ସର୍ବପ୍ରଥମେ ରିଆଦ ଓ ଜେଦାହ ସହରରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ଏହି ଯୋଜନା ଆରମ୍ଭ କରିଥିଲେ। ଚଳିତ ବର୍ଷ ଏହି ଯୋଜନାରେ ସାଉଦିର ୨୧ଟି ସହରକୁ ସାମିଲ କରାଯାଇଛି।

**ରାଷ୍ଟ୍ରପତି ନିର୍ବାଚନ**

## ପ୍ରଣବ ପ୍ରାର୍ଥୀ ହେଲେ ସମର୍ଥନ ଦେବେ ବିରୋଧୀ

ନୂଆଦିଲ୍ଲୀ : ପ୍ରଣବ ମୁଖାର୍ଜୀଙ୍କୁ ଯଦି ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଏନ୍‌ଡିଏ ପ୍ରସ୍ତାବ ଦେବ, ତା'ହେଲେ ବିରୋଧୀ ଦଳଗୁଡିକ ଏହାକୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି ସଙ୍କେତ ଦେଇଛନ୍ତି। ବିରୋଧୀ ଦଳ ଗୁଡିକ ମିଳିତ ପ୍ରାର୍ଥୀ ଦେବାକୁ ଜୋରସୋରରେ ଲାଗି ପଡିଥିବା ବେଳେ ପ୍ରଣବଙ୍କ ନାମକୁ ନେଇ ସବୁ ବିରୋଧୀ ଦଳ ନେତାମାନେ ସହମତି ପ୍ରକାଶ କରିଛନ୍ତି। ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଣବଙ୍କୁ ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି କରିବାକୁ ଚାହିଁବେ ତା'ହେଲେ ବିରୋଧୀ ଦଳ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି କହିଛନ୍ତି। ତେବେ ପ୍ରବଙ୍କୁ ପୁନର୍ବାର ରାଷ୍ଟ୍ରପତି ପ୍ରାର୍ଥୀ କରାଇବାକୁ ଏନ୍‌ଡିଏ ସରକାର ସାମାନ୍ୟତମ ସଙ୍କେତ ଦେଇନଥିବାରୁ ଏହାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ପ୍ରଣବ ଅବସର ନେବାପରେ ଯେଉଁ ବଙ୍ଗଳାରେ ରହିବେ ତାହାର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ସ୍ୱାଧୀନ ଭାରତର ଇତିହାତରେ କେବଳ ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଦୁଇଥର ରାଷ୍ଟ୍ରପତି ରହିଥିଲେ। ଅନ୍ୟପକ୍ଷରେ ବିରୋଧୀ ଦଳ ନିଜ ଆଡୁ ପ୍ରଣବଙ୍କୁ ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରିବାକୁ ଚାହୁଁନାହାନ୍ତି।

# ନୂଆ ପେନ୍‌ସନ୍ ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ :** ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ କେନ୍ଦ୍ର କ୍ୟାବିନେଟ୍ ବୁଧବାର କେନ୍ଦ୍ରୀୟ ବେତନ ଆୟୋଗ ପକ୍ଷରୁ କର୍ମଚାରୀଙ୍କ ବେତନ ଏବଂ ପେନ୍‌ସନ୍ ଲାଭ ସମ୍ପର୍କରେ କରାଯାଇଥିବା କେତେକ ସୁପାରିସ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛି। ତେବେ ଏଥିରେ ୨୦୧୬ ପୂର୍ବରୁ ଯେଉଁମାନେ ପେନ୍‌ସନ୍ ପାଉଛନ୍ତି ସେଥିରେ ସଂଶୋଧନ କରାଯାଇ ନୂଆ ସନ ଯୋଜନା ପେନ୍‌ସନ୍ ଯୋଜନାକୁ ମଞ୍ଜୁରି ଦିଆଯାଇଛି। ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧକ୍ଷତା କରିଥିଲେ। ବୈଠକରେ ଆୟୋଗଙ୍କ ସୁପାରିସଗୁଡିକର କାର୍ଯ୍ୟକାରିତାକୁ କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି। ଏହାଛଡା ୨୦୧୬-୧୭ ଆର୍ଥିକବର୍ଷ ଲାଗି ୮୪,୯୩୩ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ଅନୁଦାନ (୨୦୧୫-୧୬ର ୨ମାସର ବକେୟା ସମେତ)କୁ ଅନୁମୋଦନ ପ୍ରଦାନ କରାଯାଇଛି। ପ୍ରସ୍ତାବିତ ସଂଶୋଧନକୁ ୨୦୧୬ ଜାନୁଆରୀ ପହିଲାଠାରୁ ଲାଗୁ କରାଯିବ। ପେନ୍‌ସନ୍‌ରେ ହୋଇଥିବା ଏହି ସଂଶୋଧନ ପରେ ସରକାରଙ୍କ ବାର୍ଷିକ ପେନ୍‌ସନ୍ ବିଲ୍ ୧,୭୬,୦୭୧ କୋଟି ଟଙ୍କାରେ ପହଞ୍ଚିପାରେ। ସରକାରଙ୍କ ଏହି ନିଷ୍ପତ୍ତି ୨୦୧୬ ପୂର୍ବର ୫୫ ଲକ୍ଷରୁ ଅଧିକ ସାଧାରଣ, ପ୍ରତିରକ୍ଷା ଏବଂପାରିବାରିକ ପେନ୍‌ସନ୍‌ଧାରୀଙ୍କ ପାଇଁ ଲାଭବାନ ହେବେ। ଏସବୁ ବ୍ୟତୀତ ପ୍ରତିରକ୍ଷା କ୍ଷେତ୍ରର ପେନ୍‌ସନ୍‌ଧାରୀଙ୍କ ନିମନ୍ତେ ଅକ୍ଷମତା ପେନ୍‌ସନ୍ ଯୋଜନାକୁ ଆଜି ମଞ୍ଜୁରି ମିଳିଛି। ବୁଧବାର କେନ୍ଦ୍ର କ୍ୟାବିନେଟ୍‌ରେ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନିଆଯାଇଛି। ପ୍ରତିରକ୍ଷା କର୍ମଚାରୀଙ୍କ ପେନସନ୍ ଯୋଜନାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଆଜି କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହା ବ୍ୟତୀତ ନ୍ୟାସନାଲ ଷ୍ଟିଲ୍ ପଲିସି ଏବଂ ଆଇଟିଡିସିର ହୋଟେଲ ବିକ୍ରି ଯୋଜନାରେ ମଧ୍ୟ ଲାଗିଛି କ୍ୟାବିନେଟ୍ ମୋହର। ଆଇଟିଡିସିର ସମ୍ପତ୍ତିର ବିନିବେଶ ଯୋଜନାକୁ ମଞ୍ଜୁରୀ ମିଳିଥିବାରୁ ହୋଟେଲ ଅଶୋକ ଭୋପାଳ, ଅଶୋକ ଗୌହାଟୀ ଓ ହୋଟେଲ ଅଶୋକ ଭରତପୁର (ରାଜସ୍ଥାନ)ର ପରିଚାଳନାରୁ କେନ୍ଦ୍ର ସରକାର ଓ ଆଇଟିଡିସି ହଟିବେ। ଏହା ବ୍ୟତୀତ ଆଗ୍ରୋ ମେରାଇନ ପ୍ରୋସେସିଂକୁ ବି ଅନୁମୋଦନ ଦେଇ ଏଥିପାଇଁ ୨୦୨୦ ମସିହା ସୁଦ୍ଧା ୬୦୦୦ କୋଟି ଟଙ୍କା ଆବଣ୍ଟିତ କରିଛନ୍ତି।

# ଆଇଓସିଏଲ୍‌କୁ ଟିକସଛାଡ଼ ବିବାଦ ବାଟ ଫିଟୁନି

**ନୂଆଦିଲ୍ଲୀ :** ପାରାଦୀପ ତୈଳ ବିଶୋଧନାଗାରଠାରୁ ଟିକସ ରିହାତି ପ୍ରତ୍ୟାହାର ପ୍ରସଙ୍ଗକୁ ନେଇ ଭାରତୀୟ ତୈଳ ନିଗମ ଲିମିଟେଡ (ଆଇଓସିଏଲ) ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦର ସମାଧାନ ବାଟ ବାହାରି ପାରିନାହିଁ। ବିବାଦ ସମାଧାନ ପାଇଁ ୱାର୍କିଂ ଗ୍ରୁପର ଚତୁର୍ଥ ବୈଠକ ନୂଆଦିଲ୍ଲୀର ଶାସ୍ତ୍ରୀ ଭବନସ୍ଥିତ ପେଟ୍ରୋଲିୟମ ମନ୍ତ୍ରାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ତ୍ରିପାକ୍ଷିକ ବୈଠକରେ ପେଟ୍ରୋଲିୟମ ସଚିବ କପିଳ ଦେବ ତ୍ରିପାଠୀ ଅଧକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏବଂ ଆଇଓସିଏଲ୍ ପକ୍ଷରୁ ଏହାର ଅଧକ୍ଷ ବି.ଅଶୋକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ପ୍ରାୟ ୫୦ ମିନିଟ୍ ଧରି ଚାଲିଥିଲା। ବୈଠକରେ ରାଜ୍ୟ ସରକାର ଏବଂ ଆଇଓସିଏଲ୍ ପକ୍ଷରୁ ତଥ୍ୟ ଆଦାନ ପ୍ରଦାନ ହୋଇଥଲେ ମଧ କୌଣସି ବୁଝାମଣାର ଉଭୟ ପକ୍ଷ ପହଞ୍ଚି ପାରିନାହାନ୍ତି। ବୈଠକରେ ରାଜ୍ୟସରକାରଙ୍କ ପକ୍ଷରୁ ଆହୁରି ମଧ୍ୟ ଅଧିକ ତଥ୍ୟ ଆଇଓସିଏଲ୍‌କୁ ଦେବାକୁ କୁହାଯାଇଛି। ଚଳିତମାସ ଶେଷ ସପ୍ତାହରେ ପୁଣିଥରେ ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷରେ ଆଲୋଚନା ଜାରି ରହିଥିବା ବିଷୟ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ। ଏହି ମାମଲାର ଆପୋସ ସମାଧାନ ଦୁଇମାସ ମଧ୍ୟରେ ଶେଷ କରିବା ପାଇଁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟ ସୀମା ଶେଷ ହୋଇଯାଇଥିବାରୁ ଭବିଷ୍ୟତରେ ଆଲୋଚନାକୁ ଜାରି ରଖିବା ପାଇଁ ଅତିରିକ୍ତ ସମୟ ପ୍ରଦାନ ନିମନ୍ତେ ହାଇକୋର୍ଟକୁ ଅନୁରୋଧ କରାଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

# ଜାନୁଆରୀରେ ହୋଇପାରେ ବଜେଟ୍ ଉପସ୍ଥାପନ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ଆର୍ଥିକ ବର୍ଷ ଅବଧିକୁ ଜାନୁଆରୀ-ଡିସେମ୍ବର କରିବା ଓ ବଜେଟ୍ ଜାନୁଆରୀରେ ଉପସ୍ଥାପନ କରିବା ବିକଳ୍ପ ଉପରେ ବିଚାର କରୁଛନ୍ତି। ଯଦି ଆର୍ଥିକ ବର୍ଷ ଅବଧିରେ ପରିବର୍ତ୍ତନ ନହୁଏ ଏବଂ ଏହା ଏପ୍ରିଲ-ମାର୍ଚ୍ଚ ଅବଧି ହିଁ ରୁହେ ତେବେ କେନ୍ଦ୍ର ସରକାର ଜାନୁଆରୀ ମାସରେ ବଜେଟ୍ ଉପସ୍ଥାପନ କରିପାରନ୍ତି। ବିଭିନ୍ନ ପ୍ରକଳ୍ପଗୁଡିକୁ ଧାର୍ଯ୍ୟ ସମୟରେ ଫଣ୍ଡ ଆବଣ୍ଟନ ସୁନିଶ୍ଚିତ କରିବା ପାଇଁ ଚଳିତ ବର୍ଷ କେନ୍ଦ୍ର ସରକାର ବଜେଟ୍ ଫେବୃଆରୀ ୧ ତାରିଖରେ ଉପସ୍ଥାପନ କରିଥିଲେ। ଏହାପୂର୍ବରୁ ବଜେଟ୍ ସର୍ବଦା ଫେବୃଆରୀ ମାସର ଶେଷ ଦିନ(୨୮ କିମ୍ବା ୨୯ ତାରିଖ)ରେ ଉପସ୍ଥାପିତ ହେବାର ପ୍ରଥା ଚାଲିଆସିଥିଲା। ସରକାର ବର୍ତ୍ତମାନ ବିକଳ୍ପ ଉପରେ ବିଚାର କରୁଛନ୍ତି। ପ୍ରଥମ ବିକଳ୍ପ ହେଉଛି ଆର୍ଥିକ ବର୍ଷକୁ ଜାନୁଆରୀ-ଡିସେମ୍ବର ମଧ୍ୟରେ ରଖିବା। ଏଥିପାଇଁ ବଜେଟ୍‌କୁ ନଭେମ୍ବରରେ ଉପସ୍ଥାପନ କରିବାକୁ ପଡିବ। ସେହିପରି ୨ୟ ବିକଳ୍ପ ହେଉଛି ଆର୍ଥିକ ବର୍ଷ ଏପ୍ରିଲମାର୍ଚ୍ଚ ଅବଧିରେ ରହିବା ଓ ବଜେଟ୍ ଜାନୁଆରୀରେ ଉପସ୍ଥାପନ ହେବା। ଏହାଦ୍ୱାରା ବଜେଟ୍ ପ୍ରକ୍ରିୟା ଧାର୍ଯ୍ୟ ସମୟରେ ପୂରା ହୋଇପାରିବ ଓ ପରବର୍ତ୍ତୀ ଆର୍ଥିକ ବର୍ଷ ଆରମ୍ଭରେ ହିଁ ଫଣ୍ଡ ଆବଣ୍ଟିତ କରାଯାଇ ପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ନୀତି ଆୟୋଗ ସଞ୍ଚାଳନ ପରିଷଦ ବୈଠକରେ ଏହି ପ୍ରସଙ୍ଗ ଉଠାଇଥିଲେ।

**ଭିସା କଟକଣା ପ୍ରଭାବ**

# ୧୦ ହଜାର ଆମେରିକୀୟଙ୍କୁ ନିଯୁକ୍ତି ଦେବ ଇନ୍‌ଫୋସିସ୍

**ନୂଆଦିଲ୍ଲୀ :** ପ୍ରମୁଖ ଆଇଟି କମ୍ପାନୀ ଇନ୍‌ଫୋସିସ୍ ଆସନ୍ତା ଦୁଇବର୍ଷ ମଧ୍ୟରେ ୧୦ ହଜାର ଆମେରିକୀୟଙ୍କୁ ନିଯୁକ୍ତି ପ୍ରଦାନ କରିବ। ଏଥିସହିତ ଇନ୍‌ଫୋସିସ୍ ଆମେରିକାରେ ଏହି ସମୟ ମଧ୍ୟରେ ୪ଟି ଟେକ୍ନୋଲୋଜି ଆଣ୍ଡ ଇନୋଭେସନ୍ ହବ (ପ୍ରଯୁକ୍ତି ଓ ନୂତନତ୍ୱ କେନ୍ଦ୍ର) ମଧ ନିର୍ବାଣ କରିବ। ଇନ୍‌ଫୋସିସ୍ ଆମେରିକୀୟ ଏଚ୍-୧ବି ଭିସା ନିୟମରେ ପରିବର୍ତ୍ତନ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। କମ୍ପାନୀର ଏହି ନୂତନ ନିଯୁକ୍ତି ଏବଂ ସେଣ୍ଟରଗୁଡିକ ଜରିଆରେ ଇନ୍‌ଫୋସିସ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, କ୍ଲାଉଡ୍ ଓ ବିଗ୍ ଡାଟା ଭଳି ନୂଆ ଟେକ୍ନୋଲୋଜି କ୍ଷେତ୍ରରେ ନିଜର ଯୋଗଦାନ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଇନ୍‌ଫୋସିସ୍ ସିଇଓ ବିଶାଲ ସିକ୍‌କାଙ୍କ କହିବା ଅନୁସାରେ, ଚଳିତବର୍ଷ ଅଗଷ୍ଟରେ ଇଣ୍ଡିଆନାରେ ଖୋଲିବାକୁ ଥିବା ହବ୍ ୨୦୨୧ ସୁଦ୍ଧା ୨୦୦୦ ଆମେରିକୀୟଙ୍କୁ ନିଯୁକ୍ତି ପ୍ରଦାନ କରିବ। ସେହିପରି ଅନ୍ୟ ୩ଟି ହବ୍ ପାଇଁ ଆଗାମୀ କିଛି ମାସ ମଧ୍ୟରେ ସ୍ଥାନ ନିରୂପଣ କରାଯିବ। ଏହି ହବ୍‌ଗୁଡିକ ଲୋକଙ୍କୁ ଟେକ୍ନୋଲୋଜି ଓ ଇନୋଭେସନ୍ ପ୍ରଶିକ୍ଷଣ ଦେବା ସହ ଆର୍ଥିକ ସେବା, ନିର୍ମାଣ, ସ୍ୱାସ୍ଥ୍ୟସେବା, ଖୁଚୁରା ଓ ଶକ୍ତି ଭଳି ପ୍ରମୁଖ ଶିଳ୍ପର କ୍ଲାଏଣ୍ଟଙ୍କ ସହ କାମ କରିବାର ସୁଯୋଗ ପ୍ରଦାନ କରିବ।




୨୦୧୬-୧୭ ଆର୍ଥିକ ବର୍ଷରେ ଇନ୍‌ଫୋସିସ୍‌ର ମୋଟ ୧୦.୨ ବିଲିୟନ ଡଲାର ରାଜସ୍ୱର ୬୦% ଅଂଶ ଉତ୍ତର ଆମେରିକୀୟ ବଜାରରୁ ଆସିଥିଲା। ତେବେ ସିକ୍‌କାଙ୍କ କହିବା ମୁତାବକ ଏହି ପଦକ୍ଷେପ କେବଳ ଆମେରିକାରେ ଭିସା ନିୟମରୁ ପ୍ରଭାବକୁ କମ୍ କରିବା ପାଇଁ ନୁହେଁ। ଗତ ୩ ବର୍ଷ ମଧ୍ୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଭର୍ଚୁଆଲ ରିୟଲିଟି ଭଳି ନୂତନ ଟେକ୍ନୋଲୋଜିର ବ୍ୟବହାର ବଢ଼ିଛି ଓ ପାରମ୍ପରିକ ପ୍ରକଳ୍ପଗୁଡିକ ମଧ ସମ୍ପୂର୍ଣ୍ଣ ରୂପେ ସ୍ୱଚାଳିତ ହେଉଛନ୍ତି। କାର୍ଯ୍ୟଶୈଳୀ ଏବେ ପରବର୍ତ୍ତୀ ପିଢ଼ିରେ ପହଞ୍ଚିଛି। ତେଣୁ ଅନ୍ତର୍ଜାତୀୟ ଓ ସ୍ଥାନୀୟ ଦକ୍ଷ କର୍ମଚାରୀଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ। କିଛିଦିନ ତଳେ ଆମେରିକା ପ୍ରଶାସନ ଇନ୍‌ଫୋସିସ୍ ଓ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍)ର ଏଚ୍୧-ଭିସାରେ ବୃହତ୍ ଅଂଶ ଉପରେ ଚିନ୍ତା ବ୍ୟକ୍ତ କରିଥିଲା। ଆମେରିକା ଅଭିଯୋଗ କରିଥିଲା ଯେ, ଏଚ୍୧-ଭିସା ଲଟେରି ସିଷ୍ଟମରେ ଏହି ଦୁଇ କମ୍ପାନୀକୁ ଅଧିକ ଟିକଟ ମିଳୁଛି। ଏହି ଦୁଇ କମ୍ପାନୀ ୨୦୧୪-୧୫ରେ ୭୫୦୪ଟି ଏଚ୍-୧ବି ଭିସା ବ୍ୟବହାର କରିଛନ୍ତି।

## ସବାଖିଆଙ୍କୁ ଅନୁସୂଚିତ ଜାତି ମାନ୍ୟତା

**ନୂଆଦିଲ୍ଲୀ :** ଓଡ଼ିଶାର ସବାଖିଆ, ସୁଆଲଗିରି ଜାତିକୁ ଅନୁସୂଚିତ ଜାତି (ଏସ୍‌ସି) ତାଲିକାଭୁକ୍ତ କରାଯାଇଛି। ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଏ ସମ୍ପର୍କିତ ସଂଶୋଧନ ତାଲିକାକୁ ଅନୁମୋଦନ କରିଛନ୍ତି। ଏସ୍‌ସି ତାଲିକାରେ ସାମିଲ ଦ୍ୱାରା ଏହି ଜାତିକୁ ବିଭିନ୍ନ ପ୍ରକାର ସୁବିଧା ଯଥା ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି, ଜାତୀୟ ଛାତ୍ରବୃତ୍ତି, ରାଜୀବ ଗାନ୍ଧୀ ଜାତୀୟ ଛାତ୍ରବୃତ୍ତି, ରିହାତି ଋଣ ସୁବିଧା ମିଳିପାରିବ। କୌଣସି ଜାତିକୁ ଏସ୍‌ସି ତାଲିକାରେ ସାମିଲ କରିବାକୁ ହେଲେ ରାଷ୍ଟ୍ରପତିଙ୍କ ସହିତ ସଂସଦର ଅନୁମୋଦନ ଆବଶ୍ୟକ ହୋଇଥାଏ। ଗତ ମାର୍ଚ୍ଚରେ ଲୋକସଭା ଓ ରାଜ୍ୟସଭା ଏହି ସଂଶୋଧନକୁ ଅନୁମୋଦନ କରିଥିଲା। ସଂଶୋଧିତ ଏସ୍‌ସି ତାଲିକାରେ ଓଡ଼ିଶାର ସବାଖିଆ, ସୁଆଲଗିରି ଓ ସ୍ୱାଲଗିରି ଜାତିକୁ ସାମିଲ କରାଯାଇଛି।

### ରଥଯାତ୍ରାରେ ନୀତିଶୃଙ୍ଖଳା ପାଇଁ ପ୍ରଶାସନ ସଜାଗ

# ରଥ ଚଢ଼ିବେ କେବଳ ପାଳିଆ ସେବକ

**ପୁରୀ :** ଗତବର୍ଷ ନୀଳାଦ୍ରିବିଜେ ବିଶୃଙ୍ଖଳା ପରେ ଚଳିତବର୍ଷ ରଥଯାତ୍ରାରେ ନୀତିଶୃଙ୍ଖଳା ପାଇଁ ପ୍ରଶାସନ ଆହୁରି ସଜାଗ ହୋଇଉଠିଛି। ବିଶେଷକରି ଗତବର୍ଷ ରଥ ଉପରେ ସେବାୟତମାନଙ୍କ ଦ୍ୱାରା ହୋଇଥିବା ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଚଳିତବର୍ଷ ରଥ ଉପରେ ଚଢ଼ିବା ନେଇ ବିଶେଷ କଟକଣା ଲାଗୁ ହୋଇଛି। ବିଶେଷକରି ପାଳି ନ ଥିବା ସେବକଙ୍କୁ ରଥରେ ଚଢ଼ିବାକୁ ଅନୁମତି ଦିଆଯିବ ନାହିଁ। କେବଳ ନିର୍ଦ୍ଦିଷ୍ଟ ସଂଖ୍ୟକ ପାଳିଆ ସେବକମାନେ ରଥ ଚଢ଼ିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଯିବ। ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ହୋଇ ଶ୍ରୀମନ୍ଦିରରୁ ରଥକୁ ବିଜେ କରିବା ବେଳେ ଅନଧିକୃତ ସେବକ ତାଙ୍କୁ ସ୍ପର୍ଶ କରିପାରିବେ ନାହିଁ। ତେଣୁ ଆଗାମୀ ରଥଯାତ୍ରାରେ କେଉଁ ସେବକମାନେ ମହାପ୍ରଭୁଙ୍କ ସ୍ପର୍ଶ ପାଇଁ ଅଧିକୃତ ତାହାର ତାଲିକା ମାଗିଛି ପୋଲିସ। ଆରକ୍ଷୀ ଅଧିକ୍ଷକ ଡାକ୍ତର ସାର୍ଥକ କୁମାର ଷଡ଼ଙ୍ଗୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ମଙ୍ଗଳବାର ଏକ ଚିଠି ଲେଖିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଗତବର୍ଷ ନୀଳାଦ୍ରିବିଜେ ଏବଂ ଦେବସ୍ନାନ ପୂର୍ଣ୍ଣିମାରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ରଥରେ ଚଢ଼ିବାକୁ କିଏ ଅଧିକୃତ ଏବଂ କିଏ ଅନଧିକୃତ ତାହା ଚିହ୍ନଟ କରିବା ପୋଲିସ ପକ୍ଷରେ ସମ୍ଭବପର ନୁହେଁ। ମନ୍ଦିର ପ୍ରଶାସନ ଯେଉଁ ସେବକଙ୍କ ତାଲିକା ପ୍ରଦାନ କରିବ, କେବଳ ସେମାନଙ୍କୁ ହିଁ ରଥ ଉପରକୁ ଛଡ଼ାଯିବ। ସେବକ ପରିବାର ସଦସ୍ୟଙ୍କୁ ରଥରେ ଚଢ଼ିବାକୁ ଦିଆଯିବ ନାହିଁ ବୋଲି ଶ୍ରୀ ଷଡ଼ଙ୍ଗୀ ସ୍ପଷ୍ଟ କରିଛନ୍ତି। ଏହାଛଡ଼ା ଅନଧିକୃତ ସେବକଙ୍କୁ ଅଟକାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଛନ୍ତି। ରଥଯାତ୍ରା ଏବଂ ସ୍ନାନମଣ୍ଡପରେ ବିଶୃଙ୍ଖଳା ଯୋଗୁଁ ପୋଲିସ ଅଯଥାରେ ବଦନାମ ହେଉଥିବା ଏସ୍‌ପି ମତ ଦେଇଛନ୍ତି। ଦେବସ୍ନାନ ପୂର୍ଣ୍ଣିମାରେ ମଧ୍ୟ ଏହି କଟକଣା କାର୍ଯ୍ୟକାରୀ କରାଯିବ। ତେଣୁ ଶ୍ରୀମନ୍ଦିର ପ୍ରାସନ ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା କରି ଅଧିକୃତ ସେବକଙ୍କ ତାଲିକା ଦେବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଶ୍ରୀ ଷଡ଼ଙ୍ଗୀଙ୍କ ସୂଚନା ଅନୁଯାୟୀ ଚଳିତବର୍ଷ ସ୍ନାନପୂର୍ଣ୍ଣିମାରେ କେବଳ ପାଳିଆ ସେବକଙ୍କୁ ମଣ୍ଡପକୁ ଛଡ଼ାଯିବ। ଅନଧିକୃତ ସେବକମାନେ ସାଧାରଣ ଭକ୍ତଙ୍କ ଭଳି କର୍ଡନ ବାହାରେ ରହିବେ। ନୀତିକୁ ଶୃଙ୍ଖଳିତ କରିବା ପାଇଁ ଏଭଳି ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଏସ୍‌ପି କହିଥିବା ବେଳେ ଏହାଦ୍ୱାରା ପରମ୍ପରା ଭଙ୍ଗ ହେବା ନେଇ ଅନେକ ସେବକ ଆଶଙ୍କା ପ୍ରକାଶ କରିଥିଲେ। ସେମାନଙ୍କ ଉଦ୍ଦେଶ୍ୟରେ ଏସ୍‌ପି କହିଥିଲେ ଯେ ଏ ନେଇ ଆଶଙ୍କିତ ସେବକମାନେ ଉଚ୍ଚନ୍ୟାୟାଳୟ କିମ୍ବା ଶ୍ରୀମନ୍ଦିର ପ୍ରଶାସନଠାରୁ ସଂଶୋଧିତ ନିର୍ଦ୍ଦେଶନାମା ଆଣିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଏସ୍‌ପିଙ୍କ ସମେତ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ ଉପସ୍ଥିତ ଥିଲେ।

# ଜୁନ୍ ୨ ସୁଦ୍ଧା ଶେଷ ହେବ ଜଗମୋହନ ମରାମତି



**କଟକ :** ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଜଗମୋହନ ମରାମତି କାର୍ଯ୍ୟ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଚାଲିଚି ଓ ଜୁନ୍ ୨ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ଦର୍ଶାଯାଇଛି। ଏଏସଆଇ ପକ୍ଷରୁ ଭୁବନେଶ୍ୱର ସର୍କଲର ସୁପରନି୍‌ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଏଚ୍.ଏ.ନାୟକ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଯାଇଛି ଯେ ଜଗମୋହନ ଭିତରର ପ୍ରମୁଖ ପଥର ସ୍ତମ୍ଭର ଅଗ୍ରଭାଗକୁ ଷ୍ଟେନ୍‌ଲେସ୍ ଷ୍ଟିଲ ପ୍ଲେଟରେ ଆବଦ୍ଧ କାମ ସରିଛି। ସମସ୍ତ ୭ଟି ପକେଟରେ ଷ୍ଟେନଲେସ୍ ଷ୍ଟିଲ ପକେଟ୍ ଫ୍ରେମ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପୋର୍ଟାଲ ଫ୍ରେମର ବେସ୍ କାମ ସରିଛି ଓ ଷ୍ଟିଲ ସ୍ତମ୍ଭ ଛିଡ଼ା କରାଯାଇଛି। ଫାବ୍ରିକେସନ୍ କାମ ଚାଲିଛି। ପ୍ରମୁଖ ପଥର ସ୍ତମ୍ଭକୁ ଷ୍ଟେନ୍‌ଲେସ୍ ଷ୍ଟିଲ ପ୍ଲେଟରେ ଆବଦ୍ଧ କାମ (ଜ୍ୟାକେଟିଂ) ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କରୁଛି। ଚାରିଟି ସ୍ତମ୍ଭ ଭିତରୁ ୩ଟିର ଜ୍ୟାକେଟିଂ କାମ ସରିଛି। ଜୁନ୍ ୨ ତାରିଖ ପୂର୍ବରୁ ମରାମତି କାମ ସମ୍ପୂର୍ଣ୍ଣ କରିବାକୁ ଏଏସ୍‌ଆଇ ସହିତ କାର୍ଯ୍ୟ କରୁଥିବା ପୂର୍ତ୍ତ ବିଭାଗ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସମସ୍ତ ଚେଷ୍ଟା ଜାରି ରଖିଛି ବୋଲି ଏହି ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ଜୁନ୍ ୨ ତାରିଖ ସୁଦ୍ଧା ଷ୍ଟେନଲେସ୍ ଷ୍ଟିଲ ପୋର୍ଟାଲ ଫ୍ରେମ୍ ସ୍ଥାପନ କାମ ସରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଯନ୍ତ୍ରୀ (ବିଲ୍ଡିଂ) ଏସ୍‌ଆର ସେଠୀ ମଧ୍ୟ ସତ୍ୟପାଠରେ ଦର୍ଶାଇଛନ୍ତି। ଏଥିସହିତ ପୁରୀ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ ମଧ୍ୟ ମରାମତି କାର୍ଯ୍ୟର ଅଗ୍ରଗତି ନେଇ ସତ୍ୟପାଠ ଦାଖଲ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ କାମ ଚାଲିଛି ବୋଲି ସେ ଦର୍ଶାଇଛନ୍ତି। ଇଂଜିନିୟର ଏନ୍.କେ ମହାନ୍ତି ଜଗମୋହନ ମରାମତି ସମ୍ପର୍କିତ ଷ୍ଟାଟସ ରିପୋର୍ଟ ହାଇକୋର୍ଟରେ ଦାଖଲ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଓ ଯୋଜନା ଅନୁସାରେ ପୋର୍ଟାଲ ଫ୍ରେମ୍ କାର୍ଯ୍ୟ ଜାରି ରହିଛି ବୋଲି ଶ୍ରୀ ମହାନ୍ତି ଦର୍ଶାଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଭିନିତ ସରନ ଓ ଜଷ୍ଟିସ କେ.ଆର୍.ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଜଗମୋହନ ମରାମତି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମେ' ୧୮ ତାରିଖ ସୁଦ୍ଧା ସାନି ସତ୍ୟପାଠ ମାଧ୍ୟମରେ ଅବଗତ କରିବା ପାଇଁ ସମସ୍ତ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଗମୋହନ ମରାମତି କାର୍ଯ୍ୟ ପରିଦର୍ଶନ କରିବା ପାଇଁ ଶୁଣାଣି ସମୟରେ ମୁଖ୍ୟ ବିଚାରପତିଙ୍କୁ ଆବେଦନକାରୀଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ଗତ ଶୁକ୍ରବାର ସଂଧ୍ୟାରେ ଗଜପତି ମହାରାଜ ଦିବ୍ୟସିଂହଦେବ ସପରିବାର ଶ୍ରୀମନ୍ଦିର ଦର୍ଶନ କରିଥିଲେ। ଏତିକିବେଳେ ସେ ଜଗମୋହନ ମରାମତି ପ୍ରସଙ୍ଗରେ ମନ୍ଦିର ସେବାୟତ ଓ ପ୍ରଶାସନ ସହ ଆଲୋଚନା କରିଛନ୍ତି।

# ଶିକ୍ଷା ଟ୍ରିବ୍ୟୁନାଲରେ ବିଚାରପତି ପଦ ଖାଲି

**ଭୁବନେଶ୍ୱର :** ରାଜ୍ୟରେ ଶିକ୍ଷକମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଗଠନ ହୋଇଥିବା ଶିକ୍ଷା ଟ୍ରିବ୍ୟୁନାଲରେ ଦୀର୍ଘଦିନ ଧରି ଖାଲି ପଡିଛି ବିଚାରପତି ପଦବୀ। ଏଥିଯୋଗୁ ଏହି ବିଚାରାଳୟରେ ୬ ହଜାରରୁ ଅଧିକ ମାମଲା ପଡିଥିବା ବେଳେ କର୍ମଚାରୀମାନେ ବିନା କାମରେ ପାଉଣା ନେଉଥିବା ସୂଚନା ମିଳିଛି। ସତୁରୀ ଦଶକରେ ଗଠନ ହୋଇଥିବା ଏହି ଟ୍ରିବ୍ୟୁନାଲରେ ଅନେକ ସମୟରେ ବିଚାରପତି ପଦବୀ ଖାଲି ରହୁଛି। ଗତ ନଭେମ୍ବର ମାସରୁ କାର୍ଯ୍ୟରତ ବିଚାରପତି ଅବସର ଗ୍ରହଣ କରିଥିବା ଜଣାଯାଇଛି। ଇତିମଧ୍ୟରେ ଦୀର୍ଘ ୫ ମାସ ବିତିଯାଇଥିଲେ ମଧ୍ୟ ନୂତନ ବିଚାରପତି ନିଯୁକ୍ତି ହୋଇପାରୁନାହାନ୍ତି। ଏଥିଯୋଗୁ ବିଚାର ଅପେକ୍ଷାରେ ଥିବା ହଜାର ହଜାର ମାମଲା ଗଡୁଛି ଏବେ ଅଦାଲତରେ। ଏହି ଟ୍ରିବ୍ୟୁନାଲ ଚଳାଇବା ପାଇଁ ରାଜ୍ୟ ସରକାର କର୍ମଚାରୀ ନିଯୁକ୍ତି କରିଥିବା ବେଳେ ସେମାନଙ୍କ ପାଉଣା ବାବଦରେ ରାଜକୋଷରୁ ବହୁ ଅର୍ଥ ବ୍ୟୟ ହେଉଛି। ବର୍ତ୍ତମାନ ବିଚାରପତି ନଥିବାରୁ କର୍ମଚାରୀମାନଙ୍କ ହାତରେ ଏକ ପ୍ରକାର କାମ ନାହିଁ କହିଲେ ଚଳେ। ଅଧିକାଂଶ କର୍ମଚାରୀ ଏଠାରେ ବିନା କାମରେ ବସି ରହୁଥିବା ଦେଖାଯାଉଛି। ଶିକ୍ଷା ଟ୍ରିବ୍ୟୁନାଲରେ ବିଚାରପତି ନିଯୁକ୍ତ କରିବା ଦାୟିତ୍ୱ ରାଜ୍ୟ ସରକାରଙ୍କର। ନୂତନ ବିଚାରପତି ନିଯୁକ୍ତି ଲାଗି ରାଜ୍ୟ ସରକାର ଓଡ଼ିଶା ହାଇକୋର୍ଟଙ୍କୁ ଅନୁରୋଧ କରିବା ପରେ ମାନ୍ୟବର ହାଇକୋର୍ଟ ଏଠାରେ ବିଚାରପତି ନିଯୁକ୍ତି କରିଥାନ୍ତି। କିନ୍ତୁ ଦୀର୍ଘ ୫ ମାସ ପରେ ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲରେ ବିଚାରପତି ନିଯୁକ୍ତ ନ ହେବା ଏବେ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି ବୋଲି ଆଲୋଚନା ହେଉଛି। ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକମାନେ ସେମାନଙ୍କ ଚାକିରି ସମସ୍ୟା ନେଇ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍)ର ଦ୍ୱାରସ୍ଥ ହେଉଥିବା ବେଳେ ରାଜ୍ୟରେ ଥିବା ଘରୋଇ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କ ଚାକିରି ସମସ୍ୟା ନେଇ ଶିକ୍ଷା ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥାନ୍ତି। ବିଚାରପତି ନ ଥିବାରୁ ଏବେ ଅନେକ ଶିକ୍ଷକ ସେମାନଙ୍କ ମାମଲା ଫଇସଲା ନେଇ ଚିନ୍ତାରେ ପଡ଼ିଛନ୍ତି। ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷା ଟ୍ରିବ୍ୟୁନାଲରେ ମାମଲା ରୁଜୁ କରିଛନ୍ତି ସେମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ଉଚ୍ଚ ନ୍ୟାୟାଳୟକୁ ଯିବା ପାଇଁ ଇଚ୍ଛୁକ ନଥିବା ବେଳେ କେତେକ ଶିକ୍ଷକ ଏବେ ଏ ଦିଗରେ ଆଗଭର ହେଉଥିବା ଜଣାପଡିଛି। ମାମଲା ରୁଜୁ କରିଥିବା ଶିକ୍ଷକମାନଙ୍କ ମତରେ ସରକାର ଏଠାରେ ମାମଲା ପରିଚାଳନା ପାଇଁ ସରକାରୀ ଓକିଲ ନିଯୁକ୍ତ କରିଥିବା ବେଳେ ବିଚାରପତି ନିଯୁକ୍ତି ପାଇଁ ଆଗ୍ରହ ପ୍ରକାଶ କରୁନଥିବାରୁ ମାମଲା ଫଏସଲା କ୍ଷେତ୍ରରେ ବିଳମ୍ବ ଘଟୁଛି ବୋଲି ଶିକ୍ଷକ ଶିକ୍ଷୟିତ୍ରୀମାନେ କହୁଛନ୍ତି।

## ସ୍ୱାଧୀନତା ସଂଗ୍ରାମୀଙ୍କ ପେନ୍‌ସନ୍ ରାଶି ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦିଆଯାଉଥିବା ପେନ୍‌ସନ୍ ରାଶି ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ ଅର୍ଥ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ଜେଲ୍ ଯାଇଥିବା ସଂଗ୍ରାମୀମାନଙ୍କ ମାସିକ ପେନ୍‌ସନ୍ ପରିମାଣ ୬ ହଜାର ଟଙ୍କାରୁ ୧୦ ହଜାର ଟଙ୍କା, ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ଓ ଗୋଆ ମୁକ୍ତି ଆନ୍ଦୋଳରେ ଯୋଗ ଦେଇଥିବା ସଂଗ୍ରାମୀମାନଙ୍କ ମାସିକ ପେନ୍‌ସନ୍‌କୁ ୫ ହଜାର ଟଙ୍କାରୁ ୯ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

### କେନ୍ଦ୍ର କ୍ୟାବିନେଟ୍ ସଚିବ-ମୁଖ୍ୟ ସଚିବ ଆଲୋଚନା

# ଭିତ୍ତିଭୂମିକୁ ପ୍ରାଧାନ୍ୟ

**ଭୁବନେଶ୍ୱର :** ରାଜ୍ୟର ବିକାଶ ପାଇଁ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେବା ସହ ତଳସ୍ତରରେ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ସରକାର ପ୍ରାଥମିକତା ଦେବା ଆବଶ୍ୟକ ବୋଲି ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। କେନ୍ଦ୍ର କ୍ୟାବିନେଟ୍ ସଚିବଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂରେ ଆଲୋନା ବେଳେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏଥିନେଇ ରାଜ୍ୟର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବୁଧବାର ସଚିବାଳୟରେ ଅନୁଷ୍ଠିତ ଭିଡ଼ିଓ କନ୍‌ଫରେନ୍ସିଂ ସମୟରେ ମୁଖ୍ୟ ସଚିବ ରାଜ୍ୟର ମାଓ ପ୍ରଭାବିତ ଅଞ୍ଚଳରେ ଗମନାଗମନ ସୁବିଧା ସହ ଆନ୍ତର୍ଜାତିକ ବିମାନଚଳାଚଳ ଉପରେ ରାଜ୍ୟର ଆବଶ୍ୟକତା ସମ୍ପର୍କରେ କେନ୍ଦ୍ରକୁ ଅବଗତ କରିଛନ୍ତି। ଏହା ସହ ପାରାଦ୍ୱୀପ-ହରିଦାସପୁର ରେଳପ୍ରକଳ୍ପକୁ ଶେଷ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ ପାଇଁ କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି। ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ନିମନ୍ତେ ଲୋକସଭା ସଂକ୍ରାନ୍ତ ନିୟମ ରାଜ୍ୟର ସବୁ ନକ୍ସଲ ପ୍ରଭାବିତ ଜିଲା ପାଇଁ ଲାଗୁ କରିବା ନିମନ୍ତେ ମୁଖ୍ୟ ସଚିବ ଦାବି ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ ମାଲକାନଗିରି ଓ କୋରାପୁଟ ଜିଲା ପାଇଁ ଏହି ନିୟମ ଲାଗୁ କରାଯାଇଛି। କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, କନ୍ଧମାଳ,ବୌଦ୍ଧ, ସୋନପୁର ଆଦି ଜିଲାରେ ନକ୍ସଲ ଉପଦ୍ରବ ବୃଦ୍ଧି ପାଇଛି। ଏହି ଜିଲାରେ ସଡ଼କ ଯୋଗାଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଲୋକସଂଖ୍ୟା ସଂକ୍ରାନ୍ତ କୋହଳ ନିୟମ ଏ ସବୁ ଜିଲାରେ ଲାଗୁ କରା ନ ଗଲେ ସମୟକ୍ରମେ ଏହା ଅନ୍ୟ ଜିଲ୍ଲାକୁ ବ୍ୟାପିପାରେ ବୋଲି ମୁଖ୍ୟ ସଚିବ ଆଶଙ୍କା ପ୍ରକାଶ କରିଛନ୍ତି। ଅନୁରୂପ ଭାବରେ ପାରାଦ୍ୱୀପ- ହରିଦାସପୁର ରେଳପ୍ରକଳ୍ପ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରି ଏହାକୁ ୨୦୧୮ ମାର୍ଚ୍ଚ ସୁଦ୍ଧା ଶେଷ କରିବା ପାଇଁ ମୁଖ୍ୟ ସଚିବ ଅନୁରୋଧ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଜମି ସହ ପ୍ରକଳ୍ପ ନିର୍ମାଣ ବାବଦରେ ସରକାର ଅଂଶଧନ ମଧ୍ୟ ଯୋଗାଇଛନ୍ତି। ଏହି ରେଳପଥ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ସମ୍ପୂର୍ଣ୍ଣ ପାଇଁ ୨୦୧୬ ଡ଼ିସେମ୍ବର ମାସ ଧାର୍ଯ୍ୟ ହୋଇଥିଲା। ଜମି ଅଧିଗ୍ରହଣ ସହ ଅନ୍ୟାନ୍ୟ ସହଯୋଗ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ମାତ୍ର ଏହି କାର୍ଯ୍ୟ ନିମନ୍ତେ ନିଯୁକ୍ତ ଠିକାଦାର ସଠିକ୍ ସମୟରେ କାର୍ଯ୍ୟ ଶେଷ କରିବାରେ ବ୍ୟର୍ଥ ହୋଇଛନ୍ତି। ତେଣୁ ଠିକାଦାର ପରିବର୍ତ୍ତନ କରାଯାଇ ନୂତନ ସଂସ୍ଥାକୁ ନିଯୁକ୍ତି ଦିଆଯାଇଛି ଏବଂ ତାହାକୁ ଧାର୍ଯ୍ୟ ସମୟରେ ଶେଷ କରିବାକୁ ମୁଖ୍ୟ ସଚିବ ଅନୁରୋଧ କରିଛନ୍ତି। ଭୁବନେଶ୍ୱରରୁ ଦୁବାଇ ସିଧାସଳଖ ଆନ୍ତର୍ଜାତିକ ବିମାନ ଉଡ଼ାଣ ସପକ୍ଷରେ ମଧ୍ୟ ଶ୍ରୀ ପାଢ଼ୀ ଯୁକ୍ତି ଉପସ୍ଥାପନ କରିଛନ୍ତି। ଏହି ବିମାନ ଚଳାଚଳ ହେଲେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ଉପଯୁକ୍ତ ସହଯୋଗ ମିଳିବ ଏବଂ ମଧ୍ୟପ୍ରାଚ୍ୟ, ୟୁରୋପ ଓ ଆମେରିକା ସହ ରାଜ୍ୟର ଯୋଗାଯୋଗ ସ୍ଥାପନ ହୋଇପାରିବ। ଯାତାୟାତ, ଶିଳ୍ପାୟନ ଓ ପର୍ଯ୍ୟଟନ କ୍ଷେତ୍ରରେ ଏହା ଉପଯୁକ୍ତ ସହଯୋଗ କରିବ ବୋଲି ସେ କହିଛନ୍ତି। ଏହାବ୍ୟତୀତ ଜୁନାଗଡ଼ଠାରେ ରେଳବାଇ ଗୋଦାମ, ଖୋର୍ଦ୍ଧାରୋଡ଼ ଜଙ୍କସନ ବାଇପାସ୍, ଭୁବନେଶ୍ୱର ବିମାନବନ୍ଦର ରନୱେ ସମ୍ପ୍ରସାରଣ, ମନରେଗାରେ ଅଧିକ ଅର୍ଥ ପ୍ରଦାନ, ଓଡ଼ିଶା ଖଣି ନିଗମର ଗନ୍ଧମାର୍ଦ୍ଦନ, ଦୈତାରୀ, କୁର୍‌ମିତାର, ମହାପର୍ବତ ଖଣି ଲାଗି ପରିବେଶ ମଞ୍ଜୁରୀ ପ୍ରଦାନ ସମ୍ପର୍କରେ ମଧ୍ୟ ସକାରାତ୍ମକ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଛନ୍ତି। ବୈଠକରେ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସଞ୍ଜୀବ ଚୋପ୍ରା, ଦିଲ୍ଲୀସ୍ଥିତ ଆବାସିକ କମିଶନର ସଞ୍ଜିବ ମିଶ୍ର, ଗ୍ରାମ୍ୟ ଉନ୍ନୟନ ସଚିବ ବିଷ୍ଣୁପଦ ସେଠୀ, ପଞ୍ଚାୟତିରାଜ ସଚିବ ଦେଓରଞ୍ଜନ କୁମାର ସିଂହ, ଓଏମ୍‌ସି ଏମ୍‌ଡ଼ି ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

## ୧୨ରେ +୨ ରେଜଲ୍ଟ

**ଭୁବନେଶ୍ୱର :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ ବିଭାଗ ପରୀକ୍ଷା ଫଳ ଆସନ୍ତା ୧୨ ତାରିଖରେ ପ୍ରକାଶ ପାଇବ। ସେହିଦିନ ପୂର୍ବାହ୍ନ ୧୧ଟାରେ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିବେ। ଏଥିରେ ବିଭାଗୀୟ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପରୀକ୍ଷା ଫଳ ପ୍ରକାଶ ପାଇବା କ୍ଷଣି ଛାତ୍ରଛାତ୍ରୀମାନେ ୱେବ୍‌ସାଇଟ୍‌ରେ ଦେଖିପାରିବେ ବୋଲି ଗଣଶିକ୍ଷା ବିଭାଗ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ବୈଷୟିକ ଶିକ୍ଷା ଓ ମେଡିକାଲ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାକୁ ଦୃଷ୍ଟିରେ ରଖି +୨ ବିଜ୍ଞାନ ପରୀକ୍ଷା ଫଳ ଶୀଘ୍ର ପ୍ରକାଶ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଓଡ଼ିଶାର ୯୦ ହଜାର ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ। ତାହାକୁ ଦୃଷ୍ଟିରେ ରଖି ଗତ ଏପ୍ରିଲ ୨୮ ତାରିଖ ସୁଦ୍ଧା ବିଜ୍ଞାନ ବିଭାଗ ପରୀକ୍ଷା ଖାତାଗୁଡିକର ଇ-ମୂଲ୍ୟାୟନ ଶେଷ ହୋଇଛି। ତେଣୁ ମେ' ୧୨ରେ ଫଳ ପ୍ରକାଶ କରାଯିବ। ଅନ୍ୟପକ୍ଷରେ ବାଣିଜ୍ୟ ଏବଂ କଳା ବିଭାଗ ପରୀକ୍ଷା ଫଳ ମେ' ଶେଷ ସପ୍ତାହରେ ବାହାରିବ। ଏବେ ସୁଦ୍ଧା ଉକ୍ତ ଦୁଇ ବିଭାଗର ଖାତା ମୂଲ୍ୟାୟନ ଶେଷ ହୋଇନାହିଁ। ପ୍ରବଳ ଖରା ଯୋଗୁଁ ଖାତା ମୂଲ୍ୟାୟନରେ ଅସୁବିଧା ସୃଷ୍ଟି ହେଉଛି।

# ୨୫ରେ ରାଜ୍ୟସଭା ଉପନିର୍ବାଚନ

### ବିଷ୍ଣୁଙ୍କ ସ୍ଥାନ ନେବ କିଏ ?

**ଭୁବନେଶ୍ୱର :** ରାଜ୍ୟସଭାରେ ଓଡ଼ିଶା ଓ ମଣିପୁରର ଖାଲିଥିବା ଗୋଟିଏ ଲେଖାଏଁ ଆସନ ପାଇଁ ମେ ୨୫ ତାରିଖରେ ନିର୍ବାଚନ କରାଯିବ। ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ଏକ ପ୍ରେସ ଇସ୍ତାହାରରେ ଏହା କୁହାଯାଇଛି। ବିଷ୍ଣୁ ଚରଣ ଦାସଙ୍କ ଇସ୍ତଫା ପରେ ରାଜ୍ୟସଭାରେ ଓଡ଼ିଶାର ଗୋଟିଏ ଆସନ ଖାଲି ରହିଛି। ସେହିପରି ମଣିପୁରର ରାଜ୍ୟସଭା ପ୍ରାର୍ଥୀ ହାଜି ଅବଦୁଲ ସଲାମଙ୍କ ଦେହାନ୍ତ ଯୋଗୁଁ ଗୋଟିଏ ଆସନ ଖାଲିଥିବାରୁ ଏହି ଦୁଇ ଆସନ ପାଇଁ ଉପ ନିର୍ବାଚନ କରାଯିବ। ଏଥିପାଇଁ ନିର୍ବାଚନ କମିଶନ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ଖାଲିଥିବା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରତିନିଧିତ୍ୱ କରିବା ନିଶ୍ଚିତ। ଆସନ୍ତା ୮ ତାରିଖରେ ନିର୍ବାଚନ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନପତ୍ର ଦାଖଲ ପାଇଁ ମେ ୧୫ ଶେଷ ତାରିଖ ରଖାଯାଇଛି। ୧୬ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ ଏବଂ ୧୮ ତାରିଖ ନାମାଙ୍କନ ପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସ। ମେ ୨୫ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସେହିଦିନ ଅପରାହ୍ନ ୫ଟାରେ ଭୋଟ ଗଣତି କରାଯିବ। ମେ ୨୭ ତାରିଖ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଓଡ଼ିଶାରୁ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରୁଥିବା ବିଷ୍ଣୁଙ୍କ କାର୍ଯ୍ୟକାଳ ୨୦୨୨ ମସିହା ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଥିଲେ ମଧ୍ୟ ସେ ଗତ ମାର୍ଚ୍ଚ ମାସ ୨୧ ତାରିଖରେ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଖାଲିଥିବା ଏହି ଆସନ ପାଇଁ ନିର୍ବାଚିତ ପ୍ରାର୍ଥୀ ୨୦୨୨ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ ପଦରେ ରହିବେ। ବିଜେଡିରୁ କିଏ ପ୍ରାର୍ଥୀ ହେବ ସେ ନେଇ ଆଲୋଚନା ଆରମ୍ଭ ହୋଇଥିବା ବେଳେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି।

## ୮ ସହରରେ ହେବ 'ଭୁବନେଶ୍ୱର ୱାନ୍' ମଡେଲ

**ଭୁବନେଶ୍ୱର :** ଏଣିକି ଲାପଟପ୍ ହେଉ କି ସ୍ମାର୍ଟ ଫୋନ୍, ଗୋଟିଏ କ୍ଲିକ୍‌ରେ ସହରର ସବୁ ତଥ୍ୟ ମିଳିବ। ସରକାରୀ ସୂଚନା ଠାରୁ ଆରମ୍ଭ କରି ସହରର ପ୍ରମୁଖ ଅନୁଷ୍ଠାନଗୁଡିକ ସମ୍ପର୍କରେ, ଏପରିକି ସହରର କେଉଁ ଅଞ୍ଚଳରେ କେତେ ଟ୍ରାଫିକ ଭିଡ଼ ଅଛି, ରାସ୍ତାରେ ଦୁର୍ଘଟଣା ହୋଇଛି କି ନାହିଁ, କେଉଁ ଅଞ୍ଚଳରେ କେତେବେଳେ କେତେ ପାଣି ଜନସ୍ୱାସ୍ଥ୍ୟ ବିଭାଗ ଯୋଗାଉଛି, ଅଙ୍ଗନୱାଡି କେଉଁଠି ଅଛି ଓ ସେଥିରେ କେତେ ପିଲା ପଢୁଛନ୍ତି, ସହରର କେଉଁ ଗଳିରେ କେତେ ସ୍କୁଲ ଅଛି ଓ ସ୍କୁଲରେ କେତେ ପିଲା ଏବଂ ଶିକ୍ଷକ ଅଛନ୍ତି, ସରକାର କେଉଁ ନିୟମ ନୂଆ ଲାଗୁ କରିଛନ୍ତି, କେଉଁ ଅଫିସରେ କିଏ ମୁଖ୍ୟ ଅଛନ୍ତି, ସହରରେ କେଉଁଠି କାର୍ଯ୍ୟକ୍ରମ ହେଉଛି, କେଉଁ ପାର୍କ କେତେବେଳ ପର୍ଯ୍ୟନ୍ତ ଖୋଲା ରହୁଛି ଓ କ'ଣ ସୁବିଧା ସୁଯୋଗ ମିଳୁଛି। ଏହିଭଳି ସହରର ସବୁ ଖବର ଚୁଟ୍‌କିରେ ମିଳିବ। ସ୍ମାର୍ଟସିଟି ଭୁବନେଶ୍ୱରରେ ଏହି ଭଳି ସେବା 'ଭୁବନେଶ୍ୱର ୱାନ୍' ମଡେଲ୍ ମାଧ୍ୟମରେ ଖୁବ୍ ଶୀଘ୍ର ମିଳିବାକୁ ଥିବା ବେଳେ ରାଜ୍ୟର ବାକି ୮ଟି ସହରରେ ଏହି ମଡେଲରେ ଲୋକଙ୍କୁ ସେବା ଯୋଗାଇବାକୁ ସରକାର ଯୋଜନା କରୁଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର ବାଦ୍ ରାଜ୍ୟର ବାକି ୮ଟି ଅମୃତ ସହର ଯଥା କଟକ, ପୁରୀ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ଭଦ୍ରକ, ବାରିପଦା, ବାଲେଶ୍ୱରରେ ଏହି ମଡେଲ୍ ଆରମ୍ଭ କରାଯିବ। ୮ଟି ସହରର ବାସିନ୍ଦାଙ୍କୁ ଅନ୍‌ଲାଇନ୍‌ରେ ଓ ଡିଜିଟାଲ ମାଧ୍ୟମରେ ସେବା ଯୋଗାଇବାକୁ ନିଷ୍ପତ୍ତି ହୋଇଛି। ୮ଟି ସହରରେ ଏହି ମଡେଲ୍ ଆରମ୍ଭ ହେଲେ ଏହା ମୋବାଇଲ୍ ଆପ୍ ମାଧ୍ୟମରେ ଦିଆଯିବ କି ୱେବ୍‌ସାଇଟ୍‌ରେ ଦିଆଯିବ, କେତେଦିନ ମଧ୍ୟରେ ଏହି ମଡେଲ ପ୍ରସ୍ତୁତ ହେବ, କେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯିବ ସେନେଇ ଆସନ୍ତା ୧୨ ତାରିଖରେ ବସିବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ।

# ମଦ ବେପାର ପାଇଁ ଚାଲିଛି ସରକାରଙ୍କ ନୂଆ ଷଡ଼ଯନ୍ତ୍ର

**ଭୁବନେଶ୍ୱର :** ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ମଦର ବନ୍ୟା ଛୁଟାଇବାକୁ ଚାହୁଁଥିବା ରାଜ୍ୟ ସରକାର ଅଡୁଆରେ ପଡିଯାଇଛନ୍ତି। ଯେଉଁଥିପାଇଁ ତରବରିଆ ଭାବେ ସୁପ୍ରିମକୋର୍ଟଙ୍କ ଆଦେଶରୁ ବର୍ତ୍ତିବା ପାଇଁ ପ୍ରଥମେ ରାଜ୍ୟ ରାଜପଥଗୁଡ଼ିକୁ ବିଜ୍ଞପ୍ତି ଜାରି କରି ରାଜ୍ୟ ସରକାର ଅର୍ବାନ୍‌ରୋଡରେ ପରିଣତ କରିସାରିଛନ୍ତି। ଏନେଇ ଗତ ୧୨ ତାରିଖରେ ବିଜ୍ଞପ୍ତି ଜାରି କରିଥିଲେ। ଏଥିସହିତ ରାଜ୍ୟର ବିଭିନ୍ନ ସହର ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକୁ ସହରାଞ୍ଚଳ ରାସ୍ତା(ଅର୍ବାନ୍ ରୋଡ୍)ରେ ରୂପାନ୍ତରିତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ମଧ୍ୟ ଲେଖି ଜଣାଇ ସାରିଛନ୍ତି। ଗତ ୧୧ ତାରିଖରେ ହୋଇଥିବା ସଚିବସ୍ତରୀୟ ବୈଠକରେ ଏହି ପ୍ରସ୍ତାବ ଉପରେ ଆନୁଷ୍ଠାନିକ ଭାବରେ ମୋହର ଲାଗିଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟକୁ ଚିଠି ଲେଖି ଏହି ରାସ୍ତାଗୁଡ଼ିକର ନୂତନ ବର୍ଗୀକରଣ କରିବା ନେଇ ଅନୁରୋଧ କରାଯିବ ବୋଲି ଆନୁଷ୍ଠାନିକ ଭାବରେ ନିଷ୍ପତ୍ତି ନିଆଯାଇଛି। ଏଭଳି ହେଲେ, ଜାତୀୟ ରାଜପଥ କଡ଼ରେ ଥିବା ମଦ ଦୋକାନ ଉଚ୍ଛେଦ ସମ୍ପର୍କରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଲାଗୁ ହେବ ନାହିଁ ଓ ତା' ସହିତ ଅବକାରୀ ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ ବୋଲି




ସଚିବସ୍ତରୀୟ ବୈଠକରେ ମତ ପ୍ରକାଶ ପାଇଛି। ଜାତୀୟ ରାଜପଥ ବା ରାଜ୍ୟ ରାଜପଥକୁ ସହରାଞ୍ଚଳ ରୋଡ୍ ବା ଅର୍ବାନ ରୋଡରେ ପରିଣତ କରାଯାଇଥିବାର ବହୁ ନଜିର ରହିଛି। ବିଭିନ୍ନ କାରଣରୁ ଯଦି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ଏଥିପାଇଁ ଅନୁମତି ପ୍ରଦାନ କରନ୍ତି ତା'ହେଲେ ଏହି ରାସ୍ତାଗୁଡ଼ିକର ନୂତନ ବର୍ଗୀକରଣ କରାଯାଇ ପାରିବ। ନିକଟରେ ସୁପ୍ରିମକୋର୍ଟଙ୍କ ମଦ ଦୋକାନ ଉଚ୍ଛେଦ ଆଦେଶ କାର୍ଯ୍ୟକାରୀ ହେବା ପୂର୍ବରୁ ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ଚଣ୍ଡିଗଡ଼ ଦେଇ ଯାଇଥିବା କିଛି ରୋଡ୍‌କୁ ସହରାଞ୍ଚଳ ରାସ୍ତାରେ ପରିଣତ କରାଯାଇଛି। ଏଭଳି କରାଯିବା ଦ୍ୱାରା ଯେତିକି ରାସ୍ତାକୁ ରୂପାନ୍ତରଣ କରାଯାଇଥିବ ସମ୍ପୃକ୍ତ ରୋଡ୍‌ର ନିର୍ମାଣ ଏବଂ ମରାମତି କାର୍ଯ୍ୟ ରାଜ୍ୟ ସରକାର କରିଥାନ୍ତି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସିଧାସଳଖ ନିୟନ୍ତ୍ରଣ ଏହି ରୋଡ୍ ଉପରେ ଉପରେ ଆଉ ରହିବ ନାହିଁ। ରାଜ୍ୟ ରାଜସ୍ୱର ଏକ ସିଂହଭାଗ ହେଉଛି ଅବକାରୀ ରାଜସ୍ୱ। ଏହା କମି ଯିବା ଫଳରେ ରାଜ୍ୟ ସରକାରଙ୍କୁ କ୍ଷତି ସହିବାକୁ ପଡୁଛି। ଚଳିତ ବର୍ଷ ରାଜ୍ୟ ସରକାର ପ୍ରାୟ ୩ ହଜାର କୋଟି ଟଙ୍କାର ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଥିଲେ। ମାତ୍ର ସୁପ୍ରିମ୍‌କୋର୍ଟଙ୍କ ଆଦେଶ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୧୧୬୭ଟି ମଦ ଦୋକାନ, ହୋଟେଲ ଏବଂ ରେଷ୍ଟୁରାଣ୍ଟ ବନ୍ଦ ହୋଇଯାଇଛି। ବିଗତ ବର୍ଷମାନଙ୍କରେ ଧୀରେଧୀରେ ବଢୁଥିବା ଅବକାରୀ ରାଜସ୍ୱରେ ହଠାତ୍ ରୋକ୍ ଲାଗିଯାଇଛି। ତେଣୁ ଯେଭଳି ଭାବରେ ସୁପ୍ରିମକୋର୍ଟଙ୍କ ଆଦେଶର ଉଲ୍ଲଙ୍ଘନ ନହେବ ଏବଂ ରାଜ୍ୟର ରାଜସ୍ୱ କ୍ଷତି ନହେବ ସେନେଇ ଏକ ମଧ୍ୟମ ପନ୍ଥା ଅବଲମ୍ବନ କରିବା ପାଇଁ ଚିନ୍ତା କରାଯାଉଛି। ରାଜ୍ୟ ରାଜପଥ ଭଳି ଜାତୀୟ ରାଜପଥଗୁଡ଼ିକୁ ଅର୍ବାନ୍‌ରୋଡରେ ପରିଣତ କରାଗଲେ ରାସ୍ତା କଡ଼ରେ ଥିବା ୭୦ ପ୍ରତିଶତ ମଦ ଦୋକାନ ପୁଣି ଖୋଲିଯିବ। ତେଣୁ ରାଜ୍ୟ ସରକାର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବାଲେଶ୍ୱର, ରାଉରକେଲା ଏବଂ ସମ୍ବଲପୁର ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକୁ ନିଜ ଅଧୀନକୁ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଆଗରେ ଯୁକ୍ତି ଉପସ୍ଥାପନ କରିବେ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ସରକାରୀ ତଥ୍ୟ ଅନୁସାରେ, ଓଡ଼ିଶାରେ ୨୦୧୫ ମସିହାରେ ପ୍ରାୟ ୧୦ ହଜାର ୫୪୨ଟି ସଡ଼କ ଦୁର୍ଘଟଣା ହୋଇଥିଲା। ୨୦୧୬ରେ ଏହି ସଂଖ୍ୟା ୯ ହଜାର ୪୪୫ ରହିଛି। ସେହିଭଳି ୨୦୧୫ରେ ୪ ହଜାର ୨୯ ରହିଥିଲା। ଏ ମଧ୍ୟରୁ ସିଂହଭାଗ ଦୁର୍ଘଟଣାର କାରଣ ମଦ୍ୟପାନ ଜନିତ ବୋଲି ସମସ୍ତେ ବିଶ୍ୱାସ କରୁଛନ୍ତି। ମଦର ପ୍ରଭାବ କେବଳ ଏତିକିରେ ସୀମିତ ଅଛି ତା ନୁହେଁ, ବିଭିନ୍ନ ଥାନାରେ ମହିଳା ନିର୍ଯାତନା ମାମଲା ଓ ଲୋକଙ୍କ ଆର୍ଥିକ ଦୁଃସ୍ଥିତିର କାରଣ ବୋଲି ମଧ୍ୟ ମଦକୁ ବିବେଚନା କରାଯାଉଛି। ହେଲେ ସାମାଜିକ ଜୀବନ ଏସବୁ କରୁଣ ଚିତ୍ର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରେ ବସି ରାଜ୍ୟର ବିକାଶ ନକ୍ସା ତିଆରି କରୁଥିବା ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ କିମ୍ବା ତାଙ୍କ ଅଧିକାରୀମାନଙ୍କ ମନକୁ ଛୁଉଁନି।

## ୧୪ ସୁଦ୍ଧା ଯୁକ୍ତଦୁଇ ବିଜ୍ଞାନ ରେଜଲ୍ଟ

**ଭୁବନେଶ୍ୱର :** ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟର ଅନ୍‌ଲାଇନ ମୂଲ୍ୟାୟନ ବା ଇ-ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇଛି। ବିଜ୍ଞାନ ଓ ବାଣିଜ୍ୟର ସମସ୍ତ ବିଷୟ ଇ-ମୂଲ୍ୟାୟନ ହୋଇଛି। ସେହିପରି କଳା ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ଥିବା ଆଇଟି, କମ୍ପ୍ୟୁଟର ସାଇନ୍ସ, ଗଣିତ ଆଦି ବିଷୟଗୁଡ଼ିକ ମଧ୍ୟ ଇ-ମୂଲ୍ୟାୟନ କରାଯାଇଛି। ଏବେ ମାର୍କ ଟାବୁଲେସନ ପ୍ରକ୍ରିୟା ଚାଲିଛି। ମେ' ୧୪ ସୁଦ୍ଧା ଯୁକ୍ତଦୁଇ ବିଜ୍ଞାନ ଫଳ ପ୍ରକାଶ ପାଇବ ବୋଲି ପରିଷଦର ଅଧ୍ୟକ୍ଷ ସୁନ୍ଦରଲାଲ ସିଲ୍ ପ୍ରକାଶ କରିଛନ୍ତି। ଜେଇଇ ମେନ୍, ଜେଇଇ ଆଡ୍‌ଭାନ୍ସଡ୍, ମେଡିକାଲ ନାମଲେଖା ନିଟ୍, ନାଇଜର, ଆଇଜର, ଓଜେଇଇ ସମେତ ବିଭିନ୍ନ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରବେଶିକାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା ଫଳ ପ୍ରଥମେ ପ୍ରକାଶ କରାଯିବ। ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ ଓଡ଼ିଶାର ଛାତ୍ରଛାତ୍ରୀ ଯେଭଳି ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିପାରିବେ ସେଥିପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ଏହା ଶେଷ ହେବ ବୋଲି ଆଶା କରାଯାଉଛି। ସେହିପରି ତୃତୀୟ ଓ ଚତୁର୍ଥ ସପ୍ତାହରେ ଯୁକ୍ତଦୁଇ କଳା ଓ ବାଣିଜ୍ୟ ମାର୍କ ଟାବୁଲେସନ କରାଯିବ। ଜୁନ୍ ପ୍ରଥମ ସପ୍ତାହରେ ଯୁକ୍ତଦୁଇ କଳା ଓ ବାଣିଜ୍ୟ ଫଳ ପ୍ରକାଶ ପାଇଁ ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

ଦୁନିଆରେ ଯେତେପ୍ରକାର
ଭୟ ଅଛି ବଦ୍‌ନାମ ହେଉଛି
ସବୁଠୁ ବଡ ଭୟ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର





## ଯାହା ଭଲ, ତାହା ଭଲ

ଦିନକୁ ଦିନ ବଦଳିଚାଲିଛି ରାଜ୍ୟ ରାଜନୀତିର ପାଣିପାଗ। ପଦ୍ମଦଳ ଓଡ଼ିଶା ହାତେଇନେବା ଲକ୍ଷ୍ୟରେ ଥିବା ବେଳେ ଦୀର୍ଘବର୍ଷ ହେବ ଶାସନ ଗାଦିରେ ଥିବା ବିଜେଡି ତୃଣମୂଳ ସ୍ତରରେ ପୁଣିଥରେ ଦଳସଜଡ଼ାକୁ ଗୁରୁତ୍ୱ ଦେଉଛି। ଯେଉଁଥିପାଇଁ ପଞ୍ଚାୟତ ନିର୍ବାଚନ ପରେ ପରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ପଞ୍ଚାୟତସ୍ତରର ନେତା ଓ କର୍ମୀଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିଛନ୍ତି। ଦଳକୁ କିପରି ମଜବୁତ କରାଯାଇ ଆଗାମୀ ଦିନରେ ଶାସନଗାଦିକୁ ସୁରକ୍ଷିତ ରଖିହେବ, ସେଥିନେଇ ମତବିନିମୟ କରିବା ବିଜେଡି ପାଇଁ ଶୁଭସଂକେତ ହୋଇଥିବା ବେଳେ ନବୀନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ସମସ୍ତଙ୍କୁ ବିସ୍ମିତ କରିଛି। କାରଣ ଯେଉଁ ମୁଖ୍ୟମନ୍ତ୍ରୀ ନିଜ ଦଳର ବରିଷ୍ଠ ବିଧାୟକମାନଙ୍କ ସହ ଖୋଲାଖୋଲି କଥା ହେବାକୁ ନାପସନ୍ଦ କରୁଥିଲେ, ସେ ସାଧାରଣ କର୍ମୀ ଓ ପଞ୍ଚାୟତ ପ୍ରତିନିଧିଙ୍କ ସହ ହସମୁହଁରେ କଥା ହେଉଛନ୍ତି। ଆଗପରି ଆଉ ଗମ୍ଭୀର ନ ରହି ସାଧାରଣରେ ଛାତ୍ରଛାତ୍ରୀମାନଙ୍କ ସହ ସେଲ୍‌ଫି ନେଉଛନ୍ତି। ସାମାଜିକ ଗଣମାଧ୍ୟମ ସହିତ ଅଧିକ ଯୋଡ଼ିହୋଇ ଲୋକଙ୍କ ନିକଟତର ହେଉଛନ୍ତି। ଶାସନ ବ୍ୟବସ୍ଥା ପାଇଁ ଭଲ ହୋଇଥିଲେ ବି ନବୀନଙ୍କ ଏତାଦୃଶ ପରିବର୍ତ୍ତନକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ମାତ୍ର ଏଭଳି ପରିବର୍ତ୍ତନ ପଛରେ ରାଜ୍ୟରେ ବିଜେପିର ଉତ୍ଥାନ ବୋଲି ଚର୍ଚ୍ଚା ହେଉଛି। ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ନେତା ହୋଇ ରହିବାକୁ ନୂଆ ନୀତି ଆପଣାଉଥିବା ମୁଖ୍ୟମନ୍ତ୍ରୀ ଦଳରୁ ବହିଷ୍କୃତ ପୁରୁଣା ନେତାମାନଙ୍କୁ ଡାକି ପୁଣି ଦଳରେ ସାମିଲ କରିବା ଓ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କରିବା ହେଉଛି ଏହାର ଗୁରୁତ୍ୱପୂର୍ଣ୍ଣ ଦିଗ। ଅନ୍ୟପକ୍ଷେ ପୁରୁଣା ନେତାମାନେ ଅଭିଜ୍ଞ ଓ ଦଳକୁ ମଜବୁତ କରି ରଖିବା ଦିଗରେ ସହାୟକ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଧାରଣା ଏବଂ ଏହାଦ୍ୱାରା ଦଳ ସୁଦୃଢ଼ ହୋଇ ଆଗାମୀ ଦିନରେ ବିଜେପିର ମୁକାବିଲା କରିପାରିବ। ଅନ୍ୟତମ କାରଣ ଭାବରେ ଦେଖିବାକୁ ଗଲେ ବିଜେଡିର କିଛି ଟାଣୁଆ ଯୁବମନ୍ତ୍ରୀ ଦଳକୁ ନିୟନ୍ତ୍ରଣରେ ରଖିଥିବା ସାଧାରଣରେ ଆଲୋଚନା ହୋଇଥାଏ। ଯାହାଙ୍କ ଉପରେ ନବୀନବାବୁ ଅଧିକାଂଶ ସମୟରେ ନିର୍ଭରଶୀଳ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଓଡ଼ିଶାରେ ବିଜେପିକୁ ଶାସନଗାଦିଠୁ ଦୂରରେ ରଖିବାକୁ ହେଲେ ବିଜେଡିକୁ ଅଧିକ ସଂଗଠିତ କରିବାର ଆବଶ୍ୟକତା ଥିବା ମନେକରି ନବୀନବାବୁ ବିଜଦର ପୁନର୍ବିନ୍ୟାସ କରୁଛନ୍ତି। ସେଥିପାଇଁ ଦିନକୁ ଦିନ ନୂଆ ରଣନୀତି ଓ ନୂଆ କୌଶଳ ଆପଣାଇ ବିଜଦକୁ ରାଜ୍ୟର ଏକମାତ୍ର ଶକ୍ତିଶାଳୀ ଦଳ ବୋଲି ଦର୍ଶାଇବାକୁ ଲାଗିପଡ଼ିଛନ୍ତି। ଯାହାଫଳରେ ଆଗାମୀ ସାଧାରଣ ନିର୍ବାଚନରେ ଦଳ ଆଉ ପରାଜୟର ଦ୍ୱାର ଦେଖିବ ନାହିଁ ଓ ଶାସନଗାଦି ସେଭଳି ସୁରକ୍ଷିତ ରହିପାରିବ। ପୁରୁଣା ନେତାଙ୍କ ଘରବାହୁଡ଼ା, ମନ୍ତ୍ରିମଣ୍ଡଳ ଅଦଳବଦଳ ଏବଂ କିଛି ଯୁବମନ୍ତ୍ରୀଙ୍କୁ ସାଂଗଠନିକ ଦାୟିତ୍ୱ ଦେଇ ସେ ରାଜ୍ୟ ବିଜେପି ଶିବିରକୁ ଏକ ବାର୍ତ୍ତା ଦେଇଛନ୍ତି ଯେ ବିଜଦ ଥିଲା, ବିଜଦ ରହିବ। ଏଭଳି ପରିବର୍ତ୍ତନର ଧାରା ଜାରି ରହିଲେ ବିଜଦରୁ ବିଜେପିକୁ ଡେଇଁବା ଚିନ୍ତାରେ ଥିବା ନେତାମାନେ ଚିନ୍ତାଗ୍ରସ୍ତ ହେବା ସହ ଆଉ ଦଳ ଡିଆଁ ଚିନ୍ତାରେ ରହିବେ ନାହିଁ। ପଞ୍ଚାୟତ ନିର୍ବାଚନ ଧକ୍କାରୁ ନବୀନବାବୁ ବୋଧେ ଏଭଳି ଶିକ୍ଷାଲାଭ କରିଥିବା ଜଣାପଡ଼ିଛି। ହେଲେ ନବୀନବାବୁଙ୍କ ଦୀର୍ଘ ୧୭ ବର୍ଷ ଶାସନରେ ଓଡ଼ିଶା ପାଇଁ କ'ଣ କରାଯାଇଛି, ସେଇ ପ୍ରଶ୍ନକୁ ନେଇ ବିଜେପି ଲୋକଙ୍କ ପାଖକୁ ଯାଇପାରେ। ନାରୀ ସୁରକ୍ଷା, ବେକାରୀ ବୃଦ୍ଧି, ଚାଷୀ ଆତ୍ମହତ୍ୟା, ଖଣି ଦୁର୍ନୀତି, ଚିଟ୍‌ଫଣ୍ଡ ଘୋଟାଲାଠୁ ଆରମ୍ଭ କରି ଆହୁରି ଅନେକ ପ୍ରସଙ୍ଗକୁ ନିର୍ବାଚନୀ ଆୟୁଧ କରିପାରେ ବିଜେପି। ବିଜଦରୁ ବହିଷ୍କୃତ ବା ନିଲମ୍ବିତ ନେତାଙ୍କ ଘରବାହୁଡ଼ା ପଛର କାହାଣୀକୁ ମଧ୍ୟ ଲୋକଲୋଚନକୁ ଆଣି ବିଜେପି ମୋଦି ସରକାରଙ୍କ ଦେଶବିକାଶର ଚିତ୍ର ଥୋଇବା ଅସମ୍ଭବ ନୁହେଁ। ଏପଟେ ବିଜେପି, ବିଜଦର ପଟ୍ଟପରିବର୍ତ୍ତନକୁ ଦେଖି କଂଗ୍ରେସ ବି ନିଜ ଦଳର ଚିତ୍ର ବଦଳାଇବା ଲକ୍ଷ୍ୟରେ ରଣନୀତି ପ୍ରସ୍ତୁତ କରୁଛି। ତେବେ ରାଜ୍ୟବାସୀଙ୍କ ପାଇଁ ଯାହା ଭଲ, ତାହା ଭଲ ବୋଲି ଲୋକେ ଗ୍ରହଣ କରିବେ।

# ଓଡ଼ିଆଭାଷା ଓ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ



ପର୍ଶୁରାମ ଦ୍ୱିବେଦୀ

୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ବେଳେ ଓ ପରେ ବହୁ ଓଡ଼ିଆଭାଷା ଅଞ୍ଚଳ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଯିବା ଫଳରେ ସେଠାକାର ଓଡ଼ିଆମାନେ ମାତୃଭାଷା ଓଡ଼ିଆକୁ ପ୍ରାୟ ଭୁଲିଗଲେଣି। ତାଙ୍କର କିଛି ଦୋଷନାହିଁ। ଦୋଷ ଆମର। 'ଯେତେଦୂରେ ପତ୍ର ପଡିଥିଲେ ହେଁ ନବୀନା ......'। ଯେତେଦିନରୁ ବା ଯେତେ ଦୂରରେ ରହିଲେ ମଧ୍ୟ କିଏ କ'ଣ ନିଜ ମା, ମାତୃଭୂମି ଓ ମାତୃଭାଷାକୁ ଭୁଲିପାରେ? ଯେଉଁଠି ମାତୃଭାଷା ବିସ୍ମୃତି ଗର୍ଭକୁ ଯାଇଛି ସେଥିପାଇଁ ଆମେମାନେ ଦାୟୀ। ମୂଳ ଭୂଖଣ୍ଡରେ ଥିବା ଆମେ, ତାଙ୍କର ଭାଇବନ୍ଧୁ ସେମାନଙ୍କ ଭାଷାଗତ, ରାଜନୈତିକ, ଗମନାଗମନ ଓ ଅର୍ଥନୀତିକ ସମସ୍ୟାଗୁଡ଼ିକୁ ନିଜର ବୋଲି ନ ଭାବି ସର୍ବଦା ନିଜ ସ୍ୱାର୍ଥରେ ମଜ୍ଜି ରହିଛୁ। ଏହା ନିଜ ଗୋଡରେ ନିଜେ କୁରାଢ଼ି ମାରିବା ସଦୃଶ। ନିଜ ମାତୃଭୂମିର ରାଜଧାନୀ କଟକ ଓ ଭୁବନେଶ୍ୱରରେ ଆମେ ମାତୃଭାଷାର ସମାଧି ପ୍ରସ୍ତୁତ କରିବାରେ ବ୍ୟସ୍ତ। ଏତେକାଳ ହେଲା, ୧୯୩୬ରୁ ୧୯୫୪, ୧୯୫୪ ରୁ ୧୯୮୪ ଓ ପୁଣି ୨୦୧୫-୧୬ରୁ ପ୍ରଚେଷ୍ଟା, ଆନ୍ଦୋଳନ, ଆଇନ ସତ୍ତ୍ୱେ ଆମ ଚିରଶତ୍ରୁ ମାକ୍‌ଲେଙ୍କ ଶବରିଦ୍ଧ ହୋଇ ଆମେ ତାଙ୍କ ଦତ୍ତମନ୍ତ୍ର ଇଂରାଜୀକୁ ଭୁଲିପାରୁନୁ; କୁଣ୍ଢେଇ ଧରିଛୁ ଓ ନିଜର ମାତୃଭାଷାକୁ ଅବହେଳିତ କରିଚାଲିଛୁ। ଏ ରୋଗ ଏବେ ସହର ସରହଦ ଟପି ଗାଁ ଗଣ୍ଡାକୁ ମଧ୍ୟ ବ୍ୟାପିଲାଣି। ଯେଉଁଠି ଦେଖ ମାଳମାଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟ। ଗୋଟିଏ ଗରିବ ପିଲା ସିଲଟ ଖଡି କିଣି ଓଡ଼ିଆ ଶିଖିବା ଓ ପଢ଼ିବାକୁ ପାଞ୍ଚ ଦଶଟଙ୍କା ପାଉ ନଥିବା ବେଳେ ତା ସାଙ୍ଗ ଇଂରାଜୀ ପଢ଼ିବାକୁ ମାସକୁ କେତେ ହଜାର ଖର୍ଚ୍ଚ କରିବାକୁ ତା ବାପ ମା'ଙ୍କ ଠାରୁ ସହାୟତା ପାଉଛି। ଇଂରେଜୀ ପଢ଼ି ବିଦେଶୀ ସାଜିବାକୁ କିଏ ମନା କରୁଛି, ରୋଜଗାର ବଢ଼ାଇବାକୁ କିଏ ମନା କରୁଛି? ଯା ବୋଲି ନିଜ ମାତୃଭାଷାର ପିରାମିଡ୍ ଉପରେ ଚଢ଼ି ବିଦେଶୀ ଭାଷା ସୌଧ ଗଢ଼ି ନିଜ ମାତୃଭାଷା ଓଡ଼ିଆକୁ ଲୋପ କରାଯାଉଛି କାହିଁକି? ମନେରଖିବାକୁ ହେବ ମା', ମାତୃଭୂମି ଓ ମାତୃଭାଷାକୁ ଅବହେଳା କରିବା ଏକ ଅକ୍ଷମଣୀୟ ଅପରାଧ। ଯେଉଥିପାଇଁ ସ୍ୱଭାବକବି ଗଙ୍ଗାଧର ଗାଇଥିଲେ 'ମାତୃଭୂମି ମାତୃଭାଷାର ମମତା....'।

**ଉତ୍ତର ବିଚ୍ଛିନ୍ନାଞ୍ଚଳ :** ଏବେ ବିଚ୍ଛିନ୍ନାଞ୍ଚଳ ଓ ସେଠାରେ ଆମ ମାତୃଭାଷା ସମ୍ବନ୍ଧେ ଦୁଇ ତିନୋଟି ପରିଚ୍ଛେଦରେ ଆଲୋଚନା କରିବା। ଆମ ପିଲାଦିନେ ଆମେ ପଢୁଥିବା ପରମାନନ୍ଦ ଖଣ୍ଡାଇଙ୍କ ଲିଖିତ 'ପିଲାଙ୍କ ଭୂଗୋଳ'ରେ ଥିଲା ୨୬ଟି ଗଡଜାତ ଓ ୬ଟି ମୋଗଲବନ୍ଦୀ ଜିଲ୍ଲାକୁ ନେଇ ଓଡ଼ିଶା ଗଠିତ। ସେ ଛବିଶ ଗଡଜାତ ମଧ୍ୟରେ ଷଢ଼େଇକଳା ଓ ଖରସୂଆଁ ଥିଲା। ୧୯୪୭ରେ ଦେଶ ସ୍ୱାଧୀନ ହେବା ବେଳେ ମଧ୍ୟ ସ୍ଥିତି ସେୟା ଥିବା ସହ ଅବିଭକ୍ତ ସିଂହଭୂମି ଜିଲ୍ଲା ଓଡ଼ିଆ ବହୁଳତା ଯୋଗୁଁ ଉତ୍କଳ ପ୍ରଦେଶ କଂଗ୍ରେସ ମାଧ୍ୟମରେ ସର୍ବଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଥିଲା। ଏ ସମ୍ବନ୍ଧରେ ତତ୍କାଳୀନ କଂଗ୍ରେସ ବାର୍ତ୍ତା ସାକ୍ଷୀ। ସେଠୁ ପ୍ରତିନିଧିତ୍ୱ କରୁଥିବା ସ୍ୱର୍ଗୀୟ ବିଜୟପାଣି, ତାଙ୍କ ବାପା ଇତ୍ୟାଦି। ୧୯୪୮ ଜାନୁଆରୀ ପହିଲାରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରରୋଚନାରେ ବିଧିବଦ୍ଧ ଚୁକ୍ତି ସ୍ୱାକ୍ଷର କରି ଅନ୍ୟ ୨୫ଟି ଗଡଜାତ ରାଜ୍ୟ ପରି ଷଢ଼େଇକଳା ଓ ଖରସୂଆଁ' ଦୁଇଟି ଗଡଜାତ ଓଡ଼ିଶାରେ ମିଶିଲେ। ସେଠାରେ ଓଡ଼ିଶା ସରକାରଙ୍କ ଶାସନ ଚାଲିଲା - କାରଣ ଗଡଜାତ ଶାସନ ଲୋପ ହେଲା। ମାତ୍ର ୧୯୪୮ ମେ' ମାସ ୧୮ରେ ତାରିଖରେ ଏହି ଦୁଇ ରାଜ୍ୟ ବିହାରରେ ମିଶିଲା। ଯେଉଁ ଭାରତ ସରକାରଙ୍କ ଉପପ୍ରଧାନ ଓ ଗୃହମନ୍ତ୍ରୀ ଓଡ଼ିଶାରେ ମିଶାଇଥିଲେ ସେଇ ଲୋକ ପୁଣି ଏହି ଦୁଇ ରାଜ୍ୟ ବିହାରରେ ଅସ୍ଥାୟୀ ଭାବେ ମିଶିଲା ବୋଲି ଘୋଷଣା କଲେ। ଏ ଦିନକୁ କଳା ଦିବସ ଭାବେ ଏବେ ଆମେ ପାଳୁଛୁ। ସୀମା କମିଶନ ପ୍ରହସନ କରି ଷଢ଼େଇକଳା ଖରସୂଆଁକୁ ବିହାରକୁ ଓ ପରେ ୨୦୦୦ ମସିହାରେ ବିହାରରୁ ଝାଡଖଣ୍ଡକୁ ଦିଆଗଲା। ଫଳରେ ଶେଷ ଛାତ୍ର ବିକ୍ଷୋଭରେ ସୁନିଲ ଦେଓ ବେଙ୍ଗପାଣିଆ ଇତ୍ୟାଦି ସହିଦ୍ ହେଲେ ସିନା ତତ୍କାଳୀନ ରାଷ୍ଟ୍ରପତିଙ୍କ ଷଡଯନ୍ତ୍ର କାଏମ୍ ରହିଲା। ଗୋଦାବରୀଶ ଓ ଗୋପବନ୍ଧୁଙ୍କ ସମେତ ପ୍ରଚାରକ ଅନନ୍ତ ମିଶ୍ର ଓ ପରପିଢ଼ୀର ତତ୍କାଳ ବିହିନୀର କର୍ମୀ ଭଗବାନ ରଥ, ସଚ୍ଚିଦାନନ୍ଦ ମିଶ୍ର ଓ ବାସୁଦେବ ବାବୁଙ୍କ ପ୍ରଚେଷ୍ଟା ପଣ୍ଡ ହେଲା। ଫଳରେ ଅଖଣ୍ଡ ସିଂହଭୂମି ଷଢ଼େଇକଳା ଖରସୂଆଁ ସହିତ ଉତ୍ତରର ବିଚ୍ଛିନ୍ନାଞ୍ଚଳ ହୋଇ ରହିଗଲେ। 'ଘା' ଶୁଖିଲେ ବି ସେ ଦାଗ ନିଭିନି କି ଲିଭିବନି।

ବନସ୍ତରେ ଥିଲେ ବି ହାତୀ ରାଜାଙ୍କର ବୋଲି କୁହାଯାଏ। ସେହିପରି ଯେଉଁ ରାଜ୍ୟରେ ରହିଲେ ମଧ୍ୟ ଓଡ଼ିଆ, ଓଡ଼ିଆ ହୋଇ ରହିପାରେ। ମାତ୍ର ତାର ମାତୃଭାଷା ଓଡ଼ିଆ ଲୋପ ହୋଇଗଲେ ଓ ତାର ସାଞ୍ଜ୍ଞା ବଦଳି ଗଲେ ସର୍ବସ୍ୱ ଚାଲିଯିବ। ଠିକ୍ ସେହିପରି ବିହାର ପରେ ଏବେ ଝାଡଖଣ୍ଡ ରାଜ୍ୟରେ ଥିବା ଓଡ଼ିଆଙ୍କ ଅବସ୍ଥା। ବିହାରର ଶ୍ରୀକୃଷ୍ଣ ସିହ୍ନା ଓ ଓଡ଼ିଶାର ବିଶ୍ୱନାଥ ଦାଶଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା ଯେ ସେଠାରେ ଥିବା ଓଡ଼ିଆ ମାନଙ୍କୁ ଓଡ଼ିଆ ଭାଷାରେ ହିଁ ଶିକ୍ଷାଦାନ କରାଯିବ। ସେଥିପାଇଁ ସେ ସରକାର କେଉଁ ବହି କେତେ ଓ କେଉଁ ବର୍ଷ ଦରକାର ଜଣାଇବେ। ଏହା ଓଡ଼ିଶା ସରକାର ଯୋଗାଇଦେବେ। ୧୯୮୪ ମସିହା ଯାଏ ରଅ ଠଅ କରି ଏ ବ୍ୟବସ୍ଥା କାର୍ଯ୍ୟ କରିବା ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଏହି ଖବର ପାଇ ସ୍ୱର୍ଗୀୟ ସଚ୍ଚିଦାନନ୍ଦ ମିଶ୍ର ଓ ସ୍ୱର୍ଗୀୟ ଭଗବାନ ରଥଙ୍କ ସହ ଚକ୍ରଧରପୁର ଯାଇ ଦେଖାଗଲା ଯେ ପୂର୍ବରୁ ଥିବା ୫୬୦ ଓଡ଼ିଆ ବିଦ୍ୟାଳୟ ମରି ମରି ୩୩୪ରେ ରହିଲାଣି। ଓଡ଼ିଆ ଶିକ୍ଷକଙ୍କୁ ହିନ୍ଦୀ ସ୍କୁଲକୁ ବଦଳି କରାଯାଉଛି ଓ ହିନ୍ଦୀ ଶିକ୍ଷକଙ୍କୁ ଓଡ଼ିଆ ବିଦ୍ୟାଳୟକୁ ପଠାଯାଉଛି। ପୁରୁଣା ଛିଣ୍ଡା ଓଡ଼ିଆ ବହି ପିଲାଙ୍କର ଭରସା। ଶିକ୍ଷକ ନିଜେ ନୋଟ୍ ଲେଖି ସେହି ଖାତା ଧରି ପିଲାଙ୍କୁ ପଢ଼ାଉଛନ୍ତି। ଏ ଦଶା ଦେଖି ଆଖିରେ ଲୁହ ରହିଲାନି। ୧୯୯୯ରେ ସେଠାକାର ପ୍ରତିନିଧି ଓ ଆମେ ସବୁ ଶିକ୍ଷାମନ୍ତ୍ରୀ ଥିବା ମତଲୁବ ଅଲ୍ଲୀଙ୍କୁ ସାକ୍ଷାତ କରିବାରେ ସେହି ବର୍ଷଠାରୁ ସବୁ ବିଷୟରେ ଓଡ଼ିଆ ବହି ପୁଣି ସେଠାକୁ ଆମେ ବୋହି ନେଇ ଦେଲୁ। ମାତ୍ର ୩ ବର୍ଷ ପରେ ତାଙ୍କ ସରକାର ବହି ନେଇ ବଣ୍ଟନ ନ କରି ରଖିଦେଲେ। ତା ପରେ ତାଙ୍କ ଶିକ୍ଷା ଖସଡା ସହ ମିଶାଇ ୧୬ ଖଣ୍ଡ ବହି ଅନୁବାଦ କରି ଛପାଇ ବର୍ଷୁଟାଏ ଦିଆଗଲା। ପରେ ଏକ ସଂସ୍ଥା ଖାଲି ଓଡ଼ିଆ ଭାଷା ପୁସ୍ତକ ନେଇ ଦେଲେ। ଏବେ ସରକାର ନିଜେ ଦେଉଛନ୍ତି। ସେଗୁଡ଼ିକ ୮ମ, ୯ମ ଓ ୧୦ମର ଦିଆଯାଉନି। ଦୀର୍ଘ ୫ ବର୍ଷ ଯାଏ ବନ୍ଦ ପରେ ସମାଜ ସଂସ୍ଥାର ନିରଞ୍ଜନ ରଥଙ୍କ ଆର୍ଥିକ ସହାୟତାରେ ୩ ଖଣ୍ଡ ଓଡ଼ିଆ ଭାଷା ବହି ୧୫୦ ଖଣ୍ଡ କରି ଜେରକ୍ସ କରି ପଠାଗଲା। ସମ୍ବାଦର ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସହାୟତାରେ ୧୫୦୦୦ ଖଣ୍ଡ ବର୍ଣ୍ଣବୋଧ ପଠାଗଲା। ଏହି ହେଲା ସେଠାକାର ଓଡ଼ିଆ ମାନଙ୍କ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା। ଏ ସବୁ ମୁହଁର ବା କଳ୍ପନାର କଥା ନୁହେଁ। ଜେନାଙ୍କୁ ଜନା, ପଣ୍ଡାଙ୍କୁ ପାଣ୍ଡିଆ ଓ କାଣ୍ଡିଙ୍କୁ କାଣ୍ଡିଆ କରି ସଞ୍ଜ୍ଞା ବଦଳାଇବାକୁ ପଡିଲା। ଓଡ଼ିଆ ଛାତ୍ରଙ୍କୁ ହିନ୍ଦୀ ପଢ଼ିବାକୁ ପଡିଲା। ସେଠାକାର ଅଧିବାସୀ ଭାବେ ପରିଚୟ ଦେଇ ସେଠାରେ ମିଶୁଥିବା ସହାୟତା ହାସଲ କରିବାକୁ ଅନ୍ୟ ପନ୍ଥା କ'ଣ ଅଛି? ଶିକ୍ଷକ ବଦଳି ବନ୍ଦ କରିବା, ଓଡ଼ିଆ ବିଦ୍ୟାଳୟକୁ ଓଡ଼ିଆ ଶିକ୍ଷକ ଓ ବହି ଯୋଗାଇବା, ଓଡ଼ିଆ ଭାଷାରେ ପରୀକ୍ଷା କରାଇବା; ଓଡ଼ିଆ ଅଞ୍ଚଳ ପାଇଁ ଓଡ଼ିଆ ହିଁ ଶିକ୍ଷାର ମାଧ୍ୟମ ହେବା ପାଇଁ ବିଧାନସଭା କମିଟି, ସେଠା ହାଇକୋର୍ଟ ସେଠା ସରକାରଙ୍କୁ ବାରମ୍ବାର ସ୍ମାରକପତ୍ର ଦେଲେ ମଧ୍ୟ ଅବସ୍ଥା ସୁଧୁରୁନି।

ନିକଟରେ ବାରିପଦାର ଏକ ସଂସ୍ଥା ସେ ବିଷୟ ସବୁ ଲେଖି ସମସ୍ୟାର ସମାଧାନ ପାଇଁ ନିବେଦନ ଜଣାଇଛନ୍ତି। ଏହି ନିବନ୍ଧର ଏହି 'କ' ବିଭାଗରେ ଯେତେ ସବୁ ବିଷୟ ଉତ୍ଥାପନ କରାଗଲା ତାହା କାଳ୍ପନିକ ନୁହେଁ। ସେ ସବୁର ଦସ୍ତାବିଜ୍ ରହିଛି। ଧରିତ୍ରୀର ସାମ୍ବାଦିକ, ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀର ସମ୍ପାଦକ ଏ ସବୁର ନକଲ ନେଇ ରଖିଛନ୍ତି। ଷଢ଼େଇକଳା ଖରସୂଆଁ ରାଜା ଓଡ଼ିଶା ସହ ମିଶିବାକୁ କରିଥିବା ଚୁକ୍ତିପତ୍ର ପୂର୍ବରୁ ସେଠାରେ ଚଳୁଥିବା ଓଡ଼ିଆ ବହି, ଓଡ଼ିଆ ବଜେଟ୍, ଓଡ଼ିଆ ପଞ୍ଚବାର୍ଷିକ ଯୋଜନା, ରାଜାମାନେ କରିଥିବା ଚୁକ୍ତିପତ୍ର, ସୀମା କମିଶନ୍ ନିଷ୍ପତ୍ତି, ୧୯୪୮ରେ ଓଡ଼ିଶାରୁ ଛଡ଼ାଇ ନେବା ପରେ ଆମ ବିଧାନସଭାର ସର୍ବସମ୍ମତି ପ୍ରସ୍ତାବ, ମିଶ୍ରଣ ଅସ୍ଥାୟୀ ବୋଲି ପାର୍ଲାମେଣ୍ଟ ଗୃହରେ ଗୃହ ସଚିବ ଓ ଅନ୍ୟ ମାନଙ୍କ ଆଶ୍ୱାସନା ମୂଳକ ଆଲୋଚନାର ନକଲ ସଂରକ୍ଷିତ ରହିଛି। ଖରସୁଆଁର ଓଡ଼ିଆ ପ୍ରେମୀ ସ୍ୱର୍ଗତ ବିଶ୍ୱନାଥ କରଙ୍କ ଉଚ୍ଚତମ ଅଦାଲତରେ କରିଥିବା ଦରଖାସ୍ତ ଇତ୍ୟାଦି ମଧ୍ୟ ରଖାଯାଇଛି। ବିଧାନସଭା କମିଟି ୨୦୦୨ରେ ଟାଟା ନଗରରେ ବସି ସ୍ଥିତିର ସମୀକ୍ଷା ପରେ ସ୍ଥିର ହେଲା ଯେ ସମସ୍ୟା ରହିଛି ଓ ତାର ନିରାକରଣ ପାଇଁ ଉଭୟ ରାଜ୍ୟର ଲୋକପ୍ରତିନିଧି ଓ ସରକାରୀ କର୍ମକର୍ତ୍ତା ମିଶି ଏକ ଷ୍ଟିଅରିଂ କମିଟି ଗଢ଼ି ସବୁଦିନ ପାଇଁ ଯେପରି ସୁରୁଖୁରୁରେ ଓଡ଼ିଆ ଲୋକେ ଓଡ଼ିଆ ଲେଖି ପଢ଼ି ପାରିବେ ଓ ନିଜର ସ୍ୱାଧୀକାର ରକ୍ଷା କରିପାରିବେ ତା'ର ବ୍ୟବସ୍ଥା କରାଯିବ। ମାତ୍ର ଓଡ଼ିଶା ସରକାର ତାଙ୍କ ତରଫରୁ ଲେଖି ପ୍ରସ୍ତାବ ପଠାଇଥିଲେ ମଧ୍ୟ ୨୦୦୨ରୁ ଝାଡଖଣ୍ଡ ସରକାର ତାର ଉତ୍ତର ଦେଇନାହାନ୍ତି। କେଉଁଠି କେତେ ପିଲା, କୋଉ ସ୍କୁଲ, କେତେ ଶିକ୍ଷକ ଥିଲେ ତାର ବିସ୍ତୃତ ତାଲିକା ମଧ୍ୟ ରହିଅଛି। ଏସବୁ ଉଈଖାଇ ଧ୍ୱଂସ ହେବ ସିନା ମଧୁବାବୁ ବା ଗୋପବନ୍ଧୁ ବାବୁଙ୍କ ପରି ଆଉ କେହି ସୁଯୋଗ୍ୟ ଓଡ଼ିଆ ପୁଅ ନାହାନ୍ତି, ଯେ କି ଏ ସବୁରୁ ସାକ୍ଷ୍ୟ ପ୍ରମାଣ ଦର୍ଶାଇ ସେଠାକାର ଓଡ଼ିଆଙ୍କ ସ୍ୱାଧୀକାର ପାଇଁ ଲଢ଼ି ତାକୁ ଫେରାଇ ଆଣିବ? ଓଲଟି ଆମର କେତେକ ପ୍ରଗଲ୍‌ଭ ବକ୍ତା କହୁ କହୁ କହିଦେଉଛନ୍ତି ଯେ ଯାହା ଗଲା ସେ କଥା ଛାଡ଼। ସତେ ଯେମିତି ସେଇଟା ତାଙ୍କର ପୈତୃକ ସମ୍ପତ୍ତି ଓ ସେ ତାକୁ ଦାନ କରିଥିଲେ ବା ସ୍ୱଇଚ୍ଛାରେ ଛାଡି ଦେଲେ। ସେମାନେ ଭୁଲିଯାଉଛନ୍ତି ଯେ ବର୍ଲିନ୍ ପ୍ରାଚୀର ମଧ୍ୟ ଭଙ୍ଗାଯାଇ ଜର୍ମାନ ଏକୀଭୂତ ହୋଇପାରିଛି। ଆଉ କେତେ ଦିନ ପରେ ବିସ୍ମୃତି ଗର୍ଭରେ ଆମ ଉତ୍ତର ବିଚ୍ଛିନ୍ନାଞ୍ଚଳ ରହିଯିବ!! ଏବେ ବି ବେଳ ଅଛି। ସ୍ୱର୍ଗତଃ ବଳରାମ ନନ୍ଦଙ୍କ ଭାଷାରେ ସେମାନେ ଅର୍ଥାତ୍ ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନେ ଆମରି ଭାଇ, ଆମରି ରକ୍ତ। ଆମେ ସେମାନଙ୍କ ପ୍ରତି ଆମର କର୍ତ୍ତବ୍ୟ ଭୁଲିଗଲେ ହେବନି।

*(କ୍ରମଶଃ)*

# ଆମେରିକା ଦର୍ଶନ



ଡକ୍ଟର କୃତ୍ତିବାସ ନାୟକ

ପୂର୍ବକାଳରେ ଗମନାଗମନ ତଥା ପରିବହନର ସୁବିଧା ନ ଥିବାରୁ ପର୍ଯ୍ୟଟକମାନେ ବିଦେଶଯାତ୍ରା କରିପାରୁ ନ ଥିଲେ। ନିଜ ଅଞ୍ଚଳକୁ ଛାଡ଼ି ଅନ୍ୟ ଅଞ୍ଚଳ, ଅନ୍ୟରାଜ୍ୟ ପୁଣି ଅନ୍ୟଦେଶକୁ ବୁଲି ଦେଖିବାକୁ ଇଚ୍ଛା ପ୍ରତ୍ୟେକ ମଣିଷର ଥାଏ। କିନ୍ତୁ ସେ ସୁଯୋଗ ସମସ୍ତଙ୍କୁ ମିଳେନାହିଁ। ଅନ୍ୟଦେଶକୁ ଜଣେ ପର୍ଯ୍ୟଟକ ଭାବରେ ବୁଲିଯିବାକୁ ହେଲେ ଅର୍ଥବଳ, ଶାରୀରିକ ବଳ ପୁଣି ଲୋକବଳ; ଶେଷରେ ମନୋବଳର ଆବଶ୍ୟକ ହୋଇଥାଏ। ଏହାବ୍ୟତୀତ ପ୍ରତିଭାବାନ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଏଭଳି ସୁଯୋଗ ପାଇଥା'ନ୍ତି। ଆଉ କେତେକ କ୍ଷେତ୍ରରେ ଅଭାବ ଅସୁବିଧାରେ ପଡ଼ି କିଛିଲୋକ ନିଜ ଦେଶ ଛାଡ଼ି ଅନ୍ୟଦେଶକୁ ଯାଇ କିଛି ବ୍ୟବସାୟ ବା କୃଷିକର୍ମରେ ଲାଗିଥାନ୍ତି। ପୁଣି କିଛି ଅପରାଧୀ ମଧ୍ୟ ଦେଶାନ୍ତର ହୋଇ ବିଦେଶ ଯିବାକୁ ବାଧ୍ୟ ହୋଇଥାନ୍ତି। ସେମାନେ ପର୍ଯ୍ୟଟକ ଭାବେ ଗଣ୍ୟ ହୁଅନ୍ତି ନାହିଁ।

ଆମେ ସମସ୍ତେ ଜାଣୁ ଯେ ଭାରତ ହେଉଛି ସୁନାର ଦେଶ। ଏହାର ପରିବେଶକୁ ପ୍ରକୃତି ଏମିତି ସୁନ୍ଦର ଭାବରେ ଗଢ଼ିଛି ଯେ ଏଠାରେ କୌଣସି ପ୍ରକାର ଅଭାବ ବା ଅସୁବିଧା ନାହିଁ। ଜଣେ ଅତ୍ୟନ୍ତ ଗରିବ ଲୋକ ମଧ୍ୟ ଏ ଦେଶରେ ଦୁଃଖେସୁଖେ ବଞ୍ଚି ରହିପାରିବ। ଆମ ଦେଶର ଜଳବାୟୁ, ଖାଦ୍ୟପେୟ, ଜୀବଜନ୍ତୁ, ବୃକ୍ଷଲତା ଓ ପାହାଡ଼ପର୍ବତ ଏତେ ଅନୁକୂଳ ଯେ ସବୁଠାରେ ସବୁ ସମୟରେ ଯେ କୌଣସି ମଣିଷ ଆରାମରେ ବସବାସ କରିପାରିବ। ତେଣୁ ଭାରତର ପ୍ରତ୍ୟେକ କୋଣରେ ଭାରତୀୟମାନେ ବସବାସ କରନ୍ତି। ବିଭିନ୍ନ ପ୍ରକାର ପରିସ୍ଥିତିକୁ ସମ୍ମୁଖୀନ ହୋଇ ମଧ୍ୟ ସେମାନେ ସୁଖରେ ଜୀବନ ବିତାଇପାରୁଛନ୍ତି। ସେଥିପାଇଁ ଲୋକେ କହନ୍ତି- ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ। ଅର୍ଥାତ୍ ଆମଦେଶ ସକଳ ପ୍ରକାର ସୁଖ ଏବଂ ସୌନ୍ଦର୍ଯ୍ୟ ତଥା ବୈଭବରେ ପରିପୂର୍ଣ୍ଣ।

ସମୟ ଥିଲା, ଜଣେ କେହି ବିଦେଶକୁ ଯାତ୍ରା କରିବାର ସୁଯୋଗ ପାଇଗଲେ, ତାହା ଦେଶବାସୀଙ୍କ ପାଇଁ ଗୋଟାଏ ବିଶେଷ ସମ୍ବାଦ ହେଉଥିଲା। ଆମ ରାଜ୍ୟରେ ପ୍ରଥମ ବିଦେଶଯାତ୍ରା କରିବଥିବା ଉତ୍କଳଗୌରବ ମଧୁସୂଦନ ଦାସ ବିଲାତରେ ଓକିଲାତି ଶିକ୍ଷାଗ୍ରହଣ କରିଥିଲେ। ଏହା ଆଜିଯାଏ ଇତିହାସରେ ଲେଖାହୋଇ ରହିଯାଇଛି। କିନ୍ତୁ ସମୟର ପରିବର୍ତ୍ତନ, ଗମନାଗମନର ବିକାଶ ତଥା ସାଧାରଣ ଲୋକଙ୍କର ଆର୍ଥିକ ସ୍ଥିତି ଉନ୍ନତ ହେବା ଫଳରେ ଏବେ ବିଭିନ୍ନ ଶ୍ରେଣୀର ଲୋକେ ବିଦେଶଯାତ୍ରା କରିବାର ସୁଯୋଗ ଲାଭ କରିପାରୁଛନ୍ତି। ଆମଦେଶ ତଥା ରାଜ୍ୟର ଅନେକ ପ୍ରତିଭାବାନ ଛାତ୍ରଛାତ୍ରୀ ବିଦେଶକୁ ଯାଇ ଉଚ୍ଚଶିକ୍ଷା ଲାଭ କରିପାରୁଛନ୍ତି। ପୃଥିବୀର ବିଭିନ୍ନ ଦେଶରେ କେତେକ ଡାକ୍ତର ଇଞ୍ଜିନିୟର ଓ ବୈଜ୍ଞାନିକ ଭାବରେ କାର୍ଯ୍ୟ କରିଚାଲିଛନ୍ତି। ଫଳରେ ସେମାନଙ୍କର ପିତା-ମାତା ଏବଂ ପରିବାର ସଦସ୍ୟ ମଧ୍ୟ ବିଦେଶଯାତ୍ରା କରିବାର ସୁଯୋଗ ପାଉଛନ୍ତି। ଏଭଳି ସୁଯୋଗକୁ ସେମାନେ ଭାଗ୍ୟବଳ ବୋଲି ମନେକରିଥାନ୍ତି।

ମୋର ଭାଗ୍ୟବଳରୁ ମୁଁ ଦୁଇଥର ଆମେରିକା ଭ୍ରମଣ କରିବାର ସୁଯୋଗ ପାଇଥିଲି। ପ୍ରଥମେ ୨୦୧୦ ମସିହାରେ ସିକାଗୋ ବିମାନବନ୍ଦର ବାଟଦେଇ ଓହାଇଓ ରାଜ୍ୟରେ ଦୁଇମାସ ରହି ସେଠାରୁ ଆମେରିକାର ବିଭିନ୍ନ ରାଜ୍ୟରେ ଥିବା ପର୍ଯ୍ୟଟନସ୍ଥଳ ଓ ଦର୍ଶନୀୟ ସ୍ଥାନ ଦେଖିଥିଲି। ଦ୍ୱିତୀୟବାର ୨୦୧୬ ମସିହାରେ ନିଉୟର୍କ ବିମାନବନ୍ଦର ବାଟଦେଇ ମେରିଲ୍ୟାଣ୍ଡ ରାଜ୍ୟରେ ଦୀର୍ଘ ଛଅମାସ କାଳ ରହି ଆମେରିକା ଦେଶକୁ ଅତ୍ୟନ୍ତ ଭଲଭାବରେ ଦେଖିବାର ସୁଯୋଗ ପାଇଲି।

ଆଜିର ଆମେରିକା କହିଲେ ଉତ୍ତର ଆମେରିକାରେ ଥିବା ୫୦ଟି ରାଜ୍ୟର ସଂଘକୁ ହିଁ ବୁଝାଇଥାଏ। ଏହାକୁ ଯୁକ୍ତରାଷ୍ଟ୍ର ଆମେରିକା ବା ୟୁନାଇଟେଡ୍ ଷ୍ଟେଟ୍‌ସ ଭାବରେ ମଧ୍ୟ ବିଶ୍ୱସବାସୀ ଜାଣନ୍ତି। ତେବେ ଏହି ବିକଶିତ ତଥା ସମୃଦ୍ଧ ରାଷ୍ଟ୍ର ସମ୍ପର୍କରେ କିଛି କହିବା ଆଗରୁ ଆମେ ପ୍ରଥମେ ଏହାର ଅତୀତ ପ୍ରତି ଟିକେ ଦୃଷ୍ଟିଦେଲେ ଭଲ ହେବ।

ସ୍ପେନ୍‌ର ନାବିକ କ୍ରିଷ୍ଟୋଫର କଲମ୍ବସ୍ ଭାରତ ଆବିଷ୍କାର କରିବା ଉଦ୍ଦେଶ୍ୟରେ ଆଟଲାଣ୍ଟିକ୍ ମହାସାଗରରେ ତିନୋଟି ଜାହାଜରେ ୯୦ ଜଣ ସାହସୀ ଯୁବକଙ୍କୁ ସାଥୀରେ ନେଇ ଅଭିଯାନ ଆରମ୍ଭ କରିଥିଲେ। ସେମାନେ ୧୪୯୨ ମସିହା ଅକ୍ଟୋବର ମାସରେ ଯେଉଁ ଦ୍ୱୀପରେ ସ୍ପେନ୍ ଦେଶର ପତାକା ଉଡ଼ାଇଥିଲେ, ତାହା ଥିଲା କାରିବିୟାନ୍ ଦ୍ୱୀପପୁଞ୍ଜରେ ଥିବା ସବୁଠାରୁ ବଡ଼ ଦ୍ୱୀପ କ୍ୟୁବା। କଲମ୍ବସ୍ ଭାରତ ଆବିଷ୍କାର କରିବା ପରିବର୍ତ୍ତେ ଏହି ଦ୍ୱୀପକୁ ଭାରତ ବୋଲି ମନେକରିଥିଲେ। କିନ୍ତୁ ତାହା ଭାରତ କିମ୍ବା ଆମେରିକା ନ ଥିଲା। ଅବଶ୍ୟ ପରବର୍ତ୍ତୀ କାଳରେ ଏହି ଦ୍ୱୀପଟି ଆମେରିକା ନାମରେ ନାମିତ ହୋଇଥିଲା। କଲମ୍ବସ୍‌ଙ୍କ ପରେ ଜଳପଥରେ ଆସି ଇଟାଲିୟ ନାବିକ ଆମେରିଗୋ ଭେସ୍‌ପୁସି ୧୫୦୨ ମସିହାରେ ବର୍ତ୍ତମାନର ଆମେରିକା ଭୂଖଣ୍ଡକୁ ଆବିଷ୍କାର କରିଥିଲେ। ତାଙ୍କର ନାମ ଅନୁସାରେ ଆମେରିଗୋରୁ ଏହି ମହାଦେଶର ନାମ ଆମେରିକା ହୋଇଥିଲା।

ଧୀରେ ଧୀରେ ସ୍ପେନ୍, ପର୍ତ୍ତୁଗାଲ, ଇଟାଲି ଓ ଇଂଲଣ୍ଡ ପ୍ରଭୃତି ୟୁରୋପୀୟ ରାଷ୍ଟ୍ରରୁ ଲୋକମାନେ ଆସି ଏହି ମହାଦେଶରେ ବସତି ସ୍ଥାପନ କରିବାରେ ଲାଗିଲେ। ଏହି ମହାଦେଶରେ ଥିବା ପ୍ରଚୁର ପରିମାଣରେ ଉର୍ବର ଜମି ଓ ସୁନାଖଣିର ମୋହ ଅନେକ ଧନ୍ୟ କୃଷକ ଓ ବ୍ୟବସାୟୀଙ୍କୁ ଟାଣି ଆଣିଲା। କୃଷିକର୍ମ ପାଇଁ ଆଫ୍ରିକାର ନିଗ୍ରୋମାନଙ୍କୁ କ୍ରୀତଦାସ ଭାବରେ ଅଣାଗଲା। ଫଳରେ ଅତ୍ୟନ୍ତ ଦ୍ରୁତଗତିରେ ବସତିରୁ ବସତି ବଢ଼ି ଗୋଟାଏ ଗୋଟାଏ ରାଜ୍ୟ ଗଠିତ ହୋଇଚାଲିଲା। ସେହି ୫୦ ରାଜ୍ୟକୁ ନେଇ ଆଜିର ନୂତନ ସମୃଦ୍ଧ ଯୁକ୍ତରାଷ୍ଟ୍ର ଆମେରିକା ଗଠିତ ହୋଇଛି।

ଆଶ୍ଚର୍ଯ୍ୟର କଥା, ସ୍ପେନ୍ ଓ ଇଟାଲିର ନାବିକମାନଙ୍କ ଦ୍ୱାରା ଏହି ଭୂଖଣ୍ଡ ଆବିଷ୍କୃତ ହୋଇଥିଲେ ବି ସେ ଦେଶର ଲୋକେ ସେଠାରେ ଉପନିବେଶ ସ୍ଥାପନ କରିବାକୁ ସମର୍ଥ ହୋଇପାରି ନ ଥିଲେ। ବରଂ ଇଷ୍ଟଇଣ୍ଡିଆ କମ୍ପାନୀ ପ୍ରଥମେ ଏଠାରେ ବାଣିଜ୍ୟ ବ୍ୟାପାର କରୁ କରୁ ଇଂରେଜମାନେ ବସତିସ୍ଥାପନ ଓ ଉପନିବେଶ ପ୍ରତିଷ୍ଠା କରିଦେଲେ। ଜଳପଥରେ ଇଂଲଣ୍ଡର ଦୂରତ୍ୱ ଆମେରିକାଠାରୁ ଥିଲା ତିନିହଜାର ମାଇଲ। ଇଂଲଣ୍ଡର ନୌକାବାହିନୀ ୟୁରୋପର ଅନ୍ୟଦେଶମାନଙ୍କ ତୁଳନାରେ ଅଧିକ ଶକ୍ତିଶାଳୀ ଥିଲା। ବ୍ରିଟିଶ ପାର୍ଲିଆମେଣ୍ଟର ଆଇନ ବଳରେ ଆମେରିକାବାସୀଙ୍କଠାରୁ ବିଭିନ୍ନ ପ୍ରକାର କର ଆଦାୟ ମାଧ୍ୟମରେ ଶୋଷଣ କରିବାରେ ଲାଗିଲେ।

ଚା' ଥିଲା ଆମେରିକାବାସୀଙ୍କ ଅତିପ୍ରିୟ ପାନୀୟ। ଚୀନ୍ ଦେଶରୁ ଚା' ଆଣି ଚଢ଼ାଦରରେ ଇଷ୍ଟଇଣ୍ଡିଆ କମ୍ପାନୀ ବିକ୍ରି କରୁଥିଲା। ଅତ୍ୟଧିକ ଚା' ଦର ବଢ଼ିଯିବାରୁ ଆମେରିକାବାସୀଙ୍କ ମନରେ ବିଦ୍ରୋହ ସୃଷ୍ଟି ହେଲା। କହିବାକୁ ଗଲେ ଚା' ପାର୍ଟିରୁ ହିଁ ଆମେରିକା ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ହୋଇଥିଲା।

୧୭୮୩ ମସିହା ସେପ୍ଟେମ୍ବର ମାସ ୩ ତାରିଖ ଦିନ ସ୍ୱାଧୀନତା ଲାଭ କରି ଚାରିବର୍ଷ ପରେ ନିଜର ସମ୍ବିଧାନ ତିଆରି କଲେ। ସଂଗ୍ରାମୀ ବୀର ଜର୍ଜ ଓ୍ୱାସିଂଟନ୍ ଦେଶର ମୁଖ୍ୟ ପଦବୀ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେଲେ। ତାଙ୍କରି ନାମ ଅନୁସାରେ ନୂଆ ରାଜଧାନୀର ନାମ ଓ୍ୱାସିଂଟନ୍ ଡିସି ରଖାଯାଇଛି। ଡିସିର ଅର୍ଥ ଡିଷ୍ଟ୍ରିକ୍ଟ କଲମ୍ବିଆ। ଏହିଠାରେ ୧୭୯୨ ମସିହାରେ ରାଷ୍ଟ୍ରପତି ଭବନ ହ୍ୱାଇଟ୍‌ହାଉସ୍ ନିର୍ମାଣ ଆରମ୍ଭ ହୋଇ ୧୮୦୦ ମସିହାରେ ଶେଷ ହୋଇଥିଲା। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ଏହି ହ୍ୱାଇଟ୍ ହାଉସ୍‌କୁ ଦେଖିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ରାଜଧାନୀରେ ଦର୍ଶନୀୟ ଏବଂ ଆକର୍ଷଣୀୟ ସ୍ମୃତିସ୍ତମ୍ଭ ମଧ୍ୟରେ ଓ୍ୱାସିଂଟନ୍ ସ୍ମୃତିସ୍ତମ୍ଭଟି ଯେଭଳି ନଭଶ୍ଚୁମ୍ବୀ ସେଭଳି ମସୃଣ। ଆମେରିକାର ବିଧାନସଭା ସୌଧ ଓ ହ୍ୱାଇଟ୍‌ହାଉସ୍‌ର ମଧ୍ୟସ୍ଥଳରେ ଏହି ସ୍ମୃତିସ୍ତମ୍ଭଟି ସ୍ୱାଧୀନତା ସଂଗ୍ରାମୀ ଓ୍ୱାସିଂଟନ୍‌ଙ୍କର ସ୍ମୃତିବହନ କରିଥାଏ। ଦୁଇ ଦିଗରେ ଥାଇ ଲିଙ୍କନ୍ ସ୍ମୃତିସ୍ତମ୍ଭ ଓ ଜେଫରସନ ମନ୍ୟୁମେଣ୍ଟ ଦର୍ଶକମାନଙ୍କୁ ନିଜଆଡ଼କୁ ଆକର୍ଷିତ କରିଥାଏ।

ବ୍ରିଟିଶ ଔପନିବେଶିକବାଦୀ ଶାସନରୁ ମୁକ୍ତ ହୋଇ ଆମେରିକା ଏକ ସ୍ୱାଧୀନ ତଥା ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରଭାବରେ ପ୍ରତିଷ୍ଠା ଲାଭ କରିଥିଲା। ସବୁଠାରୁ ଅନୁନ୍ନତ ଭୂଖଣ୍ଡ ଆମେରିକା ମହାଦେଶ ମାତ୍ର ତିନିଶହ ବର୍ଷ ମଧ୍ୟରେ ଅତି ଆଶ୍ଚର୍ଯ୍ୟଜନକ ଭାବରେ ସର୍ବଶ୍ରେଷ୍ଠ ବିକଶିତ ତଥା ଉନ୍ନତ ରାଷ୍ଟ୍ର ଭାବରେ ଉଭା ହୋଇପାରିଛି। ଆମେରିକାର ସମୃଦ୍ଧି ଆମେରିକାର ମୂଳ ଅଧିବାସୀମାନଙ୍କ ଦ୍ୱାରା ସମ୍ଭବ ହୋଇନାହିଁ। ପ୍ରଥମେ ୟୁରୋପ ଓ ଆଫ୍ରିକା ଏବଂ ପରେ ଭାରତ, ଚୀନ, ଜାପାନ ଓ ମଧ୍ୟପ୍ରାଚ୍ୟର ଲୋକମାନଙ୍କର ଅନୁପ୍ରବେଶ ଏବଂ ବସବାସ କରିବା ଫଳରେ ସେମାନଙ୍କର ସମବେତ ଉଦ୍ୟମରେ ଯୁକ୍ତରାଷ୍ଟ୍ର ଆମେରିକା ଦେଶର ଅଭୂତପୂର୍ବ ସମୃଦ୍ଧି ଓ ଅଗ୍ରଗତି ସମ୍ଭବ ହୋଇପାରିଛି। ଶିଳ୍ପ, କୃଷି, ଶିକ୍ଷା ଓ ପରିବହନ କ୍ଷେତ୍ରରେ ଏହା ଏକ ଅଗ୍ରଣୀ ତଥା ଆଧୁନିକ ରାଷ୍ଟ୍ର ଭାବରେ ପରିଚିତ ହୋଇପାରିଛି।

ଆମେରିକାରେ କ୍ରୀତଦାସ ପ୍ରଥାକୁ ରାଷ୍ଟ୍ରପତି ଲିଙ୍କନ୍‌ଙ୍କ ଦ୍ୱାରା ଉଚ୍ଛେଦ ହେବା ଫଳରେ କୃଷିଜୀବୀମାନେ ଅଧିକରୁ ଅଧିକ ଫସଲ ଉତ୍ପାଦନ କରିପାରିଲେ। ଉତ୍ତର ଆମେରିକାରେ ଶିଳ୍ପ ବିପ୍ଳବ ସଂଘଟିତ ହେବା ଫଳରେ କଳକାରଖାନା, ବହୁତଳ ପ୍ରାସାଦ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଫଳରେ ପରମାଣୁ ବୋମାଠାରୁ ଆରମ୍ଭ କରି ମହାକାଶଯାନ ଓ କ୍ଷେପଣାସ୍ତ୍ର ନିକ୍ଷେପଣ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଅନ୍ୟମାନଙ୍କୁ ପଛରେ ପକାଇ ଏବେ ଆମେରିକା ବିଶ୍ୱରେ ଏକନମ୍ବର ସ୍ଥାନ ଅଧିକାର କରିଛି।

ଆମଦେଶ ତୁଳନାରେ ଆମେରିକା ଅନେକ ପଛରେ ଥିଲା ସତ, କିନ୍ତୁ ଏହାର ଦୃଷ୍ଟିଭଙ୍ଗୀ ଅତ୍ୟାଧୁନିକତାଆଡ଼କୁ ଥିବାରୁ ଧର୍ମାନ୍ଧତା, କୁସଂସ୍କାର ଓ ଅନ୍ଧବିଶ୍ୱାସ ବଦଳରେ ମୁକ୍ତ ମାନବିକତାକୁ ଆଦରି ନେଇଥିଲେ। ଫଳରେ ସବୁଧର୍ମ ସବୁଜାତି ଓ ସବୁଦେଶର ଲୋକମାନଙ୍କୁ ସେମାନେ କୋଳାଗ୍ରତ କରିନେଲେ। ତେଣୁ ବିଭିନ୍ନ ସଂପ୍ରଦାୟ ତଥା ବିଦେଶୀ ଲୋକମାନେ ଆମେରିକାକୁ ନିଜର କରିନେଇ ଏହାର ବିକାଶ ଦିଗରେ ଲାଗିରହିଲେ। ୟୁରୋପରୁ ବିତାଡ଼ିତ ଇହୁଦିମାନେ ଆମେରିକାର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ସାହିତ୍ୟକୁ ସମୃଦ୍ଧ କରିଦେଲେ। ବୈଜ୍ଞାନିକ ଆଇନଷ୍ଟାଇନ୍ ଜଣେ ଇହୁଦି ସଂପ୍ରଦାୟର ବ୍ୟକ୍ତି ହୋଇ ମଧ୍ୟ ଆମେରିକାର ବିଜ୍ଞାନକୁ ବିଶ୍ୱଦରବାରରେ ପ୍ରତିଷ୍ଠା ଦେଲେ। ନିଗ୍ରୋମାନଙ୍କ କୃଷି ଓ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ରହିଛି। ସେହିପରି ଏ କ୍ଷେତ୍ରରେ ଭାରତୀୟମାନଙ୍କର ଅବଦାନ କିଛି କମ୍ ନୁହେଁ। ପ୍ରତିବର୍ଷ ପ୍ରାୟ ଏକଲକ୍ଷ ପ୍ରଯୁକ୍ତିବିଦ୍ ଭାରତରୁ ଆମେରିକା ଯାଉଛନ୍ତି। ହିସାବରୁ ଜଣାପଡ଼ିଛି ଯେ ଏକଲକ୍ଷ ୬୮ ହଜାର ଭାରତୀୟ ଛାତ୍ର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଏମ୍‌ବିଏ ଓ ଆହୁରି କିଛି ଉଚ୍ଚତର ଶିକ୍ଷା ଗ୍ରହଣ କରୁଛନ୍ତି। ସେହିପରି ଚୀନ୍ ତଥା ଅନ୍ୟ କେତେକ ଦେଶର ପ୍ରତିଭାବାନ ଛାତ୍ରଛାତ୍ରୀ ଆମେରିକାରେ ଉଚ୍ଚଶିକ୍ଷା ଲାଭ କରୁଛନ୍ତି। ଏହାଦ୍ୱାରା ଆମେରିକାର ଅର୍ଥନୀତି ସମୃଦ୍ଧ ହୋଇଚାଲିଛି।

ଆମଦେଶର ଖାଦ୍ୟପେୟ, ଚାଲିଚଳନ, ଜଳବାୟୁ ଏବଂ ଆବଶ୍ୟକତାଠାରୁ ଆମେରିକାର ଅବସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ପ୍ରଥମକରି ଭ୍ରମଣରେ ଯାଇଥିବା ଭାରତୀୟମାନେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି। ଆମେରିକାରେ ଏକମାତ୍ର ଭାଷା ଇଂରାଜୀ ହୋଇଥିବାରୁ ଏବଂ ତାହା ଆମଦେଶର ଇଂରାଜୀ ଉଚ୍ଚାରଣରେ ଅନେକ ଫରକ ରହୁଥିବାରୁ ପ୍ରଥମେ ପ୍ରଥମେ କିଛିକିଛି ଅସୁବିଧା ହୋଇଥାଏ।

ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଅଧିକାରକୁ ଆମେରିକାରେ ଗୁରୁତ୍ୱ ଦିଆଯାଏ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗମନାଗମନକୁ ଅତ୍ୟନ୍ତ ଶୃଙ୍ଖଳିତ କରାଯାଇଥାଏ। ପାଞ୍ଚବର୍ଷରୁ କମ୍ ବୟସର ପିଲାଙ୍କୁ ବାଧ୍ୟବାଧକତାରେ ପାଠପଢ଼ାଯାଏ ନାହିଁ। ଆଇନକାନୁନ ସେ ଦେଶର ଅତ୍ୟନ୍ତ କଠୋର ଭାବରେ ପାଳନ କରାଯାଏ। ସେ ଦେଶରେ ବିଭିନ୍ନ ପର୍ଯ୍ୟଟନସ୍ଥଳକୁ ଦର୍ଶନୀୟ କରାଯାଇ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାର ସମସ୍ତ ବ୍ୟବସ୍ଥା କରାଯାଇଛି। ବ୍ୟାଙ୍କଗୁଡ଼ିକ ସରକାରଙ୍କ ଦ୍ୱାରା ପରିଚାଳିତ ହେଉ ନ ଥିବାରୁ ପ୍ରବଳ ପ୍ରତିଯୋଗିତାରେ ଅଧିକରୁ ଅଧିକ ସୁଯୋଗ ଓ ସୁଧହାର କମ୍ କରାଯାଇଥାଏ। ଦୋକାନ ବଜାର ଜନପଦଠାରୁ ଦୂରରେ ଥିବାରୁ ଶବ୍ଦ ପ୍ରଦୂଷଣ ଓ ଜନଗହଳିର ଆଶଙ୍କା ନ ଥାଏ। ସବୁଠାରୁ ବଡ଼କଥା ହେଲା, ସେ ଦେଶରେ ବସବାସ କରୁଥିବା ଲୋକେ ଆମେରିକାର ନୀତିନିୟମକୁ ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନ ଦିଅନ୍ତି। କେହି କୌଣସି ସ୍ଥାନକୁ ଅସ୍ୱଚ୍ଛ କରିବାକୁ ଦିଅନ୍ତି ନାହିଁ। ଆତ୍ମସମ୍ମାନ ଓ ସ୍ୱାଭିମାନକୁ ସେମାନେ ଅତ୍ୟନ୍ତ ନିଷ୍ଠାର ସହିତ ବଜାୟ ରଖନ୍ତି। ଆମେରିକାରେ ପ୍ରତ୍ୟେକ କ୍ଷେତ୍ରରେ କାର୍ଡ ମାଧ୍ୟମରେ ଅର୍ଥ ଦେଣନେଣ କରନ୍ତି। ପ୍ରତ୍ୟେକ ଲୋକ ନିଜର ଆୟକର ସରକାରଙ୍କୁ ଦେଇ ଗର୍ବ ଅନୁଭବ କରନ୍ତି। କେବଳ ସେତିକି ନୁହେଁ, ପ୍ରତ୍ୟେକ ଆମେରିକୀୟଙ୍କର ଦେଶପ୍ରେମକୁ ଦେଖି ବିଭିନ୍ନ ଦେଶର ଲୋକେ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଯିବେ।


*(ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ*
*ଆକାଶବାଣୀ, ଜୟପୁର)*
***ଭିଆଇଏମ୍-୫୫, ଶୈଳଶ୍ରୀବିହାର***
***ଭୁବନେଶ୍ୱର-୨୧***


**ସମ୍ପାଦକ ମହାଶୟ,**

ଏକମାତ୍ର ଖବର କାଗଜଟି ନୂଆ ହେଲେ ମଧ୍ୟ ଦାମ୍ଭିକତାର ପରିଚୟ ଦେଇଛି। ଏହା ନିଜର ସ୍ୱତନ୍ତ୍ରତା ପ୍ରଦର୍ଶନ କରିପାରିଛି। ଏଥିରେ ପ୍ରକାଶିତ ହେଉଥିବା କବିତାଗୁଡ଼ିକ ବେଶ୍ ରୋମାଞ୍ଚର ହେଉଛି। ସେହିପରି ଛାଟୁପଟି ଉବାଚ ମଧ୍ୟ ଉଚ୍ଚକୋଟୀର ରହିଛି। ମୋଟାମୋଟି ଦେଖିବାକୁ ଗଲେ ନବପ୍ରକାଶିତ ଏହି ଖବର କାଗଜଟି ଓଡ଼ିଶାର ସମ୍ବାଦପତ୍ର ଇତିହାସର ସମସ୍ତ ଦିଗକୁ ଛୁଇଁପାରିଛି, ଯାହା ବେଶ୍ ଖୁସିର ବିଷୟ। ତେବେ ଗୋଟିଏ ଅଭାବ ପରିଲକ୍ଷିତ ହେଉଛି, ତାହା ହେଉଛି ରାଶିଫଳ। ଆଜି ବି ଅନେକ ଲୋକ ସପ୍ତାହ ଶେଷରେ ରାଶିଫଳ ଦେଖିବାକୁ ଭଲପାଆନ୍ତି ସେମାନଙ୍କୁ ପ୍ରାଧାନ୍ୟ ଦେବାକୁ ଅନୁରୋଧ।

*ଚନ୍ଦନା ମହାନ୍ତି, ଭୁବନେଶ୍ୱର*


ଆମ ଠିକଣା
**ଏକମାତ୍ର**
**ସମ୍ପାଦନା କାର୍ଯ୍ୟାଳୟ**
**ଏଚଆଇଜି-୧୩୭,**
**ଧର୍ମବିହାର, ଖଣ୍ଡଗିରି**
**ଭୁବନେଶ୍ୱର-୩୦**
**ଦୂରଭାଷ :**
**୦୮୭୬୩୩୬୮୦୨୯**
**୦୭୦୦୮୩୪୦୩୮୯**



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com

# ବେଦନାର ବେଦ (୧୫)

ଧାରାବାହିକ ଉପନ୍ୟାସ



> ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

'ଦଶ ହଜାର ଟଙ୍କା! ବସ୍ ଭିତରର ଘର୍ଘର ଶବ୍ଦ, ଯାତ୍ରୀମାନଙ୍କ ଅସଂଲଗ୍ନ କୋଳାହଳ, ପବନର ସାଇଁ ସାଇଁ ଶବ୍ଦକୁ ତୁଚ୍ଛ କରି ଚକ୍ରଧରକୁ କେବଳ ଗୋଟାଏ କଥା ଶୁଭିଯାଉଥିଲା-ଦଶହଜାର ଟଙ୍କା! ଚକ୍ରଧର ମୁହଁରୁ ଏକଥା ପଦକ ଶୁଣି ଆକାଶରୁ ଖସିପଡ଼ିଲା ଚମ୍ପା। ତା' ଆଖିରେ ପଲକ ପଡ଼ିଲାନି। ବିସ୍ମୟରେ ବଡ଼ ବଡ଼ ହୋଇଗଲା ଡୋଳା। କେତେବେଳକେ ସେ ସ୍ୱଗତୋକ୍ତି କଲାପରି ଗୁଣୁଗୁଣୁ ହୋଇ କହିଲା -ଦଶହଜାର ଟଙ୍କା! ଏତେଗୁଡ଼ାଏ ଟଙ୍କା ଆମେ କୋଉଠୁ ପାଇବା? କିଏ ଦବ ଆମକୁ? କୋଉ ଭରସାରେ?

ଚମ୍ପାକୁ ଭାରି କାନ୍ଦ ମାଡ଼ିଲା। ସୁଁ ସୁଁ ହୋଇ ସେ କାନ୍ଦି ପକାଇଲା। ଉଠି ଚାଲିଗଲା ସେ ପାଖ ଘରକୁ, ଯେଉଁଠି ପୁଅ ଚନ୍ଦନ ବସିଥିଲା।

ଚକ୍ରଧରକୁ ପ୍ରଚୁର କ୍ଳାନ୍ତ ଲାଗୁଥିଲା। ଭାରି ଅବଶ ଲାଗୁଥିଲା। ପ୍ରବଳ ଶୋଷ ଲାଗୁଥିଲା। ପ୍ରଚୁର ଭୋକ ଲାଗୁଥିଲା। ତା' ଶରୀରରେ ଅସହ୍ୟ ପୀଡ଼ା। ହାତୀ ଚାଲିଗଲେ ବି କଷ୍ଟ ହେବ ନାଇଁ। ଚମ୍ପା ତା' ପାଇଁ ବାଢ଼ି ଦେଇଥିଲା ସଜପଖାଳଭାତ ଓ ଆଳୁଚଟଣୀ। ଟିପେ ବଡ଼ିଚୂରା। ଗୋଟାଏ କଂଚାଲଙ୍କା। ଫଡାଏ ପିଆଜ। ତୋରାଣୀମିଶା ଭାତତକ ଖାଇଦେଇ ଚକ୍ରଧର ଥକ୍କାମାରି ବସିଗଲା ଯାଇ ଦାଣ୍ଡ ପିଣ୍ଡାରେ। ଚାହିଁଲା ଗଛପତ୍ର, ଦିଗ୍‌ବଳୟ ଦେଇ ଆକାଶକୁ। ଆକାଶରେ ଅଷ୍ଟମୀ ତିଥିର ଅଧାଜହ୍ନ। ଟିକି ଟିକି ତାରା। ସୁଲୁସୁଲୁ ଦକ୍ଷିଣା ପବନ। ନିମିଷକ ମଧ୍ୟରେ ଶୋଇପଡ଼ି ଚକ୍ରଧର ଘୁଙ୍ଗୁଡ଼ି ମାରିବା କଥା। ଅଥଚ ନିଦ ଗଲା କୁଆଡେ?

ଅନେକ ରାତିଯାଏ ଦାଣ୍ଡ ପିଣ୍ଡାରେ ବସି ରହିଥିଲା ଚକ୍ରଧର। ବସି ବସି ମୁହୂର୍ତ୍ତକୁ ମୁହୂର୍ତ୍ତ ଦୀର୍ଘଶ୍ୱାସ ଛାଡୁଥିଲା। ସେ ବିଡ଼ି ଖଣ୍ଡେ ଲଗାଇଲା। ଦି' ଝୋଠ ଟାଣି ବିରକ୍ତିରେ ପିଙ୍ଗିଦେଲା ଦାଣ୍ଡକୁ। ପୁଣି ଖଣ୍ଡେ ଲଗାଇଲା। ମନଭରି ଧୂଆଁ ଶୋଷିନେଲା ପେଟ ଭିତରକୁ। ତା' ପେଟ ଭିତରଟା ଗରମ ହୋଇଗଲା। ନିରନ୍ଧ୍ର ଅନ୍ଧକାର ଭିତରେ ବୁଡ଼ି ଯାଇଥିଲା ସାରା ସଂସାର। ଚାରିଆଡ ନିର୍ଜନ। ଖାଁ ଖାଁ। ତଥାପି ଦୂରରୁ, କେଉଁ ଗାଁ ଭିତରୁ ପବନରେ ରହି ରହି ଭାସି ଆସୁଥିଲା ଜଗନ୍ନାଥ ଜଣାଣ-

ଥକାମନ ଚାଲଯିବା.....ଚକାନୟନ ଦେଖିବା

ଶଙ୍ଖନାଭି ମଣ୍ଡଳରେ.... ବେନିନେତ୍ର ପଖାଳିବା ....ଆ...ଆ..,

ଥକାମନ ଚାଲିଯିବ....ଆ ....ଆ...।

ଦାଣ୍ଡପିଣ୍ଡାରେ କାନ୍ଥକୁ ଆଉଜି ବସିଥିଲା ଚକ୍ରଧର। ବସିଥିଲା ଏବଂ ଘନ ଘନ ଦୀର୍ଘଶ୍ୱାସ ଛାଡୁଥିଲା। ସେ ଦୀର୍ଘଶ୍ୱାସ ରାତି ଅନ୍ଧାରରେ ମିଳାଇ ନଯାଇ, ପବନରେ ଫେଟିଂ ହୋଇ ନଯାଇ ଘୂରି ବୁଲୁଥିଲା ତା' ଚାରିପାଖରେ। ତାକୁ କିଛି ଶୁଭୁନଥିଲା କେବଳ ଗୋଟାଏ ବାକ୍ୟ ବ୍ୟତୀତ- 'ଦଶହଜାର ଟଙ୍କା'। ତା' ମୁଣ୍ଡରେ କିଛି ପଶୁ ନଥିଲା କେବଳ ଗୋଟାଏ ବାକ୍ୟ ବ୍ୟତୀତ- 'ଦଶହଜାର ଟଙ୍କା!!'

କେତେବେଳୁ ବନ୍ଦ ହୋଇଗଲାଣି ଜଗନ୍ନାଥଙ୍କ ଭଜନ। ଚକ୍ରଧର ଆଉ ଘର ଭିତରକୁ ପଶିଲାନି। ସେଇଠି, ସେଇ ମାଟିପିଣ୍ଡା ଉପରେ ସେ ଗଡ଼ି ପଡ଼ିଲା। ଗଡ଼ପଡ଼ ହେଉ ହେଉ ରାତି ପାହାନ୍ତାବେଳକୁ ତା' ଆଖିକୁ ନିଦ ଆସିଯାଇଥିଲା।

ତା' ପରଦିନ ସକାଳ। ଭଲ କରି ଫର୍ଚ୍ଚହେବା ଆଗରୁ ଚକ୍ରଧର ଧାଇଁଲା ରଘୁ ମହାନ୍ତିଙ୍କ ଘରକୁ। ହିସାବରେ ସେ ଚକ୍ରଧରର ଦାଦି ହେବେ। ଗାଁର ଠିକ୍ ମଝାମଝି ତାଙ୍କ ଘର। ଥିଲା ବାଲା ଲୋକ। ଦେଢ଼ବାଟି ଜମି। ଘର ବାହାର କାମରେ ସେ ସବୁବେଳେ ଲୋଡନ୍ତି ଚକ୍ରଧରକୁ। ଆଜି ଚାରିମାଣିଆ କିଆରୀ ହଳ ହେବ,ନଡ଼ିଆଗଛରୁ ନଡ଼ିଆ ତୋଳାହେବ, ପୋଖରୀ ଖୋଳାଯିବ। ଡାଲୁଅ ଜମିରେ ପାଣି ମଡାଯିବ....ଚକ୍ରଧର ଆସ୍।

ଆସି ପହଂଚିଯାଏ ଚକ୍ରଧର। କେବେ ମନା କରେନି। ଏସବୁ କାମରେ ସେ ଭାରି ଧୂର୍ତ୍ତ, ପାରଙ୍ଗମ। ଅନ୍ୟ କାମକୁ ନିଜ କାମ ପରି ମେହେନତି ଲଗାଇ କରେ, ନ ସରିବାଯାଏ ଛାଡେନି।

- "କିରେ ଚକରା"- ରଘୁଦାଦି ଦାଣ୍ଡପିଣ୍ଡାରେ ବସି ଗୁଡ଼ାଖୁରେ ଦାନ୍ତ ଘଷୁଥିବାବେଳେ ପଚାରିଲେ- "ସକାଳୁ ସକାଳୁ କୁଆଡ଼େ କିରେ?"

ଚକ୍ରଧର ଯାଇ ଠିଆ ହେଲା ତାଙ୍କ ପାଖରେ। କାନ୍ଦ କାନ୍ଦ ହୋଇ କହିଲା- "ବଡ଼ ବିପଦରେ ପଡ଼ିଯାଇଛି ଦାଦି। ପୁଅଟା ଦେହ ଅତିଶୟ ଖରାପ। ଯାଇଥିଲି କଟକ ବଡ଼ ଡାକ୍ତର ପାଖକୁ। ସେ କହୁଛନ୍ତି ଦଶହଜାର ଟଙ୍କା ଖର୍ଚ୍ଚ ହେବ। ଦାଦି, ତମେ ଚାହିଁଲେ ତାରିବ, ତମେ ଚାହିଁଲେ ମାରିବ। ତମ ଟଙ୍କା ମୁଁ ବୁଡାଇ ଦେବିନି। ତମ ଘରେ ବେଠି ଖଟି ସୁଧମୂଳ ସବୁ ଶୁଝିବି.....।"

ଚୁପ୍‌ଚାପ୍ ସବୁକଥା ଶୁଣିଲେ ରଘୁ ମହାନ୍ତି। ଦାନ୍ତ ଘଷି ସାରି ପିତଳ ଲୋଟାରୁ ପାଣି ଢାଳି କୁଳୁକୁଂଚା କରି, ସାହାଡ଼ା ଦାନ୍ତକାଠିରେ ଜିଭ ଛେଲି, ମୁହଁ ଧୋଇ ଗାମୁଛାରେ ପୋଛି ହୋଇ କହିଲେ- " ବାପ ଚକରା, ତୋ କଥା ଶୁଣି ମୋ ଆଖିକୁ ଲୁହ ଆସିଯାଉଛି। ପୁଅଟା ଦେହ ଏତେ ସରି ହେଲାଣି ଆସି? ଚ୍...ଚ୍....ଚ୍....। ହେଲେ ବାପ, ମୁଁ କ'ଣ କରିପାରିବି କହ! ଏତେ ଗୁଡାଏ ଟଙ୍କା ମୁଁ ଆଣିବି କୋଉଠୁ। କ'ଣ ଶହେ ଦି'ଶହ ହେଇଚି ଯେ ଏଇ ସାଙ୍ଗେ ସାଙ୍ଗେ ଆଲ୍‌ମାରୀରୁ କାଢି ଦେଇଦେବି! ଗଲା ମାସରେ ଝିଅବାହାଘର କଲି। ତୁ' ତ ନିଜ ଆଖିରେ ସବୁ ଦେଖିଚୁ କେମିତି ପାଣି ପରି ଟଙ୍କା ଖର୍ଚ୍ଚ ହେଲା! ଥୋଡ଼େ ଟଙ୍କା ଧାର କରଜ କରିଛି। ପରଜଙ୍ଗ ଷ୍ଟେଟ୍ ବ୍ୟାଙ୍କରୁ ଋଣ ଆଣିଛି। ସୁଧପରା ଗଣୁଚି ମାସକୁ ଦୁଇ ଅଢେଇ ହଜାର! ଅବିକା ମୋ ତହବିଲ ଏକଦମ୍ ଶୂନ୍ୟ ବାପ ଚକରା! ମୁଁ ନାଚାର।

ଚକ୍ରଧର ଜାଣିଲା, ରଘୁ ମହାନ୍ତି ପହିଜ କାଢୁଚି। ତା'ର ହାତାହାତି ଲକ୍ଷେ ଟଙ୍କା ଗଣିଦେବା ପରି କ୍ଷମତା। ସେ ସୁଧ ଦିଏନା, ନିଏ। ଅଭାବ ଅସୁବିଧାରେ ପଡ଼ିଥିବା ଲୋକମାନଙ୍କୁ ଋଣ ଦେଇ ଟଙ୍କାକେ ଦଶପଇସା ସୁଧ ନିଏ। ସୁଧ ନେଇ ନେଇ ମାଲାମାଲ ସେ। ଚକ୍ରଧର କାକୁତି ମିନତି ହେଲା- "ଦାଦି, ଦଶହଜାର ନହେଲା ନାଇଁ, ମତେ ଦଶ ପଇସା ସୁଧରେ ଟଙ୍କା ପାଂଚହଜାର ଦିଅ। ମୁଁ କଥା ଦେଉଚି, ମୂଲମଜୁରୀ ଲାଗି ଛ'ମାସ ଭିତରେ ତମ ଟଙ୍କା ଶୁଝିଦେବି। ବଡ଼ ଆଶାକରି ସକାଳୁ ସକାଳୁ ତମ ଦୁଆରକୁ ଆସିଚି, ମତେ ମନା କରନା ଦାଦି....।"

"ଆରେ କେଡ଼େ ବେହିଆଟା କିରେ ତୁ?"- ମୁହଁ ଛିଂଚାଡ଼ି ରଘୁମହାନ୍ତି କହିଲେ- "ମୁଁ ତ କହୁଚି ମୋ ପାଖରେ ବର୍ତ୍ତମାନ ଫଟା ପାହୁଲାଟିଏ ବି ନାହିଁ। ତୁ ମାଗୁଛୁ ପାଂଚହଜାର!! ତୋ ପାଇଁ ମୁଁ କ'ଣ ଚୋରି କରିବି ନା କ'ଣ? ଆଁ?"

ଚକ୍ରଧର ଫେରିଲା, ସେଠୁ ଖାଲି ହାତରେ। ଯା' ଘର ତା' ଘର ହୋଇ ପାଗଳଙ୍କ ପରି ବୁଲିଲା ଦୁଇ-ଚାରିଦିନ। କେଉଁଠୁ କିଛି ରାହା ପାଇଲାନି। ଆଜି ହେଲାଣି ଆସି ଗୁରୁବାର। ରବିବାର ଦିନ ପୁଅକୁ ନେଇ କଟକ ଯିବାକୁ ପଡ଼ିବ। ମଝିରେ ଆଉ ଜମା ଦୁଇଟା ଦିନ! ଚମ୍ପା କହିଲା ଚକ୍ରଧରକୁ। ଚକ୍ରଧର ଚାହିଁଲା ଚମ୍ପାକୁ। ଦୁହିଁଙ୍କ ଦୃଷ୍ଟିରେ କିଛି ନଥିଲା, ରାଶି ରାଶି ଶୂନ୍ୟତା ବ୍ୟତୀତ! ଏତେ ବଡ଼ ଏ ପୃଥିବୀ। ଅଥଚ କେହି ଜଣେ ଆଗେଇ ଆସୁନାହାନ୍ତି ତା' ଅସମୟରେ ଆହା ପଦେ କହିବାକୁ! ମଣିଷ କେଡ଼େ ଅସହାୟ, କେଡ଼େ ନିରାଶ୍ରୟ! ଧନ ନାହିଁ ତ କିଛି ନାଇଁ। ବଂଚିବାର ଅଧିକାର ବି ନାଇଁ। ଘରେ ଆଉ କ'ଣ ଅଛି ଯେ ତାକୁ ବିକି ଭାଙ୍ଗି ଯୋଗାଡ଼ କରିହେବ ଏତେଗୁଡ଼ାଏ ଟଙ୍କା! ଦୁଇ ବର୍ଷ ଭିତରେ ତ ସବୁ ବିକା ସରିଲାଣି! ଯାହା କିଛି କେନାଲବନ୍ଧ କୂଳର ଜମି ଦଶଗୁଣ୍ଠ ଅଛି। ସେତକ ଚାଲିଗଲା ପରେ ଚକ୍ରଧର ଛେଉଣ୍ଡ ହୋଇଯିବ। 'ଯାଉ!' ଚମ୍ପା କହିଲା- 'ବିକିଦିଅ ସେ ଜମି। ଭିକ ମାଗିବି। ଗଛ ତଳେ ରହିବି। ଗଛ ପତର ଖାଇବି। ଜମି ତ ଜମି, ପୁଅ ପାଇଁ ଏ ଛାତି ଚିରି ବିକିଦେବି କଲିଜା। ଆଗ ମୋ ପୁଅ, ତା' ପରେ ଆଉ ଯାହା।" ଚମ୍ପା କଠୋର ହୋଇଯାଉଥିଲା। ସେମାନଙ୍କ ସାମ୍ନାରେ ସୃଷ୍ଟି ହୋଇଯାଉଥିଲା ଅନନ୍ତ ପାରାବାର। ଚାରିଆଡେ କେବଳ ପାଣି। ପାଣି ଓ ପାଣି। ଅଥଳ ଥଳ ପାଣି। କୁଆଡ଼େ ଯିବେ ସେମାନେ? କେମିତି ଯିବେ?

*କ୍ରମଶଃ...*

# ମରୁଡ଼ି

## ଗଜାନନ ମିଶ୍ର

"ବାବୁ ମୋର ସୁମନୀ କେ ପାଏଲୁ। ଆରୁ କେଁ କାଜେ ନେମି। ଆଗଲା ହପ୍ତା ତ ରାଏପର କି ବିଲାସପୁର ନାଇଁ ହେଲେ ପଲାମୁ। ନେଲେ କେନ୍‌ତା କରି ତାହାକେ ବଂଚାମି ବାବୁ। ଇ ଟୁକେଲ ତୋର ଏ। ତୁଇ ଇତାର ଧରମ ବୁଆଁ। ମା'ଡସରେନ୍ ସାରି ରହେଲା।"

-ହଏରେ ରାମଲାଲ୍ ତୁ କ୍ୟା ସଚ୍ଚମୁଚ୍ ଶରଧାପୁର ଛାଡିଦେବା? ଠିକ୍ ହେ। ବେଫିକର ଯା। ସୁମନୀ ମୋର ଇହଁ କିଛି ନାଇଁ ହୋବେ ଯା। ଆରୁ ଶୁନ୍ ତୋର ଯଦି ଦୁଇ ଶ/ତିନିଶ ଜରୁରତ ପଡବା, ତ କହେବୁ।

-ତିନି ଶୋ ଟଙ୍କା ନେବାର କାଜେ ତ ଆଏଁଲି ମାହାପ୍ରୁ। ତୋର ଘରେ କାମ କାଏଜ କରୁଥିବା ସୁମନୀ। ଯିଏ ଯାହା କହେଲେ ଭି ନେଇଁ ଛାଡବୁ ସୁମନୀକେ, ରଖିଥିବୁ ତୋର ଘରର ସବୁ କାମ କର୍‌ବା, ମୋର ଟୁକେଲ। ତୋରନୁ ଯେନ ହଜାରେ ଟଙ୍କା ନେଇଥିଲି ଅଖିତୁରତିଆ ଦିନ ସୁମ୍‌ନୀ କେ ରଖିଦେଲି ତୋରନେ ଆରୁ ସେଟା ନେଇକରି ହଲବଳଦ ଚାଷଥି ଲଗାନି ଆର ଥୁଡେ ଟଙ୍କାର କପଡାଲତା କିନଲିଂ ହେବେ ତ ସରକଟେଇଦେଲା ମେଘଟା ଗଲାକେନ। ହାତୁଗଲା, ପନତୁଗଲା ଜିଇଁ ଥଉ ଥଉ ମାରିଦେଲା କେନୁ ଏସୁର।

-ଠିକ୍ ହେ, ଠିକ୍ ହେ, ତିନ୍ ଶୋ ରୁପିଆ ଲେ। ସୁମ୍‌ନି କେ ନେମି ବଲି ଆରୁ ନେଇଁ କହେବୁ। ଆରୁ ଇ ରକସିମୁଣ୍ଡା ଗାଁ ବି ନେଇଁ ଆଏବୁ ନ ଯା। ସୁମ୍‌ନୀ କେ ଦେଇ କରି ଅବଦୁଲାଭାଇରଠାନୁ ଟଁକା ନେଇଛେଁ ବଲି କାହାକେ ନେଇଁ କହେବୁ ଦେଖ୍। ଇଟା ତୋର ମୋର କଥା।

-ହେ..ଟା.. ଆରୁ ନେଇଁ କହ ନ ଅବଦୁଲ ଭାଇ। ତୁମର କାଏଁ ଦୋଷ। ତୁମେ ତ ଆମର ପ୍ରାନ ବଂଚାଲ। ଇ ଶଲା ସରକାର କେ ଭୋଓଟ୍ ଦେଲୁଁ ଯେ କାଁ କଲା ସରକାର କହ ତ! ଉଲଟି ପରେ କହୁଛେ ମରଡି କେନ ହେଲା ନ। ହଉ ଦେଖମା। ଆମେ ଇନ ଥାଇ କରି ମଲେ ଯାଇ ଦେଖବା କେନୁ।

-ଠିକ୍ ହେ ଠିକ୍ ହେ ଯା'

ତିନିଶ ଟଙ୍କା ଧରି ଅବଦୁଲ ଘରୁ ଆସିଲା ବେଳେ ତା ଝିଅ ସୁମ୍‌ନୀକୁ ରାମଲାଲ କହିପାରିଲା ନି କିଛି। ଏତିକି ଖାଲି କହିଲା ଦେଖ ବେଟା। ବାବୁର ସବୁ କଥା ମାନିଗୁନି ଥିବୁ। ଆମେ ଯାଉଛୁଁ। ଆରୁ ଭେଟ ପାଏମା କି ନେଇଁ କେଜାନେ। ମନଦୁଖ ନେଇଁ କର, ଯା ଭିତରେ କାମ କରବୁ ଯାଃ'। ଅବଦୁଲ ଘରୁ ସିଧା ଏକମୁହା ଚାଲିଆସିଲା ଶରଧାପୁର ଗାଁର ରାମଲାଲ ଶବର। ପାହାଡ ଘେରା ଏଇ ଶରଧାପୁର ଗାଁଟି ପୂର୍ବେ ଘନ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ସାରା ଢଙ୍କସର ପଞ୍ଚାୟତ କହ, କି ଖଡିଆଳ ବ୍ଲକ ଏରିଆ କହ, କି ଅବିଭାଜ୍ୟ କଳାହାଣ୍ଡି ଜିଲ୍ଲା କହ ସବୁ ଠି ଥିଲା ଖାଲି ଗଛ ଆଉ ଗଛ। ଦାମିକା ଦାମିକା ଗଛ। ଶାଳ, ପିଆଶାଳ, ଶାଗୁଆନ।

*କ୍ରମଶଃ*

# ବାପା

## କଳିଙ୍ଗ କନ୍ୟା

'ମୋ ବାପା',
ଶୁଣିବାକୁ, ଡାକିବାକୁ ବହୁତ
ଛୋଟ ଶବ୍ଦଟିଏ।
ଅତି ନିଜର ଲାଗୁଥିବା,
ଛୋଟ ବେଳୁ ଅଭ୍ୟାସ ପଡିଯାଇଥିବା,
ନିଦରେ ବି ଡାକି ହେଇଯାଉଥିବା,
ମା'ପରି ଯତ୍ନ ନେଉଥିବା,
ସମ୍ବୋଧନଟିଏ - 'ବାପା'!

ଏଇ 'ବାପା' ଶବ୍ଦଟି -
ନିଜକୁ ନିଜେ ଅତି ଗମ୍ଭୀର,
ଗୁରୁତ୍ୱପୂର୍ଣ୍ଣ, ଦାୟିକତାରେ ପୂର୍ଣ୍ଣ,
ଦୃଢ଼ତାର ପ୍ରତୀକ।
ଯିଏ ପାଖରେ ଥିଲେ -
ଡର, ଭୟନାମକ ଶବ୍ଦ
ପାଖ ଛୁଏଁନା,
ଯେତେ ଭୁଲ କରିଥିଲେ ବି-
କ୍ଷମା ପାଇବାର ଆଶ୍ୱାସନା ଯାଏନା,
ଯେତେ ବୟସ ବଢ଼ିଗଲେ ବି
ଯାହା ଆଖିରେ ମୁଁ ନିଜକୁ
କେବେ ବଡ ପାଏନା।
କିଛି ନ କହି ମଧ୍ୟ ସ୍ନେହଭରା ଆଖିର
ଚାହାଣୀରେ ମନକୁ ବୁଝୁଥିବା-
ଆଉ, ମୋ'ମନରେ ଆଣି ଦେଉଥିବା
ଶକ୍ତିର ନାଁ - 'ବାପା','ମୋ ବାପା!

**ଏଚ୍‌ଏନ୍ ୧୪୪/୯, ଏକଲବ୍ୟ ବିହାର,**
**ସେକ୍ଟର-୯, ବସୁନ୍ଧରା**
**ଗାଜିଆବାଦ, ଉତ୍ତରପ୍ରଦେଶ**
**ପିନ୍ : ୨୦୧୦୧୨**

# ବାଟ

## ଲକ୍ଷ୍ମୀଧର ବେହେରା

ବିଶ୍ୱାସକୁ ସାଥିକରି
ଜୀବନର ଅନେକ ବାଟ
ଆସିଲା ପରେ
ଆଜି ଜାଣିଲି
ଜୀବନର ମାନେ ଅବିଶ୍ୱାସ।

ଅବିଶ୍ୱାସରେ ବନ୍ଦ କରିହୁଏ
ବନ୍ଧୁତାର ମୁହଁ ସବୁଦିନ ପାଇଁ।

କାଠଗଡ଼ାରେ ଛିଡ଼ାକରେଇ
ବିଶ୍ୱାସକୁ ଅନେକ ଥର ଫାସିଦିଆଯାଇଛି
ସମସ୍ତଙ୍କ ଆଗରେ ବିନା ପ୍ରତିବାଦରେ।
ଲମ୍ବାରାସ୍ତା ପଡିଚି ଗାଁକୁ, ଜଙ୍ଗଲକୁ
ଆକାଶକୁ, ମନକୁ ଓ ଜୀବନକୁ ...।

ସବୁ ବାଟ ଅବିଶ୍ୱାସର
ସବୁପରେ ବି ଅବିଶ୍ୱାସ
ଉପରକୁ ଉଠିବାର ଗୋଟେ ସିଡି
ଯିଏ ପହଁଚେଇ ଦେବ ଆକାଶ ଠାରୁ ଉଚ୍ଚରେ।
ଆଉ ମୋତେ ବାଧ କରନି
ବିଶ୍ୱାସର ବସାଟେ ବାନ୍ଧିବାକୁ ମନରେ
ଏବେ ମୁଁ ବି ଶିଖିଗଲିଣି
ବିଶ୍ୱାସରେ କେମିତି ମିଶାଯାଏ ଜହର।

**ମନ୍ଦାରୀ, ବାସୁଦେବପୁର, ଭଦ୍ରକ**

# ଧୁ...ଧୁ... ଖରାବେଳ

## ଇତିଶ୍ରୀ ପ୍ରଧାନ

ଧୁ...ଧୁ..ଖରାବେଳ
ଆମେ ଦୁହେଁ ଥିଲେ ପାଖାପାଖି
ଈର୍ଷୁକ ଖରାଟା ତମ
ଗୋରାମୁହଁରେ ବୋଳୁଥିଲା ଲାଲରଙ୍ଗ
ଆଉ ମୋ ସାବ୍‌ନା ମୁହଁରେ କଳା
ତଥାପି ଆମେ ଛିଡ଼ା ହେଇଥିଲେ...
ଝାଞ୍ଜି ପବନକୁ ବେଖାତିର କରି ...।

ତମ ଫୋନ୍‌କୁ ଆସୁଥିଲା କଲ୍ ପରେ କଲ୍
ମୋ ଫୋନ୍‌କୁ ବି ବାରମ୍ବାର ମିସ୍‌କଲ
ସେ ସାଇକେଲିଆ ଟୋକା
ଡିମ୍ବାଡିମ୍ବା ଆଖିରେ ଅନଉଥିଲା ଆମକୁ
ତଥାପି ଆମେ ଛିଡ଼ା ହେଇଥିଲେ ଦମ୍ଭରେ
ଦିନ ଦିପହରର ରାସ୍ତାରେ
ଦୁହେଁ ଦୁହିଁଙ୍କ ଓଠ ଛୁଏଁଇଲା ବେଳେ ବି
ଆମର ଖାତିର ନଥିଲା କାହାକୁ...।

**ବହୁଗ୍ରାମ, ସାଲେପୁର, କଟକ**

# ତୋ' ବିନା

## ରନିତା ସ୍ୱାଇଁ

ବଞ୍ଚିବା ଅସମ୍ଭବ, କିନ୍ତୁ ବଞ୍ଚିଛୁ ...
ଠିକ୍ ସମୟରେ ହେଉଛି ଦିନ ଓ ରାତି।
ଭୋକ କ'ଣ ବୁଝୁଛି ତୋ ନଥିବାର ଦୁଃଖ
ସେ ବି ଠିକ୍ ସମୟରେ ପହଞ୍ଚି ଯାଉଛି।

ଯେତେବେଳେ ଆଖିରୁ ଲୁହ ଝରି
ଥକି ପଡୁଛି ସେ ବି ନିଦକୁ ଖୋଜୁଛି,
ତୁ ନାହୁଁ ବୋଲି କିଛି ତ ଅଟକି ଯାଉନି
ସବୁକିଛି ଯେମିତି ଠିକ୍‌ଠାକ୍ ଚାଲିଛି।

ତୋ କଥା ଆଲୋଚନା ବି କମିଗଲାଣି
କିନ୍ତୁ କାହିଁକି କେଜାଣି ଏ ମନ ବୁଝୁନି
ତୋତେ ଦେଖିବାକୁ ଭାରି ଇଚ୍ଛା,
ସ୍ୱାର୍ଥପର ସମୟ ବେଳେ ବେଳେ
ନିଜ ସ୍ରୋତରେ ଅବେଳରେ
କଅଁଳ ଜୀବନ ବି ବୁହାଇ ନେଉଛି।

**ଭୁବନେଶ୍ୱର**



# ସ୍ମୃତି ହେବି

## ସିପ୍ରା ପଣ୍ଡା

ରଖ ମୋତେ ତୁମ ଆଖି ପଲକରେ
ଓଠରେ ନ ହେଲା ନାହିଁ
ତୁମେ ଯଦି କେବେ ଝୁରିବ ମୋ ପାଇଁ
ଝରିବି ମୁଁ ଲୁହ ହୋଇ,
ରଖ ମୋ ପ୍ରେମକୁ ହୃଦୟେ ସାଇତି
ମଥାରେ ନ ହେଲା ନାହିଁ
ତୁମେ ଯେତେବେଳେ ଆଇନା ଦେଖିବ
ଥିବି ସ୍ମୃତିଟିଏ ତୁମ ହୋଇ।

**କଟକ**



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା




Bhubaneswar, 08th -14th May, 2017
ଭୁବନେଶ୍ୱର, ୦୮-୧୪ ମଇ, ୨୦୧୭



# ବିଚ୍ଛିନ୍ନାଞ୍ଚଳରେ ଚାଲିଲା ଆମ୍ବୁଲାନ୍ସ ବୋଟ୍

**ମାଲକାନଗିରି :** ମାଲକାନଗିରି ବିଚ୍ଛିନ୍ନାଞ୍ଚଳବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହେଲା। ଗମନାଗମନ ପାଇଁ ରାସ୍ତା ନଥିବାରୁ ପାଣି ଭିତରେ ଚାଲିଲା ବୋଟ୍ ଆମ୍ବୁଲାନ୍ସ। ଏଣିକି ପ୍ରତିଦିନ ଏହି ବୋଟ୍ ଆମ୍ବୁଲାନ୍ସ ବିଚ୍ଛିନ୍ନାଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବ। ୭୦ ଲକ୍ଷ ଟଙ୍କାର ଏହି ଆମ୍ବୁଲାନ୍ସ ଜରିଆରେ ଉପକୃତ ହେବେ ପ୍ରାୟ ୩୦ ହଜାର ଲୋକ। ଚିତ୍ରକୋଣ୍ଡା ବିଧାୟକ ଡମ୍ବୁରୁ ଶିଶା ଏହି ସେବାର ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ଆଇପିଏଲ୍ ଯୋଜନାରେ ଏହି ଭାସମାନ ଚିକିତ୍ସାଳୟ ବିଚ୍ଛିନ୍ନାଞ୍ଚଳର ସମସ୍ତ ଜଳବନ୍ଦୀ ଗ୍ରାମକୁ ସ୍ୱାସ୍ଥ୍ୟସେବା ଯୋଗାଇଦେବ ବୋଲି ଜଣାପଡିଛି। ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଏହି ଭାସମାନ ଚିକିତ୍ସାଳୟ ପ୍ରଥମ ପର୍ଯ୍ୟାୟରେ ପଣସପୁଟ, ଯୋଡାମ୍ବ, ଅଣ୍ଡ୍ରାପଲ୍ଲୀ, ଯନ୍ତ୍ରୀ ପଞ୍ଚାୟତର




ପ୍ରାୟ ୬୦ଟି ଗ୍ରାମରେ ମାସକୁ ୨୦ଦିନ ଏହି ସେବା ଯୋଗାଇ ଦିଆଯିବ। ଏହି ବୋଟ୍‌ରେ ପ୍ରାୟ ୫ଟି କୋଠରୀର ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ଡାକ୍ତର ପ୍ରକୋଷ୍ଠ କେନ୍ଦ୍ର, ରୋଗୀବୁହା ଯନ୍ତ୍ର ବ୍ୟବସ୍ଥା ରହିଛି। ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଦୁଇଜଣ ସ୍ୱାସ୍ଥ୍ୟକର୍ମୀ ଓ ଦୁଇଜଣ ଲଞ୍ଚ ଡ୍ରାଇଭରଙ୍କୁ ନେଇ ଏହି ଭାସମାନ ଚିକିତ୍ସାଳୟ କାମ କରିବ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଗଣାରେ ଔଷଧ ଓ ଅନ୍ୟ ଅତ୍ୟାବଶ୍ୟକୀୟ ସ୍ୱାସ୍ଥ୍ୟସେବା ସାମଗ୍ରୀ ଯୋଗାଇ ଦିଆଯିବ। ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ୧୫୧ଟି ଗ୍ରାମର ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଜଳବନ୍ଦୀ ଜୀବନ ଯାପନ କରି ରହୁଥିବା ବେଳେ ସେମାନଙ୍କୁ ଅତ୍ୟାବଶ୍ୟକ ଚିକିତ୍ସାସେବା ମିଳିପାରୁ ନଥିଲା। ଏହି ଭାସମାନ ସ୍ୱାସ୍ଥ୍ୟସେବା କେନ୍ଦ୍ର ସେମାନଙ୍କର ସେହି ଅସୁବିଧା ପୂରଣ କରିବ ବୋଲି ଆଶା କରାଯାଉଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉଦୟ ଶଙ୍କର ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଶୁଭକାନ୍ତ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀ ଜଳବିବାଦ; ସତ୍ୟପାଠ ଦାଖଲ

**କଟକ :** ମହାନଦୀ ଜଳ ବିବାଦ ମାମଲାରେ କେନ୍ଦ୍ରୀୟ ଜଳ ଆୟୁକ୍ତ, ପୂର୍ବାଞ୍ଚଳ ନଦୀ ସମୂହକୁ ନେଇ ଗଠିତ ଡିଭିଜନ୍‌ର ଏକଜ୍ୟୁକିଟିଭ୍ ଇଞ୍ଜିନିୟର ନଗେନ୍ଦ୍ର ନାଥ ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି । ଏଥିରେ କୁହାଯାଇଛି ଯେ ଆନ୍ତରାଜ୍ୟ ନଦୀ ଜଳ ବିବାଦ ଆଇନ ୧୯୫୬ ଅନୁସାରେ ରାଜ୍ୟ ସରକାର ଜଳ ବିବାଦ ପ୍ରସଙ୍ଗରେ ଟ୍ରିବ୍ୟୁନାଲ୍ ଗଠନ ପାଇଁ ଅନୁରୋଧ କରିପାରିବେ। ଏହି ମର୍ମରେ ମହାନଦୀ ବଞ୍ଚାଅ ମଞ୍ଚ ସଂଗଠନ ଅଥବା ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମାମଲା ରୁଜୁ କରିବାର କ୍ଷମତା ନାହିଁ । ଏପରି ବିବାଦ ସମ୍ବିଧାନର ୧୩୧ ଧାରା ମୁତାବକ ସୁପ୍ରିମ୍‌କୋର୍ଟଙ୍କ ଅରିଜିନାଲ୍ ଜୁରିଡିକ୍‌ସନ୍ ମଧ୍ୟରେ ଆସୁଅଛି। ଏହି ପ୍ରସଙ୍ଗରେ ୧୯୭୩ ମସିହାରେ ମଧ୍ୟପ୍ରଦେଶ ଓ ଓଡିଶା ମଧ୍ୟରେ ଚୁକ୍ତି ହୋଇଛି। ସେହିପରି ଆନ୍ତରାଜ୍ୟ ନଦୀ ଜଳ ବିବାଦ ଆଇନ ୧୯୫୬ ଅନୁସାରେ ରାଜ୍ୟ ସରକାର ଆବେଦନ କରିଥିବାବେଳେ



କେନ୍ଦ୍ର ସରକାର ମଧ୍ୟ ଉକ୍ତ ଆଇନର ୪ ଧାରା ଆଧାରରେ ଏକ କମିଟି ଗଠନ କରିଛନ୍ତି । ଏପରି ସ୍ଥଳେ ମହାନଦୀ ବଞ୍ଚାଅ ସଂଗଠନ ପକ୍ଷରୁ ରୁଜୁ ହୋଇଥିବା ଜନହିତ ମାମଲା ଅଗ୍ରାହ୍ୟ ହେବାଉଚିତ୍ ବୋଲି କୁହାଯାଇଛି ।

ଦାଖଲ ସତ୍ୟପାଠରେ କୁହାଯାଇଛି ଯେ ସମ୍ବିଧାନର ୨୪୬ ଧାରାରେ ଆନ୍ତରାଜ୍ୟ ଜଳ ବିବାଦ ପ୍ରସଙ୍ଗ କେନ୍ଦ୍ର ଓ ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ ବୋଲି କୁହାଯାଇଛି। ଏପରି ବିବାଦ କ୍ଷେତ୍ରରେ କୌଣସି ବ୍ୟକ୍ତି ବିଶେଷ ପ୍ରତ୍ୟକ୍ଷ ଭାବେ ଅଭିଯୋଗ କରିପାରିବେ ନାହିଁ। ଏପରି ବିବାଦ କ୍ଷେତ୍ରରେ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ୍ ଗଠନ କରି ବିବାଦର ସମାଧାନ କରିପାରିବେ । ଏହି ଟ୍ରିବ୍ୟୁନାଲ୍‌ରେ ଜଣେ ଅଧ୍ୟକ୍ଷ ଓ ଦୁଇ ଜଣ ସଦସ୍ୟ ରହିପାରିବେ । ଏମାନଙ୍କୁ ସୁପ୍ରିମ୍‌କୋର୍ଟରେ ମୁଖ୍ୟ ବିଚାରପତି ମନୋନୀତ କରିପାରିବେ। କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଏହି ଟ୍ରିବ୍ୟୁନାଲ୍ ବିବାଦ ଘଟଣାର ତଦନ୍ତ କରି ଏହାର ରିପୋର୍ଟ ପ୍ରଦାନ କରିବେ। ଏହି ରିପୋର୍ଟକୁ ଉଭୟ ପକ୍ଷ ମାନିବାକୁ ବାଧ୍ୟ । ସେହିପରି ଟ୍ରିବ୍ୟୁନାଲ୍‌ଙ୍କ ନିର୍ଦ୍ଦେଶକୁ ଭିତ୍ତି କରି କେନ୍ଦ୍ର ସରକାର ଆବଶ୍ୟକ ପଡିଲେ ବିଭିନ୍ନ ପ୍ରକାରର ଯୋଜନା କରିପାରିବେ। କେନ୍ଦ୍ର ସରକାରଙ୍କ ୱାଟର ରିସୋର୍ସ, ରିଭର୍ ଡିପାର୍ଟମେଣ୍ଟ୍ ଏଣ୍ଡ ଗଙ୍ଗା ରିଜୁଭେନେସନ୍ ନୂଆ ଦିଲ୍ଲୀ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ମୁତାବକ ଗତ ୨୦୧୬ ଜୁଲାଇ ୨୯ ତାରିଖରେ ଛତିଶଗଡ ଓ ଓଡିଶା ସରକାରଙ୍କୁ ନେଇ ଏକ ବୈଠକ ବସିଥିଲା । ଏହି ବୈଠକରେ ଉଭୟ ସରକାର ମହାନଦୀରେ ହୋଇଥିବା ପ୍ରକଳ୍ପ ସମ୍ପର୍କରେ ତଥ୍ୟ ଓ ପରିସଂଖ୍ୟାନ ଆଦାନ ପ୍ରଦାନ ପାଇଁ ରାଜି ହୋଇଥିଲେ ।

## ଆରମ୍ଭ ହୋଇପାରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍‌ରେ ପାଠପଢ଼ା

**କୋରାପୁଟ :** ଗତ ମାସ ୧୧ ତାରିଖରେ ମେଡିକାଲ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(ଏମ୍‌ସିଆଇ)ର ଏକ ତିନିଜଣିଆ ଟିମ୍ କୋରାପୁଟ ଗସ୍ତରେ ଆସି ନିର୍ମାଣାଧୀନ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍ ପରିଦର୍ଶନ କରି ଏମ୍‌ସିଆଇକୁ ରିପୋର୍ଟ ଦେଇଛନ୍ତି। ମେଡିକାଲ୍ କଲେଜ୍‌ରେ ଚଳିତ ଶିକ୍ଷାବର୍ଷରୁ ପାଠପଢ଼ା ଆରମ୍ଭ କରାଯାଇ ପାରିବ ବୋଲି ରିପୋର୍ଟରେ ଉଲ୍ଲେଖ ଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଓ କୋରାପୁଟ ମେଡିକାଲ୍ କଲେଜ୍ କର୍ତ୍ତୃପକ୍ଷଙ୍କୁ ଏମ୍‌ସିଆଇ ତରଫରୁ କୌଣସି ଲିଖିତ ସୂଚନା ଆସିନଥିଲେ ମଧ୍ୟ କୋରାପୁଟ ମେଡିକାଲ୍ କଲେଜ୍‌କୁ ଅନୁମୋଦନ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ମେଡିକାଲ୍ କଲେଜ୍ ଅଧୀକ୍ଷକ ଡା. ବିଜୟିନୀ ମହାପାତ୍ର କହିଛନ୍ତି। ଗତ ମାସ ଶେଷ ସପ୍ତାହରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏବଂ କୋରାପୁଟ ମେଡିକାଲ୍ କଲେଜ୍ ଡିନ୍ ଡା. ସୀତାରାମ ମହାପାତ୍ର ଦିଲ୍ଲୀରେ ଏମ୍‌ସିଆଇ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି କୋରାପୁଟ ମେଡିକାଲ୍ କଲେଜ୍‌ରେ ପାଠପଢ଼ା ଆରମ୍ଭ ହେବା ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ କଲେଜ୍ ପାଇଁ ସମସ୍ତ ପାଇଁ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ଏବଂ ପ୍ରତିନିଧିଦଳ ଦେଇଥିବା ରିପୋର୍ଟ ଉପରେ ଏମ୍‌ସିଆଇ ସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି । ଗତ ମାସ ୧୧ ତାରିଖରେ ଗୌହାଟି ମେଡିକାଲ୍ କଲେଜ୍‌ର ପ୍ରଫେସର ଡା.ବି ସି ଦତ୍ତାଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ମେଡିକାଲ୍ କଲେଜ୍‌ର ପ୍ରଫେସର ଡା ରବି ରାଠୋର ଏବଂ ରାଜସ୍ଥାନ ଜୟପୁର ମେଡିକାଲ୍ କଲେଜର ପ୍ରଫେସର ଡା.ଏସ୍ କେ ସିଂହଙ୍କୁ ନେଇ ଗଠିତ ତିନି ଜଣିଆ ଟିମ ଯାନିଗୁଡ଼ା ନିକଟରେ ନିର୍ମାଣାଧୀନ ମେଡିକାଲ୍ କଲେଜ୍ କ୍ୟାମ୍ପସ୍ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ପରେ ସେମାନେ ଦିଲ୍ଲୀ ଫେରି ଉପରୋକ୍ତ ରିପୋର୍ଟ ଦେଇଛନ୍ତି। ଏହି ସବୁ ଦୃଷ୍ଟିକୋଣରୁ ୨୦୧୭-୧୮ ଶିକ୍ଷା ବର୍ଷରୁ କୋରାପୁଟ ମେଡିକାଲ୍ କଲେଜ୍‌ରେ ୧୦୦ ଛାତ୍ରଛାତ୍ରୀଙ୍କୁ ନେଇ ପାଠ ପଢ଼ା ଆରମ୍ଭ ହେବା ନିଶ୍ଚିତ ବୋଲି ସାଧାରଣରେ ଆଲୋଚନା ହେଉଛି।

# ମୌଳିକ ସୁବିଧାରୁ ବଞ୍ଚିତ ସିରିପୁର

## ଲୋକପ୍ରତିନିଧି ଓ ବାବୁଙ୍କ ପାଦ ପଡୁନି

**ରାୟଗଡ଼ା (ଅମୂଲ୍ୟ ନିଶଙ୍କ ରିପୋର୍ଟ) :** ଚାରିଆଡେ ବଣପାହାଡ ଓ ମଝିରେ ଜନବସତି, ଯାହାର ନାଁ ସିରିପୁର। ଏଠାକୁ ଯିବାକୁ ହେଲେ ଚନ୍ଦ୍ରପୁର ପଞ୍ଚାୟତ ସମିତିଠାରୁ ୧୮ କି.ମି. ପର୍ଯ୍ୟନ୍ତ ବିଜାପୁର ରାସ୍ତାରେ ପକ୍କା ରାସ୍ତାରେ ଓ ବିଜାପୁର ଠାରୁ ଲିଡିଂ ପଦର ପର୍ଯ୍ୟନ୍ତ ୭ କି.ମି. ଖଣ୍ଡିଆ ଖାବରା ରାସ୍ତାରେ ଯିବାକୁ ପଡେ। ଏଭଳି ସ୍ଥିତିରେ ଗାଁରେ ସରକାରୀ ବାବୁମାନଙ୍କର ପାଦପଡୁନି। ଆଉ ବିକାଶ ମଧ୍ୟ ଅପହଞ୍ଚ। ଯଦ୍ୱାରା ଲୋକମନେ ଭାଗ୍ୟକୁ ଆଦରି ଅଭିଶପ୍ତ ଜୀବନ ବିତାଉଛନ୍ତି ଏହି ଗ୍ରାମଟି ସୀମାନ୍ତ ଗଜପତି ଜିଲ୍ଲାର ମୋହନା ପଞ୍ଚାୟତ ସମିତିକୁ ଲାଗି ରହିଅଛି। ଏଠାକୁ ଯିବାକୁ ହେଲେ ଲିଡିଂପଦର ଛକ ଠାରୁ ପାହାଡ ଜଙ୍ଗଲ ପୂର୍ଣ୍ଣ କଚ୍ଚା ରାସ୍ତା ଦେଇ ବନ୍ତାଳ, ସିକାପାଡୁ, ବକ୍ରିପାଙ୍ଗା ଦେ ସିରିପୁର ଦେଇ ଯିବାକୁ ପଡେ। ସେହିଭଳି ଗତ ୨୦୧୫ ମସିହା ନଭେମ୍ବର ମାସରେ ସାନକଙ୍କାଳ ଗ୍ରାମର ଦୁଇଜଣ ବାଳକ ଗଛର ବିଷାକ୍ତ କନ୍ଦା ଖାଇ ମୃତ୍ୟୁବରଣ କରିବା ଘଟଣାରେ ଜିଲ୍ଲା ପ୍ରଶାସନରେ ହଇଚଇ ସୃଷ୍ଟି ହୋଇଥିଲା। ତତ୍କାଳୀନ ରାୟଗଡ଼ା ଜିଲ୍ଲାପାଳ ଜଗନ୍ନାଥ ମହାନ୍ତି ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକାଶ କୁମାର ବାହିନୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଜଙ୍ଗଲ ମଧ୍ୟରେ ଚାଲି ଚାଲି ଯାଇ ସାନ ପଙ୍କାଳ ଗ୍ରାମରେ ପହଞ୍ଚି ଘଟଣାର ସତ୍ୟାସତ୍ୟ ଅନୁଧାନ କରି ଫେରିବା ପରେ ଗ୍ରାମବାସୀଙ୍କ ଦୁଃଖ ଦୁର୍ଦ୍ଦଶା ବୁଝି ଲୋକଙ୍କ ଯାତାୟତ ନିମନ୍ତେ ରାସ୍ତା ପାଇଁ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ୬୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ରାସ୍ତାକାମ ହେଲା ମାତ୍ର ଦୁର୍ଭାଗ୍ୟର ବିଷୟ ଏହିକି ଯେ, ଏକବର୍ଷ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇଗଲା। ଏଠାରେ ବାସ କରୁଥିବା ୩୦୦ରୁ ଉର୍ଦ୍ଧ୍ୱ ବସବାସ କରୁଥିବା ଲୋକ ପିଡିଏସ୍ ଚାଉଳ ପାଇଁ ଏବଂ ବୃଦ୍ଧ ଓ ବୃଦ୍ଧା ଭାତ୍ତା ପାଇଁ ପନ୍ଦର କିଲୋମିଟର ଆବୁଡା ଖାବୁଡା ରାସ୍ତାରେ ଯା ଆସ କରୁଛନ୍ତି। ବର୍ଷା ହେଲେ ବର୍ଷାଜଳ ଗ୍ରାମ ମଧ୍ୟରେ ପ୍ରବେଶ କରେ, ଯଦ୍ୱାରା ଲୋକମାନେ ବାହାରକୁ ବାହାରି ପାରନ୍ତି ନାହିଁ। ଏବେ ଗ୍ରୀଷ୍ମ ଋତୁ ପାଇଁ ଲୋକମାନେ ଏବଂ ପଶୁପକ୍ଷୀ ପାନୀୟ ଜଳ ପାଇଁ ବହୁତ କଷ୍ଟ ଅନୁଭବ କରୁଛନ୍ତି। ପାଣି ଟିକେ ପାଇଁ ଲୋକମାନେ ଡହଳ ବିକଳ ହୋଇ ଗ୍ରାମଠାରୁ ଦୁଇ କିଲୋମିଟର ଦୂରରେ ଥିବା ଝରଣାରୁ ପାଣି ଆଣି ପିଉଛନ୍ତି। ଏହାର ସମାଧାନ ପାଇଁ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଜିଲ୍ଲାପାଳ







ଶ୍ରୀମତୀ ଗୁହା ପୁନମ୍ ତାପସ କୁମାର ଜଳ ଅଭାବ ଦୂରୀକରଣ ପାଇଁ ବାରମ୍ବାର ମିଟିଂ ଡକାଇ ଥିଲେ ମଧ୍ୟ ଜନପ୍ରତିନିଧିମାନେ ଯୋଗ ନ ଦେବାରୁ ଏହାର ସମାଧାନ ହୋଇପାରୁନାହିଁ। ସେହିଭଳି ରୋଗ ହେଲେ ଦିଶାରୀ (ବେଜୁ) ତଥା ଭାଗ୍ୟ ଭରସାରେ ଲୋକେ ବଞ୍ଚୁଛନ୍ତି। ସ୍ୱାସ୍ଥ୍ୟସେବା ଏଠାରେ ଅପହଞ୍ଚ। କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତର ବାବୁମାନଙ୍କର ପାଦ ପଡିନି ଏଠି ଗାଁରେ। ଏଠାରେ କାହାର ଦେହ ଖରାପ ହେଲେ ଖଟିଆରେ ବୋହି ଦୀର୍ଘ ୩୫ କିଲୋମିଟର ରାସ୍ତା ପାର ହେବା ପରେ ଚନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବାକୁ ହୁଏ। ସେଠାରେ ମଧ୍ୟ ଡାକ୍ତରମାନେ ଅନୁପସ୍ଥିତ ଥାଆନ୍ତି। ଶିକ୍ଷା କଥା ନକହିବା ଭଲ। ପ୍ରାକ୍ ବିଦ୍ୟାଳୟ ନିମନ୍ତେ ଛୋଟ ଛୋଟ ପିଲାମାନଙ୍କ ପାଇଁ ଅଙ୍ଗନବାଡି କେନ୍ଦ୍ରଟିଏ ନାହିଁ। ଯଦ୍ୱାରା ପିଲାମାନେ ପ୍ରାକ୍ ବିଦ୍ୟା ଏବଂ ପୁଷ୍ଟିକର ଖାଦ୍ୟରୁ ମଧ୍ୟ ବଞ୍ଚିତ। ଗର୍ଭବତୀ ମହିଳାମାନେ ମଧ୍ୟ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ। ପୁଷ୍ଟିକର ଖାଦ୍ୟ ଅଭାବରୁ ପିଲାମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ। ଏଠାରେ ନିର୍ମାଣଧୀନ ଏକ ସ୍କୁଲ ଗୃହ ୨୦୦୫ ମସିହାରୁ ଅଧାପନ୍ତରିଆ ଅବସ୍ଥାରେ। ସେଥିପ୍ରତି ଶିକ୍ଷା ବିଭାଗର କୌଣସି ଅଧିକାରୀଙ୍କ ଦୃଷ୍ଟିନାହିଁ। ସ୍କୁଲ ନଥିବା ଯୋଗୁଁ ଶିକ୍ଷକ ମାସରେ ଥରେ ମାତ୍ର ଗ୍ରାମକୁ ଆସି ତାଙ୍କର ଯାବତୀୟ କାଗଜପତ୍ରରେ ସ୍କୁଲ୍ କମିଟି ସଭାପତିଙ୍କ ଦସ୍ତଖତ ନେଇ ଚାଲିଯାଆନ୍ତି। ହେଲେ ପିଲାଙ୍କ ପାଠପଢ଼ା ପ୍ରତି ନଜର ଦିଅନ୍ତି ନାହିଁ। ଏଠାରେ ୫ରୁ ୧୦ ବର୍ଷ ମଧ୍ୟରେ ପ୍ରାୟ ୩୦ ପିଲା ଅପାଠୁଆ ହୋଇ ରହିଛନ୍ତି। ଯାହା ଏକ ବିଡମ୍ବନାର ବିଷୟ। ସରକାରଙ୍କ ସମସ୍ତଙ୍କୁ ମାଗଣାରେ ଶିକ୍ଷା ଦିଆଯିବ, କେହି ନିରକ୍ଷର ରହିବେ ନାହିଁ, ଏହା କେବଳ ସ୍ଲୋଗାନରେ ହିଁ ରହିଯାଇଛି।

ଉଲ୍ଲେଖଯୋଗ୍ୟ ଯେ ବିଜାପୁର ଅଞ୍ଚଳ ଦିନେ ସମ୍ପୂର୍ଣ୍ଣ ଭାବେ ନକ୍ସଲ ପ୍ରବଣ ଅଞ୍ଚଳ ଥିଲା। ଲୋକେ ଏଠାରେ ନକ୍ସଲଙ୍କ କଥା ମାନିବାକୁ ବାଧ୍ୟ ହେଉଥିଲେ ଏବଂ ନକ୍ସଲଙ୍କ ଭୟରେ ଲୋକମାନେ ଭୟରେ ରହୁଥିଲେ। କୌଣସି ସମୟରେ ନକ୍ସଲମାନେ ପୋଲିସ ଇନ୍‌ଫର୍ମର ଭାବି ହତ୍ୟା କରିବେ, ସେହି ଭୟରେ ଲୋକମାନେ ସହରକୁ ଆସୁ ନଥିଲେ। କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଲୋକମାନେ ମଧ୍ୟ ସ୍ୱାଧୀନ ଭାବରେ ବଞ୍ଚିବା ପାଇଁ ଚେଷ୍ଟା କରୁଛନ୍ତି। ହେଲେ କୌଣସି ସରକାରୀ ବାବୁ ନିର୍ବାଚିତ ପ୍ରତିନିଧି, ଲୋକସେବା ସଦସ୍ୟ, ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଚେୟାରମ୍ୟାନ୍ ନକ୍ସଲଙ୍କ ଭୟ ଦେଖାଇ ଏହି ଗ୍ରାମକୁ ଆସନ୍ତି ନାହିଁ। ଯଦ୍ୱାରା ସ୍ୱାଧୀନତାର ସତୁରି ବର୍ଷ ପରେ ମଧ୍ୟ ଏହି ଗ୍ରାମ ଅବହେଳିତ। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମ ସେବକ, ଗ୍ରାମ୍ୟ ରୋଜଗାର ସେବକ ରହୁ ନଥିବାରୁ ସ୍ଥାନୀୟ ସରପଞ୍ଚ କ୍ଷୋଭ ପ୍ରକାଶ କରିବା ସହିତ ବିଡିଓଙ୍କୁ ଜଣାଇଥିଲେ ଏବଂ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ବିଜାପୁରଠାରେ ଏକ ମୋବାଇଲ୍ ଫୋନ୍ ଟାୱାର, ବିଜାପୁର ଠାରୁ ସିରିଗୁଡା ପର୍ଯ୍ୟନ୍ତ ରାସ୍ତା, ସୁରେଶି ଠାରୁ ସାନ ପଙ୍କାଳ ରାସ୍ତା, ଲିଡିଂପଦର ଠାରୁ ସିରିପୁର ଦେଇ ସାନପଙ୍କଳ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚ ତଥା ସିରିପୁର ଗ୍ରାମର ବର୍ମା ଦୁରିବାସା, ମାଥୁର ତ୍ରିଟକା, ସୁନିଲ୍ ତ୍ରିଟକା, ମାର୍କା ଦୁରିବାସା, ପ୍ରିଙ୍ଗ ତ୍ରିଟକା, ଟ୍ରିମା, ସାମିଂ ଦୁରିବାସା ଦାବି କରିଛନ୍ତି। ସ୍ଥାନୀୟ ପଞ୍ଚାୟତ ସମିତିର କୌଣସି ଅଧିକାରୀ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ବା ସଭ୍ୟାଙ୍କ କଥାକୁ କୌଣସି ଅଧିକାରୀ ମାନୁ ନଥିବାର କ୍ଷୋଭ ପ୍ରକାଶ କରୁଛନ୍ତି ବିଜାପୁର ସରପଞ୍ଚ।

# ଛାନିଆରେ ସମ୍ବର୍ଦ୍ଧନା ଉତ୍ସବ !

**ଜଗତସିଂହପୁର :** ଭାରତୀୟ ଜନତା ପାର୍ଟି ପକ୍ଷରୁ ଭୁବନେଶ୍ୱରରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ପ୍ରଧାନମନ୍ତ୍ରୀ ସମେତ ସମସ୍ତ କେନ୍ଦ୍ରମନ୍ତ୍ରୀ ଓ ୧୪ଗୋଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗଦେବା ଦିନଠାରୁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଖିରୁ ନିଦ ହଜିଯାଇଛି। ଯାହା ଫଳରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ବିଜେଡି ସଂଗଠନରେ ଥିବା ଫାଟକୁ ତାଳି ପକାଇବା ପାଇଁ ୧୭ ବର୍ଷ ଶାସନ କରିବା ପରେ ସମ୍ବର୍ଦ୍ଧନା ଉତ୍ସବ କରିବା ପାଇଁ ମନେପଡିଛି। ବିଧାୟିକା ଡ. ରାଜଶ୍ରୀ ମଲ୍ଲିକ୍ ରଘୁନାଥପୁର ବ୍ଲକ୍ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ସଭାପତିତ୍ୱରେ ବିଜେତା ଓ ପରାଜିତା ପ୍ରାର୍ଥୀମାନଙ୍କୁ ମଦନ ମୋହନ ମଠ ନିକଟରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟିକା ଡ. ରାଜଶ୍ରୀ ମଲ୍ଲିକ୍ ଯୋଗ ଦେଇ ରାଜ୍ୟ




ସରକାରଙ୍କର ସମସ୍ତ ଯୋଜନା ସାଧାରଣ ଲୋକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବ୍ୟବସ୍ଥା କରିଛନ୍ତି ଏବଂ ଚଳିତ ପଞ୍ଚାୟତ ନିର୍ବାଚନରେ ନବ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ୍ ଅଧ୍ୟକ୍ଷା ସ୍ୱପ୍ନ ସରିତା ବଳ, ରଘୁନାଥପୁର ୨ନଂ ଜୋନ୍ ର ଜିଲ୍ଲା ପରିଷଦ ସଭ୍ୟା ଡେଜାଲିନ୍ ମହାପାତ୍ର, ମହିଳା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶାନ୍ତିଲତା ଦ୍ୱିବେଦୀ, ତିର୍ତ୍ତୋଲ ୟୁଥ୍ ସଭାପତି ଗଙ୍ଗାଧର ବିଶ୍ୱାଳ ଯୋଗଦେଇ ଥିଲେ। ପ୍ରମୋଦ କୁମାର ଜେନା, ମନୋଜ କୁମାର ସେଠୀ, ଶୁଭ୍ରାଂଶୁ କୁମାର ସ୍ୱାଇଁ, ଅଭୟ କୁମାର ମହାନ୍ତି, ସର୍ମିଷ୍ଠା ସ୍ୱାଇଁ, ପ୍ରମିଳା ବିଶ୍ୱାଳ, ପ୍ରମିଳା ମଲ୍ଲିକ୍, ଛବିରାଣୀ ମଲ୍ଲିକ୍, ଜାନକୀ ବଲ୍ଲଭ ସ୍ୱାଇଁ, ସରୋଜ କୁମାର ଦାଶ ଏହି ସମାରୋହ ଉତ୍ସବରେ ନବ ନିର୍ବାଚିତ ୧୯ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ବିଜେଡି ନେତା ସୁରେନ୍ଦ୍ର ମହାପାତ୍ର, ବ୍ଲକ୍ ବିଜେଡି ପୂର୍ବତନ ସଭାପତି ଶୁଭ୍ରାଂଶୁ ଆଚାର୍ଯ୍ୟ, ଗଗନ ବିଶ୍ୱାଳ, ରବୀନ୍ଦ୍ର ସ୍ୱାଇଁ, ଯୁବ ନେତା କିଶୋର ମୂଦୁଲି, ଭାସ୍କର ପଟ୍ଟନାୟକ, ପରମାନନ୍ଦ ସ୍ୱାଇଁ, ଦୀଲ୍ଲିପ ଜେନା, ଶୁଭଲକ୍ଷ୍ମି ଷଡଙ୍ଗୀଙ୍କ ସମେତ ବିଜେଡିର ଶତାଧିକ କର୍ମୀ ଓ ମହିଳା ସ୍ୱଂୟ ସହାୟକ ଗୋଷ୍ଠି ଯୋଗଦେଇ ଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଗୌତମ ପାଲିତ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତାପ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଯୁଗଳ କିଶୋର ମଲ୍ଲିକ୍ ଧନ୍ୟବାଦ ଦେଇଥିଲେ।

# 'କବିତା ଲେଖିବା ବିଧିନିର୍ଦ୍ଦିଷ୍ଟ'



**ବାଲେଶ୍ୱର :** ଯିଏ କବିତା ଲେଖିଲା ସେ କବି ନୁହେଁ, କବି ହିଁ କବିତା ଲେଖେ। କବିତା ଲେଖିବା ଏକ ଐଚ୍ଛିକ କାର୍ଯ୍ୟ ନୁହେଁ, ଏହା ବିଧିନିର୍ଦ୍ଦିଷ୍ଟ। ସୁତରାଂ ଯାହାକୁ ଇଚ୍ଛା ହେଲା ସେ କବିତା ପରି ଯାହା ଲେଖିଲା। ତାହା କଦାଚିତ କବିତା ପଦବାଚ୍ୟ ହେବନାହିଁ ବୋଲି 'ଭଲ କବିତାର ଖୋଜ୍'ର ୩୩ତମ ଆସରରେ ମତପ୍ରକାଶ ପାଇଛି। ସ୍ଥାନୀୟ ହୋଟେଲ କଳିଙ୍ଗ ଠାରେ ସାପ୍ତାହିକ ସାହିତ୍ୟ ଆସର ଓ ଟେବୁଲ ଟକ୍‌ରେ ଅଂଶଗ୍ରହଣ କରି ସୁଇଡେନ୍‌ରେ ରହୁଥିବା ବାଲେଶ୍ୱରର ଓଡ଼ିଆ କବି ଡ.ରବିନାରାୟଣ ଦାଶ କହିଲେ ଯେ, 'ଭଲ କବିତା'ର ଖୋଜ୍' ଆଜି ଯାହା କରୁଛି ତାହା ୟୁରାପରେ ଚାଲେ। ସେଠାରେ ମଞ୍ଚ ସାହିତ୍ୟକୁ ପ୍ରୋତ୍ସାହନ ଦିଆଯାଏନା। ଓଡ଼ିଆ, ଇଂଲିଶ୍ ଓ ସ୍ୱେଡିଶ ଭାଷାରେ କବିତା ଲେଖୁଥିବା ଡ.ଦାଶ ସୁଇଡେନ୍‌ର କବିତା ଟ୍ରେଣ୍ଡ ବିଷୟରେ ବିସ୍ତୃତ ଆଲୋଚନା କରି ସେଠାରେ ଆର୍ଟ ଓ ପୋଏଟ୍ରୀ ପାଖାପାଖି ବୋଲି କହିଥିଲେ। ପ୍ରାରମ୍ଭରେ କବି କୃଷ୍ଣ କୁମାର ମହାନ୍ତି ଭଲ କବିତାର ଖୋଜ୍ ସମ୍ପର୍କରେ ସୂଚନା ଦେବା ପରେ କବି ଶ୍ରୀଦେବ ୨୦୦୨ 'ପ୍ରତିବେଶୀ'ରେ ପ୍ରକାଶିତ ରମାକାନ୍ତ ରଥଙ୍କ ୨ଟି କବିତା ପାଠ କରିଥିଲେ। ପରେ ପରେ କବି ସୁନୀଲ ମିଶ୍ର ସ୍ୱରଚିତ କବିତା ପଢ଼ିଥିଲେ। ଉତ୍ପଳ ମହାନ୍ତି ଧନ୍ୟବାଦ ଦେଇଥିଲେ। ନିରଞ୍ଜନ ଖୁଣ୍ଟିଆ ଉପସ୍ଥିତ ଥିଲେ।

# ଅବସର ପରେ ସମାଜସେବାରେ ନିଶାକର

**ଭୁବନେଶ୍ୱର :** ଦୀର୍ଘବର୍ଷ ଧରି ସରକାରୀ ପାଠ୍ୟପୁସ୍ତକ ମୁଦ୍ରଣାଳୟ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଥିବା ନିଶାକର ସାହୁ ନିକଟରେ ଚାକିରୀରୁ ଅବସର ନେଇଛନ୍ତି। ସଂଘ କାର୍ଯ୍ୟାଳୟରେ ଏଥିପାଇଁ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଶ୍ରୀ ସାହୁଙ୍କ ଦୀର୍ଘଜୀବନ କାମନା କରିଥିଲେ। ସୂଚନାଯୋଗ୍ୟ, ଛାତ୍ର ଜୀବନରୁ ସକ୍ରିୟ ରାଜନୀତିରେ ଥାଇ ପରେ ନିଶାକର ସରକାରୀ ଚାକିରୀରେ ଯୋଗ ଦେଇ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ପାଇଁ ସବୁବେଳେ ଲଢ଼େଇ କରୁଥିଲେ। ଛାତ୍ରାବସ୍ଥାରୁ କଂଗ୍ରେସ ସେବାଦଳର ମୁଖ୍ୟ ଭାବେ



କାର୍ଯ୍ୟ କରିଥିବା ନିଶାକର ୧୯୮୮ ମସିହାରେ ରାଜଧାନୀ ଘରୋଇ ଛାପାଖାନା ମାଲିକ ସଂଘର ନେତୃତ୍ୱ ମଧ୍ୟ ନେଇପାରିଥିଲେ। ପ୍ରବାଦପୁରୁଷ ବିଜୁବାବୁଙ୍କୁ ନିଜର ଆଦର୍ଶ ମନେକରୁଥିବା ଶ୍ରୀ ସାହୁ କର୍ମଚାରୀଙ୍କ ହକ୍ ପାଇଁ ସର୍ବଦା ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରୁଥିଲେ। ମୁଦ୍ରଣାଳୟ କର୍ମଚାରୀ ସଂଘର ତତ୍କାଳୀନ ସଭାପତି ତଥା ବିଜେଡି ନେତା ଭାଗବତ ବେହେରା, ବିଷ୍ଣୁ ଦାସ, ପ୍ରଦୀପ ମହାରଥୀ, ପ୍ରଭାତ ତ୍ରିପାଠୀ, ଭାଗିରଥୀ ବଡ଼ଜେନା ଏବଂ ବର୍ତ୍ତମାନର ସଭାପତି ସମୀର ଦାସ ଓ କାର୍ଯ୍ୟକାରୀ ସଭାପତି ପ୍ରିୟଦର୍ଶୀ ମିଶ୍ରଙ୍କ ସହିତ ସଫଳତାର ସହ କାର୍ଯ୍ୟ କରି ନିଜ ସଂଘର ସଦସ୍ୟମାନଙ୍କ ସ୍ୱାର୍ଥ ହାସଲ କରିପାରିଥିଲେ। ଡମଣା ଦୁର୍ଗାପୂଜା କମିଟିର ପ୍ରତିଷ୍ଠାତା ସଭାପତି ଥିବା ଶ୍ରୀ ସାହୁ ଅବସର ପରେ ବର୍ତ୍ତମାନ ସମାଜସେବାରେ ମନ ଦେଇଛନ୍ତି।

# ବୃକକ୍‌କୁ ଅକାମୀ କରୁଛି ପାରଦ !

**ଭୁବନେଶ୍ୱର :** ମଣିଷର ସ୍ୱାସ୍ଥ୍ୟ ଉପରେ ପାରଦ ପ୍ରତିକୂଳ ପ୍ରଭାବ ପକାଇଥାଏ। ବିଶେଷ କରି ଦନ୍ତ ଫିଲିଂ ବେଳେ ପାରଦର ବ୍ୟବହାର ସ୍ନାୟୁ ଓ ବୃକକ୍ ଅକାମୀ କରିଦେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଦନ୍ତ ଚିକିତ୍ସକମାନେ ପାରଦ ବ୍ୟବହାରରୁ ବିରତ ରହିବାକୁ ନ୍ୟାସନାଲ ଆଲିଏନ୍ସ ଫର ମର୍କୁରୀ ଫ୍ରି ଡେନ୍‌ଟିଷ୍ଟ୍ରି ପରାମର୍ଶ ଦେଇଛି। ଓଡ଼ିଶାକୁ ପାରଦମୁକ୍ତ କରିବା ଲାଗି ମଡ଼େଲ ରାଜ୍ୟ ଭାବରେ ଗ୍ରହଣ କରି ଏଭଳି ପରାମର୍ଶ ଦେଇଛି ଏହି ସଂସ୍ଥା। ଏଥିଲାଗି ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବ ବୋଲି ମଧ୍ୟ ସୂଚନା ପ୍ରଦାନ କରିଛି। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟର ୨ଟି ଜିଲ୍ଲାର ପାନୀୟ ଜଳରେ ପାରଦ ମାତ୍ରାଧିକ ରହିଥିବାରୁ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ସଂସ୍ଥାର ଆନ୍ତର୍ଜାତିକ ଆବାହକ ଚାର୍ଲସ ଡି. ବ୍ରାଉନ। ପାରଦ ବା ମର୍କ୍ୟୁରୀର ଅପକାରିତା ସମ୍ପର୍କରେ ଚାର୍ଲସ ଉଲ୍ଲେଖ କରିବା ସହ ଏହା ମଣିଷ ପ୍ରତି କେତେ ଭୟାବହ ହୋଇପାରେ ସେ ସମ୍ପର୍କରେ ସୂଚନା ଦେଇଛନ୍ତି। ଅଧିକାଂଶ ୟୁରୋପୀୟ ଦେଶ ଦନ୍ତ ଚିକିତ୍ସାରେ ପାରଦ ବ୍ୟବହାରକୁ ନିଷେଧ ଘୋଷଣା କରିଛନ୍ତି। ୟୁରୋପୀୟ ରାଷ୍ଟ୍ର ସମୂହ ବ୍ୟତୀତ ୪୪ଟି ଦେଶ ପାରଦ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ପାରଦ ଥର୍ମୋମିଟରଠାରୁ ଆରମ୍ଭ କରି ବିଜୁଳି ବଲ୍‌ବ ଏପରିକି ଦନ୍ତ ଚିକିତ୍ସାରେ ବ୍ୟବହାର କରାଯାଉଛି। ଏପରିକି ଲିପ୍‌ଷ୍ଟିକ୍, ନେଲ୍‌ପଲିସ ଓ କିଛି ପ୍ରସାଧନ ସାମଗ୍ରୀରେ ମଧ୍ୟ ପାରଦ ବ୍ୟବହାର କରିବାର ଉଦାହରଣ ରହିଛି। ଏହି ସାମଗ୍ରୀ ସହଜରେ ନଷ୍ଟ ହୋଇପାରେ ନାହିଁ। ତେଣୁ ଏଥିପାଇଁ ସତର୍କତା ଗ୍ରହଣ କରାଯିବା ଆବଶ୍ୟକ ବୋଲି ଚାର୍ଲସ କହିଛନ୍ତି। ସଂଗଠନର ନିର୍ବାହୀ ଉପ-ସଭାପତି ତଥା ବାଂଲାଦେଶର ସମାଜସେବୀ ସାହାରିଅର ହୁସେନ ପାରଦ ବ୍ୟବହାର ଜନିତ ମିନାମାଟା ରୋଗର ଶିକାର ହୋଇ ୨୦୧୩ରେ ଜାପାନରେ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ। ମାଛ ଜରିଆରେ ଏହି ରୋଗ ସଂକ୍ରମିତ ହୋଇ ମଣିଷ ଶରୀରରେ ପ୍ରବେଶ କରିଥିଲା। ତେଣୁ ଦନ୍ତ ଚିକିତ୍ସା ସମୟରେ ତମ୍ବା, ଟିଣ ଓ ପାରଦର ସମ୍ମିଶ୍ରଣ ବ୍ୟବହାର କରା ନ ଯାଇ ଏହାର ବିକଳ୍ପ ସାମଗ୍ରୀ ଦନ୍ତ ଫିଲିଂରେ ବ୍ୟବହାର ପାଇଁ ସେ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ସାମରିକ ଡାକ୍ତର ବିକାଶ ମହାନ୍ତି ଓଡ଼ିଶାର ଅନୁଗୋଳ ଓ ଗଞ୍ଜାମ ଜିଲାର କିଛି ସ୍ଥାନର ଜଳରେ ପାରଦର ମାତ୍ରା ଅନୁମୋଦିତସ୍ତରଠାରୁ ୭୦୦ ଗୁଣ ଥିବା ଜାତୀୟ ରିପୋର୍ଟରେ ଉଲ୍ଲେଖ ଅଛି ବୋଲି କହିଥିଲେ। ଧାରଣତଃ ପାନୀୟ ଜଳରେ ୦.୦୦୧ ପିପିଏମ୍ ପାରଦ ଗ୍ରହଣୀୟ; ମାତ୍ର ଏହି ଅଞ୍ଚଳରେ ପାରଦ ୦.୭୩୨ ପିପିଏମ୍ ରହୁଥିବା ଦେଖାଯାଇଛି। ଏହା ଫଳରେ ବୃକକ୍ ଓ ସ୍ନାୟବିକ ରୋଗ ବୃଦ୍ଧି ଆଶଙ୍କା ରହିଛି। ତେଣୁ ଓଡ଼ିଶାରେ ପାରଦ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ସଙ୍ଗଠନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି ଏବଂ ୨୦୧୮ ସୁଦ୍ଧା ସଫଳତା ମିଳିବ ବୋଲି ଆଶା ରହିଛି ବୋଲି ଡ଼ା. ମହାନ୍ତି କହିଥିଲେ। ଓଡ଼ିଶା ସହ ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଆଦି ୧୪ଟି ରାଜ୍ୟରେ ଏଥିପାଇଁ କାର୍ଯ୍ୟ ଚାଲିଥିବା ସେ କହିଛନ୍ତି । ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅମ୍ବିକା ପ୍ରସାଦ ନନ୍ଦ କହିଲେ ଯେ ଦାନ୍ତ ଡାକ୍ତରମାନେ ଚିକିତ୍ସାଳୟରେ ପାରଦ ବ୍ୟବହାର ନ କରିବା ସଂକ୍ରାନ୍ତ ବିଜ୍ଞପ୍ତି ଓହଳାଇବା ଏବଂ ପ୍ରତିବଦଳରେ ମେଟାଲ ସେରାମିକ୍, ପଲିମର ଗୋଲ୍ଡ ଆଲଏଜ ପରି ସାମଗ୍ରୀ ଦନ୍ତ ଚିକିତ୍ସା ପାଇଁ ବ୍ୟବହାର କରିବାକୁ ସଚେତନତା ସୃଷ୍ଟି ହେବା ଆବଶ୍ୟକ ବୋଲି କହିଛନ୍ତି।



# କେରଳର ମଲନାଦ ମନ୍ଦିର

# ପୂଜାପାଆନ୍ତି କୌରବକୁମାର ଦୁର୍ଯ୍ୟୋଧନ

ଈଶ୍ୱର ଉପାସନାରେ ବି ଭରି ରହିଛି ରହସ୍ୟ। ଭକ୍ତି ଆଧାରରେ ଅନେକ ସମୟରେ ମଣିଷ ଆଶ୍ଚର୍ଯ୍ୟକର ଉପାସନାରେ ନିଜକୁ ସାମିଲ କରିଥାଏ। ଆମ ଧର୍ମଶାସ୍ତ୍ରମାନଙ୍କରେ ଏମିତି ଅନେକ ଚରିତ୍ର ଅଛନ୍ତି, ଯେଉଁମାନଙ୍କୁ ନେଇ ଅନେକ ପ୍ରକାରର ଧର୍ମବିଶ୍ୱାସ ପ୍ରଚଳିତ ଥିବା ଦେଖିବାକୁ ମିଳିଥାଏ। ସେମିତି ଏକ ଧର୍ମବିଶ୍ୱାସକୁ ନେଇ କେରଳର କୋଲମ ଜିଲ୍ଲାରେ ରହିଛି ଏକ ମନ୍ଦିର। ଯେଉଁ ମନ୍ଦିରରେ ପୂଜା ପାଉଛନ୍ତି କୌରବ ଯୁବରାଜ ଦୁର୍ଯ୍ୟୋଧନ। ଆପଣ ଏ କଥା ଶୁଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ହଁ, କିନ୍ତୁ ଏହା ସତ। କେରଳର କୋଲକ ଜିଲ୍ଲାରେ ରହିଛି ପୋରୁଭାଝି ପେରୁଭିଥି ମଲନାଦ ମନ୍ଦିର। ଆଉ ଏହି ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁମାନେ କୌରବ ରାଜକୁମାର ଦୁର୍ଯ୍ୟୋଧନଙ୍କୁ ପୂଜା କରିଥାନ୍ତି। ଚିନ୍ତା କରନ୍ତୁ, କେତେ ରହସ୍ୟମୟ ଏ ଭକ୍ତିଭାବନା। କାରଣ ମହାଭାରତ ଗ୍ରନ୍ଥର ବର୍ଣ୍ଣନା ଅନୁସାରେ ଦୁର୍ଯ୍ୟୋଧନ ହେଉଛନ୍ତି ଜଣେ ଚର୍ଚ୍ଚିତ ଚରିତ୍ର। ଆଉ ମହାଭାରତ ଯୁଦ୍ଧର ଅନ୍ୟତମ କାରଣ ହେଉଛନ୍ତି ସେ। ପାଣ୍ଡବମାନଙ୍କ ଚରିତ୍ରର ସମ୍ପୂର୍ଣ୍ଣ ବିପରୀତଧର୍ମୀ ଥିଲେ ରାଜକୁମାର ଦୁର୍ଯ୍ୟୋଧନ। ମୋଟାମୋଟି ଭାବରେ କହିବାକୁ ଗଲେ ପୁରାଣ ବର୍ଣ୍ଣନା ଅନୁସାରେ ଦୁର୍ଯ୍ୟୋଧନ ଥିଲେ ମହାଭାରତ ଯୁଦ୍ଧର ମୁଖ୍ୟ ଖଳନାୟକ। ତା' ହେଲେ ତାଙ୍କୁ ପୂଜା କରାଯାଉଛି କେମିତି ? ଏମିତି ପ୍ରଶ୍ନ ନିହାତି ମନ ଭିତରକୁ ଆସିବ। ଏଠାରେ ଦୁର୍ଯ୍ୟୋଧନଙ୍କୁ ପୂଜା କରିବାର କାରଣ ହେଉଛି, କୁହାଯାଏ ଦୁର୍ଯ୍ୟୋଧନ ଥିଲେ ପ୍ରଜାବତ୍ସଳ ରାଜା। ଆଉ ସେ ଏହି ଅଞ୍ଚଳର ମଙ୍ଗଳ ନିମନ୍ତେ ଭଗବାନ ଶିବଙ୍କୁ ପୂଜା କରିଥିଲେ। ଲୋକବିଶ୍ୱାସର ଏହି ରହସ୍ୟମୟ ଦିଗ ଅନେକ ପ୍ରଶ୍ନ ସୃଷ୍ଟି କରୁଥିଲେ ମଧ କେରଳର ଏହି ମଲନାଦ ମନ୍ଦିରରେ ଦୁର୍ଯ୍ୟୋଧନଙ୍କୁ ହିଁ ଉପାସନା କରାଯାଏ। ଆଉ ଏହି ମନ୍ଦିରରେ କୌରବ ରାଜକୁମାରଙ୍କ କୌଣସି ମୂର୍ତ୍ତି ପୂଜା କରାଯାଏ ନାହିଁ। କେବଳ ଏକ ପ୍ରସ୍ତର ଚଟାଣକୁ ପୂଜା କରାଯାଇଥାଏ। ଏଠାରେ ହିଁ ଭକ୍ତମାନେ ସଂକଳ୍ପ ମୁଦ୍ରାରେ ରାଜକୁମାର ଦୁର୍ଯ୍ୟୋଧନଙ୍କୁ ପୂଜା କରିଥାନ୍ତି। ପ୍ରକୃତରେ ମଲନାଦର ଅର୍ଥ ହେଉଛି ପାହାଡ଼ରେ ମନ୍ଦିର। ମଲ ଶବ୍ଦର ଅର୍ଥ ହେଉଛି ପାହାଡ଼ ଆଉ ନାଦର ଅର୍ଥ ହେଉଛି ମନ୍ଦିର। ଏହି ମଲନାଦକୁ ନେଇ ରହିଛି ଏକ କିମ୍ବଦନ୍ତୀ କୁହାଯାଏ ଯେ ରାଜକୁମାର ଦୁର୍ଯ୍ୟୋଧନ ପାଣ୍ଡବମାନେ ଅଜ୍ଞାତବାସରେ ଥିବା ସମୟରେ ତାଙ୍କୁ ଖୋଜିଖୋଜି ଏହି ସ୍ଥାନରେ ପହଞ୍ଚିଥିଲେ। ଆଉ ସେ ଖୁବ୍ ହାଲିଆ ହୋଇଯାଇଥିଲେ। ପିଇବା ପାଇଁ ପାଣି ଖୋଜୁଥିବା ବେଳେ ତାଙ୍କୁ ଏହି ସ୍ଥାନରେ ଜଣେ ବୃଦ୍ଧା ତାଡ଼ି ପିଇବା ପାଇଁ ଦେଇଥିଲେ ଆଉ ଦୁର୍ଯ୍ୟୋଧନ ଏହି ପାନୀୟରେ ଖୁବ୍ ଖୁସି ହୋଇଯାଇଥିଲେ। କିନ୍ତୁ ସେ ପିଇସାରିବା ପରେ ଜାଣିବାକୁ ପାଇଥିଲେ ଯେ ଯେଉଁ ବୃଦ୍ଧାଙ୍କଠାରୁ ସେ ପାନୀୟ ପିଇଲେ ସେ କୁରଭ ଜାତିର ଜଣେ ହରିଜନ। ତେଣୁ ସେ ସେହି ସ୍ଥାନର ମହତ୍ତ୍ୱକୁ ଉପଲବ୍ଧି କଲେ। ଆଉ ତାଙ୍କ ରାଜଧର୍ମ ପାଳନ କରିବା ପାଇଁ ସେ ଏହି ସ୍ଥାନରେ ସେହି ସ୍ଥାନର ଜନବସତିର ମଙ୍ଗଳ କାମନା କରି ଭଗବାନ ଶିବଙ୍କୁ ପ୍ରାର୍ଥନା କରିଥିଲେ। ଆଉ ସେହି ସ୍ଥାନରେ ପ୍ରଜାମାନଙ୍କ ପାଇଁ ୧୦୦ ଏକ ଜମି ଦାନ କରିଥିଲେ। ଦୁର୍ଯ୍ୟୋଧନ ଯେଉଁସ୍ଥାନରେ ବସିଥିଲେ, ସେହି ସ୍ଥାନକୁ ହିଁ ଭକ୍ତମାନେ ପୂଜା କରିଆସୁଛନ୍ତି। କେବଳ ସେତିକି ନୁହେଁ, ଲୋକବିଶ୍ୱାସ ଅଛି ଯେ କେବଳ ରାଜକୁମାର ଦୁର୍ଯ୍ୟୋଧନ ନୁହନ୍ତି, ବରଂ ତାଙ୍କ ପରିବାର ସଦସ୍ୟମାନେ ମଧ ଏଠାରେ ପୂଜାର୍ଚ୍ଚନା କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ବର୍ତ୍ତମାନ ବି ଏହି ୧୦୦ ଏକର ଚାଷଜମିରୁ ସରକାର ଦୁର୍ଯ୍ୟୋଧନଙ୍କ ନାମରେ କର ଆଦାୟ କରନ୍ତି। କୁରଭ ଜାତିର ଲୋକେ ଏଠାରେ ପୂଜା କରନ୍ତି, ଆଉ ତା' କେରଳର ଏହି ମନ୍ଦିର ପ୍ରତିଦିନ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଏଠାକୁ ଆସି ଦୁର୍ଯ୍ୟୋଧନଙ୍କୁ ସଂକଳ୍ପ ମୁଦ୍ରାରେ ପୂଜା କରିଥାନ୍ତି।





ଉପସ୍ଥାପନା : ଜାହ୍ନବୀସୁତ

## ଏ ସପ୍ତାହର ରାଶିଫଳ


ରବି, ସୋମ, ମଙ୍ଗଳ ଓ ବୁଧବାର ସମସ୍ତ ପ୍ରକାର ଶୁଭଯୋଗ ରହିଛି। ଗୁରୁ, ଶୁକ୍ର ଓ ଶନିବାର ଅଶୁଭଯୋଗ ଥିବାରୁ ଅଧିକ ସତର୍କତା ବାଞ୍ଛନୀୟ।


ରବି ଓ ସୋମ ଅଶୁଭ। ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନିବାର ଦିନ ସମସ୍ତ ପ୍ରକାର ପ୍ରାପ୍ତିଯୋଗ ଓ ଶୁଭଫଳ ରହିଛି। ଗୃହିଣୀମାନେ ଗୃହ କାର୍ଯ୍ୟରେ ମନଦେବେ।


ରବି, ସୋମ, ମଙ୍ଗଳ, ବୁଧବାର ଅଶୁଭ ଫଳ ମିଳିବ। ଗୁରୁ, ଶୁକ୍ର ଓ ଶନିବାର ନୂତନ ଆୟଯୋଗ ଏବଂ ଶୁଭଫଳ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନ ନିବେଶ କରିବେ।


ରବି ଓ ସୋମବାର ରାଜସମ୍ମାନ ଯୋଗ ରହିଛି। ମଙ୍ଗଳ, ବୁଧ, ଗୁରୁ, ଶୁକ୍ର ଓ ଶନିବାର କଳହ ଏବଂ ମିଥ୍ୟା ଅପବାଦ ଯୋଗ। ଦୂର ସ୍ଥାନ ଯାତ୍ରା କରିବା ସହିତ କର୍ମକ୍ଷେତ୍ରର ମନନିବେଶ କରିବେ।


ରବି ଓ ସୋମବାର ଅଶୁଭଫଳ ପ୍ରଦାନକାରୀ। ମଙ୍ଗଳ ଓ ବୁଧବାର ଧନାଗମନର ସୂଚନା। ଗୁରୁ, ଶୁକ୍ର ଓ ଶନିବାର ଦିନ ଆଘାତପ୍ରାପ୍ତି ଯୋଗ ରହିଛି।


ରବି ଓ ସୋମବାର ଶୁଭଫଳ, ଧନପ୍ରାପ୍ତି ଯୋଗ ରହିଛି। ମଙ୍ଗଳ ଓ ବୁଧବାର ଧନହାନି ଏବଂ ଅଶୁଭଫଳ। ଗୁରୁ, ଶୁକ୍ର ଓ ଶନିବାର ଶୁଭାଶୁଭ ମିଶ୍ରିତ ଫଳ ମିଳିବ।


ରବି ଓ ସୋମବାର ଅଶୁଭପ୍ରଦ। ମଙ୍ଗଳ ଓ ବୁଧବାର ମିଶ୍ରିତ ଫଳ ପାଇବେ। ଗୁରୁ, ଶୁକ୍ର ଓ ଶନିବାର ଅଧିକ ସତର୍କ ରହିବା ଆବଶ୍ୟକ।


ସପ୍ତାହର ସମସ୍ତବାରରେ ଶୁଭଫଳ ପ୍ରଦାନ କରିବା ସହିତ ପ୍ରାପ୍ତି ଯୋଗ ରହିଛି। ଗୃହିଣୀମାନେ ଗୃହ କାର୍ଯ୍ୟରେ ମନୋନିବେଶ କରିବେ। ଛାତ୍ରଛାତ୍ରୀମାନେ ପାଠ ପଢ଼ାରେ ଧ୍ୟାନଦେବେ।


ରବିବାର ଶୁଭଫଳ, ସୋମବାର ବିରୋଧର ସମ୍ମୁଖୀନ ହେବେ। ମଙ୍ଗଳ ଓ ବୁଧ ଶୁଭଫଳ ସହିତ ପଦବୀଲାଭ ଏବଂ ଗୁରୁ ଓ ଶୁକ୍ରବାର ଅଶୁଭଫଳ ପ୍ରଦାନ। ଶନିବାର ପ୍ରେମସମ୍ପର୍କ ବୃଦ୍ଧି ପାଇବ।


ରବିବାର ଶୁଭଫଳ। ସୋମ ଓ ମଙ୍ଗଳବାର ଅଶୁଭଫଳ ମିଳିବ। ବୁଧ, ଗୁରୁ, ଶୁକ୍ର ଓ ଶନିବାର ସମସ୍ତ ପ୍ରକାର ଶୁଭଫଳ ସହ ପ୍ରାପ୍ତିଯୋଗ ରହିଛି।


ରବିବାର କଳହ, ସୋମବାର ଉଚ୍ଚପ୍ରଶଂସିତ ହେବେ। ମଙ୍ଗଳବାର ବ୍ୟୟବୃଦ୍ଧି ଘଟିବ। ବୁଧବାର ଧନଲାଭ ଏବଂ ଗୁରୁ, ଶୁକ୍ର ଓ ଶନିବାର ଶୁଭଫଳ ମିଳିବ।


ମୀନ : ଏହି ସପ୍ତାହର ପ୍ରଥମାର୍ଦ୍ଧରେ ଶୁଭଫଳ ମିଳିବ ଏବଂ ଦ୍ୱିତୀୟାର୍ଦ୍ଧରେ ମଧ୍ୟମଫଳ ଯୋଗ ରହିଛି। କିନ୍ତୁ ମଙ୍ଗଳବାର ଦିନ ସତର୍କ ରହିବା ଆବଶ୍ୟକ।


ଚନ୍ଦ୍ରଶେଖର ମିଶ୍ର (ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ)
କାକଟପୁର, ପୁରୀ, ମୋ-୯୭୭୭୦୬୩୪୧୧

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪ ଦୋଷୀଙ୍କ ...

ଏଥିପାଇଁ ନ୍ୟାୟିକ ବ୍ୟବସ୍ଥା ପ୍ରତି କୃତଜ୍ଞ ବୋଲି ମଧ ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୨ ମସିହା ଡିସେମ୍ବର ୧୬ ତାରିଖରେ ଏକ ଚଳନ୍ତା ବସ୍‌ରେ ଯାତ୍ରା କରୁଥିବା ବେଳେ ଦିଲ୍ଲୀର ଜନୈକ ପାରାମେଡ଼ିକାଲ ଛାତ୍ରୀଙ୍କୁ ତାଙ୍କର ଜଣେ ବନ୍ଧୁଙ୍କ ସମ୍ମୁଖରେ ଏହି ୪ ଜଣଙ୍କ ସମେତ ମୋଟ ୬ ଜଣ ଦୁଷ୍କର୍ମ କରିଥିଲେ। ଏଭଳି ବର୍ବର କାଣ୍ଡକୁ ବିରୋଧ କରିଥିବା ତାଙ୍କର ସେହି ବନ୍ଧୁଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିବା ସହ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଚଳନ୍ତାବସ୍‌ରୁ ଫୋପାଡ଼ି ଦେଇଥିଲେ। ଏହି ଘଟଣା ସେତେବେଳେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ସମ୍ପୃକ୍ତ ଛାତ୍ରୀଙ୍କୁ ଗଣମାଧମ ନିର୍ଭୟା ନାମରେ ନାମିତ କରିଥିଲା। ସଂକଟାପନ୍ନ ଅବସ୍ଥାରେ ସଫଦରଜଙ୍ଗ ହସ୍ପିଟାଲରେ ଥାଇ ନିର୍ଭୟା ମୃତ୍ୟୁକାଳୀନ ଜମାନବନ୍ଦୀରେ କହିଥିଲେ ଯେ ସମସ୍ତ ଅପରାଧୀଙ୍କୁ ମରିବା ପର୍ଯ୍ୟନ୍ତ ଫାଶୀ ଦେବା କିମ୍ବା ଜୀବନ୍ତ ଜାଳି ଦିଆଯାଉ। ଅତିଶୟ ଯନ୍ତ୍ରଣାରେ ଛଟପଟ ହେଉଥିଲେ ହେଁ ସେ ବଞ୍ଚିବାକୁ ଚାହୁଁଥିବା ନିଜ ମା'ଙ୍କୁ ପ୍ରକାଶ କରିଥିଲେ। ଡିସେମ୍ବର ୨୧ ତାରିଖରେ ଜଣେ ସବଡିଭିଜନାଲ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦେଇଥିବା ମୃତ୍ୟୁକାଳୀନ ଜମାନବନ୍ଦୀରେ ତାଙ୍କ ଉପରେ ହୋଇଥିବା ନିର୍ମମ ଅତ୍ୟାଚାର ସମ୍ପର୍କରେ ବର୍ଣ୍ଣନା କରିଥିଲେ।

ଏହି ମାମଲାର ବିଚାର କରି ଜଷ୍ଟିସ୍ ଦୀପକ ମିଶ୍ର, ଜଷ୍ଟିସ୍ ଅଶୋକ ଭୂଷଣ ଓ ଜଷ୍ଟିସ୍ ଆର୍. ଭାନୁମତୀଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟ ଶୁଣାଇଛନ୍ତି। ରାୟରେ କୁହାଯାଇଛି ଯେ ଏହା ହେଉଛି ସେହିଭଳି ଏକ ମାମଲା, ଯେଉଁଥିରେ ଫାଶୀଦଣ୍ଡ ନିଶ୍ଚିତ। ଏହା ଏକ ବିରଳ ମାମଲା ହୋଇଥିବାରୁ ଉପଯୁକ୍ତ ନ୍ୟାୟ ପାଇଁ କଠୋର ଦଣ୍ଡବିଧାନ ପାଇଁ ଖଣ୍ଡପୀଠ ବାଧ ହୋଇଥିବା ପ୍ରକାଶ କରିଛନ୍ତି। ତେବେ ଅଭିଯୁକ୍ତ ପକ୍ଷର ଓକିଲ ଏ.ପି. ସିଂହ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମାଜକୁ ସୁଧାରିବା ପାଇଁ ବାର୍ତ୍ତା ଦେବାକୁ ଯାଇ କାହାକୁ ମୃତ୍ୟୁଦଣ୍ଡ ଦିଆଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ଏହି ରାୟକୁ ଚାଲେଞ୍ଜ କରି ସେ ପୁନର୍ବିଚାର ଆବେଦନ ଦାଖଲ କରିବେ ବୋଲି କହିଛନ୍ତି।

ପ୍ରକାଶ ଯେ ୨୦୧୩ ମସିହାରେ ତଳକୋର୍ଟ ୪ ଜଣ ଅଭିଯୁକ୍ତ ଅକ୍ଷୟ, ପବନ, ବିନୟ ଶର୍ମା ଓ ମୁକେଶଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିବା ବେଳେ ୨୦୧୪ ମାର୍ଚ୍ଚରେ ଦିଲ୍ଲୀ ହାଇକୋର୍ଟ ଏହାକୁ କାଏମ୍ ରଖିଥିଲେ। ଏମାନଙ୍କ ମଧରୁ ୨ ଜଣ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ।

### ପୁଲୱାମାରେ ...

ଆତଙ୍କବାଦୀଙ୍କ ଅନୁପ୍ରବେଶ ରୋକିବା ଉପରେ ଅଧିକ ଗୁରୁତ୍ୱ ଦେଇ ଭାରତୀୟ ସେନା ଗତ ଗୁରୁବାର ରାତିରୁ ତଲାସୀ ଅଭିଯାନ ଚଳାଇଛି। ଏ ସମ୍ପର୍କରେ ସେନାଧକ୍ଷ ଜେନେରାଲ ବିପିନ ରାୱତ କହିଛନ୍ତି ଏହାଏକ ନିୟମିତ ଅପରେସନ। ଆଗକୁ ପାକିସ୍ତାନ ବିରୁଦ୍ଧରେ କେଉଁଭଳି ପଦକ୍ଷେପ ନିଆଯିବ ସେକଥା ଆଗରୁ ଆଉ ପ୍ରକାଶ କରାଯିବନାହିଁ। ସ୍ଥିତି ନିୟନ୍ତ୍ରଣ ପାଇଁ ଏଭଳି ପଦକ୍ଷେପର ଆବଶ୍ୟକତା ରହିଛି।

କାଶ୍ମୀରର ୨୦ଟି ଗାଁରେ ୪ ହଜାର ଯବାନଙ୍କ ସର୍ଚ୍ଚ ଅପରେସନକୁ ଏକ ବଡଧରଣର ତଲାସି ଅଭିଯାନ ବୋଲି କୁହାଯାଉଛି। ଏକସଙ୍ଗେ ସୋପିଆନ ଜିଲ୍ଲାର ୨୦ଟି ଗାଁରେ ସର୍ଚ୍ଚ ଅପରେସନ କରାଯାଇଛି। ଏହିସବୁ ସ୍ଥାନ ଆତଙ୍କବାଦୀଙ୍କ ଗଡ ବୋଲି କୁହାଯାଏ। ଭାରତୀୟ ସେନାର ୪ ହଜାର ଯବାନଙ୍କ ସହିତ ସିଆରପିଏଫ୍ ଏବଂ ଜାମ୍ମୁ-କାଶ୍ମୀର ପୋଲିସ ସାମିଲ ହୋଇଥିଲେ। ସର୍ଚ୍ଚ ଅପରେସନ ସମୟରେ ଜନବହୁଳ ଗାଁ ଗୁଡ଼ିକ ଉପରେ ଡ୍ରୋନ୍ ଏବଂ ହେଲିକପ୍ଟର ଉଡିବା ଦେଖାଯାଇଥିଲା। ଏହି ସମୟରେ ଆତଙ୍କବାଦୀଙ୍କ ଗତିବିଧି ଓ ବିଚ୍ଛିନ୍ନତାବାଦୀଙ୍କ ଆଚରଣ ଉପରେ ତୀକ୍ଷ୍ଣ ନଜର ରଖିଥିଲେ ଭାରତୀୟ ଯବାନ। ସୁରକ୍ଷା କର୍ମୀମାନେ ମୁଖ୍ୟ ରାସ୍ତାର ପ୍ରବେଶ ପଥରେ ମୁତୟନ ରହି ସମ୍ପୃକ୍ତ ଅଞ୍ଚଳକୁ ଯାତାୟାତ କରୁଥିବା ଗାଡିମଟର ଓ ଲୋକଙ୍କ ଉପରେ ସତର୍କ ଦୃଷ୍ଟି ରଖିଥିଲେ। ଏଠାରେ ଥିବା ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ କରାଯିବା ସହ ଗାଁର ଯୁବକ ତଥା ଅନ୍ୟମାନଙ୍କୁ ଗାଁ ମଝିରେ ଛିଡ଼ା କରି ଘର ଘର ତଲାସି ଅଭିଯାନ କରାଯାଇଥିଲା। ଏହି ସମୟରେ ତିନିଟି ଗାଁରେ ଗାଁ ଲୋକେ ଭାରତୀୟ ସେନାର ସର୍ଚ୍ଚ ଅପରେସନକୁ ବିରୋଧ କରି ଭୟଙ୍କର ଭାବେ ଟେକାପଥର ମାଡ କରିଥିଲେ। ଏଥିରୁ ବର୍ତ୍ତିବାକୁ ସେନା ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇ ଲୋକଙ୍କୁ ଘଉଡାଇ ଦିଆଯାଇଥିଲା। ନିକଟରେ ଏଭଳି ସର୍ଚ୍ଚ ଅପରେସନ ହୋଇନଥିବା ଜଣାପଡିଛି। ଏହି ସମୟ ମଧରେ ସୋପିଆନ କୋର୍ଟ କମ୍ପ୍ଲେକ୍ସକୁ ସୁରକ୍ଷା ଦେଉଥିବା ପୋଲିସ ପୋଷ୍ଟରେ କେତେକ ସନ୍ଦିଗ୍ଧ ଆତଙ୍କବାଦୀ ପଶି କିଛି ଅସ୍ତ୍ରଶସ୍ତ୍ର ଧରି ପଳାଇ ଯାଇଥିଲେ। ସେମାନେ ପାଞ୍ଚଟି ସର୍ଭିସ ରାଇଫଲ, ଚାରୋଟି ଇନ୍‌ସାସ ରାଇଫଲ ଓ ଗୋଟିଏ ଏକେ-୪୭ ନେଇ ପଳାଇଥିବା ସୂଚନା ମିଳିଛି। ସେହିପରି ସୋପିଆନର ପଡୋଶୀ ଜିଲ୍ଲା କୁଲଗାଓଁରେ ଆତଙ୍କୀମାନେ ବ୍ୟାଙ୍କ ଟଙ୍କା ଗାଡି ଉପରେ ହମଲା କରିବାରୁ ପାଞ୍ଚଜଣ ପୋଲିସ କର୍ମଚାରୀ ଏବଂ ଦୁଇଜଣ ବ୍ୟାଙ୍କ କର୍ମଚାରୀ ନିହତ ହୋଇଥିବା ଖବର ମିଳିଛି। ପୁଲୱାମାରେ ଦୁଇଘଣ୍ଟା ମଧରେ ୨ଟି ବ୍ୟାଙ୍କରୁ ଲୁଟ୍ ହୋଇଥିଲା। ଏହା ପଛରେ ଲସ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନର ସମ୍ପୃକ୍ତି ଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଏହି ପରିପ୍ରେକ୍ଷୀରେ ପୁଲୱାମା ଏସ୍‌ପି ରୟିସ୍ ମହମ୍ମଦ ଭଟ୍ଟ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ପଡ୍‌ଗାମ୍‌ପୋରା ଓ ଖାଗପୁରାରୁ ଜଣେ ଲେଖାଏଁ ଆତଙ୍କବାଦୀ ଧରାପଡିଛନ୍ତି। ଏମାନେ ଲସ୍କର ସହ ସମ୍ପୃକ୍ତ ଥିବା ଜଣାପଡିଛି। ସେ ଆହୁରି କହିଛନ୍ତି ଯେ, ଏଥିରୁ ସ୍ପଷ୍ଟ ହୋଇଯାଉଛି ଆତଙ୍କବାଦୀ ସଂଗଠନଗୁଡିକ ଅର୍ଥାଭାବ ମଧରେ ଗତି କରୁଛନ୍ତି। ଆତଙ୍କବାଦୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମୟରେ ସ୍ଥାନୀୟ ଜନତା ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ସୁରକ୍ଷାକର୍ମୀଙ୍କ ଉପରେ ଟେକାପଥର ମାଡ କରୁଛନ୍ତି। ଏଥିସହିତ ବ୍ୟାଙ୍କ ଲୁଟ୍ ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଏଥର ସୁରକ୍ଷାବିହନୀ ପକ୍ଷରୁ ବଡଧରଣର ଅପରେସନ ଚାଲିଛି ଏବଂ ଏକସଙ୍ଗେ ଦୁଇ ଡଜନରୁ ଅଧିକ ଗାଁରେ ତଲାସୀ ଅଭିଯାନ ଜାରି ରହିଛି। ମିଳିଥିବା ରିପୋର୍ଟ ଅନୁଯାୟୀ କେତେକ ଗାଁରେ ସୁରକ୍ଷା ବାହନୀ ବିରୋଧର ଶିକାର ହୋଇଛନ୍ତି। ଏହା ସତ୍ତ୍ୱେ ଅପରେସନକୁ ଜୋରଦାର କରାଯାଇଛି।

### ସ୍ୱଚ୍ଛ ସହର ...

ସ୍ୱଚ୍ଛ ସର୍ବେକ୍ଷଣ ୨୦୧୭ ରେ ସମୁଦାୟ ୨୦୦୦ ମାର୍କ ରହିଥିବା ବେଳେ ଏଥିରେ ଭୁବନେଶ୍ୱର ୧୨୫୪ ମାର୍କ ହାସଲ କରିଛି। ଦେଶର ଶ୍ରେଷ୍ଠ ସ୍ୱଚ୍ଛ ସହର ମାନ୍ୟତାରେ ପ୍ରଥମ ସ୍ଥାନ ହାସଲ କରିଛି ଇନ୍ଦୋର। ଦ୍ୱିତୀୟରେ ରହିଛି ଭୋପାଳ୍, ତୃତୀୟରେ ବିଶାଖାପାଟଣା, ଚତୁର୍ଥରେ ସୁରଟ୍, ପଞ୍ଚମରେ ମହୀଶୂର, ଷଷ୍ଠରେ ତ୍ରିଚି ଓ ନୂଆଦିଲ୍ଲୀ ସପ୍ତମ ସ୍ଥାନରେ ରହିଛି। ସେହିପରି ଅଷ୍ଟମରେ ନଭି ମୁମ୍ବାଇ, ନବମରେ ତିରୁପତି ଓ ଦଶମ ସ୍ଥାନରେ ବରୋଦା ରହିଛି। ପୂର୍ବ ଭାରତର ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ପରିମଳ ସୁଧାର କ୍ଷେତ୍ରରେ ଦ୍ରୁତତମ ସହର ଭାବେ ସ୍ଥାନିତ ହୋଇଛି ଭୁବନେଶ୍ୱର। ଏଥିପାଇଁ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରୀ ଭେଙ୍କୟା ନାଇଡୁଙ୍କ ଠାରୁ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା ପୁରସ୍କାର ଗ୍ରହଣ କରିଛନ୍ତି। ସ୍ୱଚ୍ଛତା ତାଲିକାରେ ଶହେଟି ସହର ମଧ୍ୟରେ ରହି ବିଏମ୍‌ସି ଖୁସି ହେଉଥିଲା ବେଳେ ରାଜଧାନୀବାସିନ୍ଦା ଖୁସି ହୋଇପାରି ନାହାନ୍ତି। ସୂଚନାଯୋଗ୍ୟ, ଗତବର୍ଷ ସ୍ୱଚ୍ଛତା ମାନ୍ୟତାରେ ଦେଶର ୭୩ଟି ସହର ମଧ୍ୟରେ ଭୁବନେଶ୍ୱର ୨୪ତମ ସ୍ଥାନ ହାସଲ କରିଥିଲା। ସେହିପରି ରାଜ୍ୟର ଅନ୍ୟ ୮ଟି ଅମୃତ ସହରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି। ସ୍ୱଚ୍ଛତା ତାଲିକାର ଶହେତମ ସ୍ଥାନରେ ମଧ୍ୟ ରାଜ୍ୟର ଅନ୍ୟ କୌଣସି ସହର ସ୍ଥାନ ନପାଇବା ମଧ୍ୟ ଏହି ସହରଗୁଡ଼ିକର ପ୍ରଦୂଷଣର ମାତ୍ରାକୁ ଦର୍ଶାଉଛି।

### ସନ୍ତୁଷ୍ଟି ପାଇଁ ...

ଏମାନଙ୍କ ମଧରେ ୫ ଜଣ ମନ୍ତ୍ରୀ ଅଛନ୍ତି। ଶିଳ୍ପ ଓ ଗଣଶିକ୍ଷା ମନ୍ତ୍ରୀ ଦେବୀ ମିଶ୍ରଙ୍କୁ ବିଜେଡି ଉପସଭାପତି ଭାବେ ସମ୍ବଲପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କୁ ଦଳର ସାଧାରଣ ସମ୍ପାଦକ ଭାବରେ ଯୁବ ବ୍ୟାପାର ସାଙ୍ଗକୁ ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ସେହିପରି ଶକ୍ତିମନ୍ତ୍ରୀ ପ୍ରଣବ ପ୍ରକାଶ ଦାସଙ୍କୁ ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ପ୍ରଦୀପ ପାଣିଗ୍ରାହୀଙ୍କୁ ଦଳର ସାଧାରଣ ସମ୍ପାଦକ ଭାବେ ଗଜପତି ଜିଲ୍ଲାର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେହିପରି ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ଅରୁଣ ସାହୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇବା ସହ ଛାତ୍ର ବ୍ୟାପାର ସହ ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ପାଇଛନ୍ତି। ଏମାନଙ୍କ ବ୍ୟତୀତ ବିଧାୟକ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଦଳର ଉପସଭାପତି ଭାବେ ବଲାଙ୍ଗୀର ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କୁ ଜଗତସିଂହପୁର ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ, ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ସାଧାରଣ ସମ୍ପାଦକ ଭାବେ ବାଲେଶ୍ୱର ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବତନ ବାଚସ୍ପତି ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତିଙ୍କୁ ଦଳର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇ ସୋନପୁର ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

ବାଚସ୍ପତି ନିରଞ୍ଜନ ପୂଜାରୀ ନିଜ ପଦରୁ ଇସ୍ତଫା ପ୍ରଦାନ କରିଥିବାରୁ ବର୍ତ୍ତମାନ ଅର୍ଥମନ୍ତ୍ରୀ ଥିବା ପ୍ରଦୀପ ଅମାତ ସେହି ପଦବୀରେ ବସିପାରନ୍ତି ବୋଲି ସୂଚନା ମିଳିଛି। ତେବେ ନୂଆ ମନ୍ତ୍ରୀମଣ୍ଡଳରେ କିଏ କିଏ ସାମିଲ ହେବେ ସେ ନେଇ ଆଶାୟୀଙ୍କ ମଧରେ ଉତ୍କଣ୍ଠା ବଢ଼ିଛି। ଏମାନଙ୍କ ମଧରେ ଅଛନ୍ତି ପୂର୍ବତନ ବାଚସ୍ପତି ତଥା ପୂର୍ବମନ୍ତ୍ରୀ ନିରଞ୍ଜନ ପୂଜାରୀ, ଅମର ପ୍ରସାଦ ଶତପଥି, ପ୍ରତାପ ଜେନା, ଦେବାଶିଷ ନାୟକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମଙ୍ଗଳା କିଶାନ୍, ରାଶେଶ୍ୱରୀ ଦେବୀ, କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର, ନିମାପଡ଼ା ବିଧାୟକ ସମୀର ଦାସ। ସେହିପରି ମିଡ୍‌ନାଇଟ ଅପରେସନର ପ୍ରଘଟ କରାଇଥିବା ବିଧାୟକ ସୁଶାନ୍ତ ସିଂହଙ୍କୁ ପୁରସ୍କାରସ୍ୱରୂପ ମନ୍ତ୍ରିମଣ୍ଡଳରେ ସ୍ଥାନ ଦିଆଯାଇପାରେ ବୋଲି ଜଣାପଡ଼ିଛି। ସେହିପରି ଦଳର ମୁଖ୍ୟସଚେତକ ଓ ଉପମୁଖ୍ୟ ସଚେତକ ବଦଳିପାରନ୍ତି। ଏହି ଦାୟିତ୍ୱରେ ଥିବା ଅନନ୍ତ ଦାସ ଓ ରୋହିତ ପୂଜାରୀଙ୍କୁ ମଧ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳରେ ସାମିଲ କରିପାରନ୍ତି। ଏମିତିକି ମନ୍ତ୍ରିମଣ୍ଡଳର ସମସ୍ତ ବିଭାଗରେ ଅଦଳବଦଳ କରାଯିବା ନେଇ ସୂଚନା ମିଳିଛି।





# ବିବାହ ପାଇଁ ପ୍ରସ୍ତୁତ ୬୦୦୦ ଯୁବତୀ

**ମୁମ୍ବାଇ :** ବାହୁବଳୀ ଓ ବାହୁବଳୀ-୨ର ଅପୂର୍ବ ସଫଳତା ପରେ ଏହାର କଳାକାର ଓ କ୍ରିଉ ମେମ୍ବରମାନଙ୍କର ଗୋଡ଼ହାତ ଏବେ ତଳେ ଲାଗୁନାହିଁ। ଆର୍ଥିକ ଦୃଷ୍ଟିରୁ ସମସ୍ତେ ସମୃଦ୍ଧ ହୋଇଥିବା ବେଳେ ନିଜର ଦକ୍ଷତା ଓ ମାନ ସମ୍ମାନ ବଢ଼ାଇବାରେ ଏହି ସିନେମା ଢେର ସହାୟକ ହୋଇପାରିଛି। ତେବେ ସିନେମାର ନାୟକ ପ୍ରଭାସ ଏହାଦ୍ୱାରା ଅନେକ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ତାଙ୍କର ପ୍ରାଇସ୍ ବଢ଼ିଥିବା ବେଳେ କ୍ରେଜ୍ ବି ବଢ଼ିଯାଇଛି। କେବଳ ଫ୍ୟାନ୍‌ଙ୍କ କ୍ରେଜ୍ ନୁହେଁ, ବରଂ ବ୍ୟକ୍ତିଗତ କ୍ରେଜ୍ ବି ବଢ଼ିଛି। ସେ ଏବେ ଭାରତର ମୋଷ୍ଟ ଏଲିଜିବଲ୍ ବ୍ୟାଚେଲର ତାଲିକାରେ ସମସ୍ତଙ୍କୁ ପଛରେ ପକାଇଦେଇଛନ୍ତି। ବାହୁବଳୀ-୨ର ସୁଟିଂ ବେଳେ ତାଙ୍କୁ ବିବାହ ପାଇଁ ୬୦୦୦ ଯୁବତୀ ପ୍ରସ୍ତାବ ଦେଇଛନ୍ତି। ମାତ୍ର ବିସ୍ମୟର କଥା ହେଉଛି ଯେ କାର୍ଯ୍ୟବ୍ୟସ୍ତତା ହେତୁ ଗୋଟିଏ ବି ପ୍ରସ୍ତାବକୁ ଆଖିଖୋଲି ଦେଖିନାହାନ୍ତି ସେ। ଘଟଣାଟି ହେଉଛି ଏହିଭଳି...। ଫିଲ୍ମର ସୁଟିଂ ବେଳେ ପ୍ରଭାସଙ୍କ ପିତାମାତା ତାଙ୍କ ବିବାହ ପାଇଁ ବିବ୍ରତ ଥିଲେ। ଏମିତିକି କନ୍ୟା ଖୋଜାଖୋଜି ମଧ୍ୟ ଆରମ୍ଭ କରିଥିଲେ। କୌଣସିମତେ ଏହା ଜାଣି ନେଇଥିଲେ ସିନେମାରେ ଖଳନାୟକ ଭୂମିକା ତୁଲାଉଥିବା ରାଣା ଦୁଗୁବତୀ। ବାସ୍ ! ତା'ପରେ ରାଣା ଆରମ୍ଭ କରିଥିଲେ ନିଜର ନଟଖଟୀ ଅନ୍ଦାଜ। ପ୍ରଭାସଙ୍କ ପାଇଁ ମାଟ୍ରିମନି ସାଇଟ୍‌ରେ ଏକ ଆକାଉଣ୍ଟ ଖୋଲିଥିଲେ। ଯେଉଁଥିରେ ପ୍ରାୟ ୬୦୦୦ରୁ ଊର୍ଦ୍ଧ୍ୱ ଯୁବତୀ ପ୍ରଭାସଙ୍କୁ ଖୋଲାଖୋଲି ପ୍ରସ୍ତାବ ଦେଇଥିଲେ। ଏହାକୁ ଦେଖି ସିନେମାର କଳାକାର, କ୍ରିଉଙ୍କ ସମେତ ନିଜେ ପ୍ରଭାସ ମଧ୍ୟ ଚକିତ ହୋଇପଡ଼ିଥିଲେ। ଏଥିରୁ ଜଣାପଡୁଛି ଯେ ଯୁବତୀମାନଙ୍କ ହୃଦୟରେ ପ୍ରଭାସଙ୍କ କ୍ରେଜ୍ କେତେମାତ୍ରାରେ ରହିଛି !


ADMISSION OPEN



PASE
A way to enlighten your future
Sr. Faculty of Math
PC ACADEMY OF SCIENCE & EDUCATION
Collaboration with : PC Sir's No.1 Academy MATH WORLD, Bhubaneswar.
Organised by : Utkal Bikash Educational Trust (Regd. No.-41081605132), Bhubaneswar.

Adarsh Agrawal
JEE Advance(IIT) AIR-2082
JEE Main Score - 218
BITSAT - 343
VITEE- AIR - 361

CBSE
Limited Seats
Integrated 11th. Science
(Schooling + Coaching + Teaching)
Facilities Hostel (Boys/Girls) Transporting

Plot No 28, Nageswar Tangi, Opposite of Shree Hospital, Lewis Road, Bhubaneswar
Contact : 9040015334/35/37/32,9937325334
Web: www.mathworld.co.in E-mail: mathworldno.1academy@gmail.com


# ସେଲେନାଙ୍କ ପ୍ରେମକାହାଣୀ



**ଲସ୍ ଏଞ୍ଜେଲସ୍ :** ପପ୍‌ଗାୟିକା ସେଲେନା ଗୋମେଜ୍ ସବୁବେଳେ ଚର୍ଚ୍ଚାରେ। କେତେବେଳ ତାଙ୍କର ଅପରୂପ ଚେହେରାକୁ ନେଇ ତ ପୁଣି କେତେବେଳେ ତାଙ୍କ ଗୀତ ପାଇଁ। ଏବେପୁଣି ଗାୟକ ଦି ୱିକେଣ୍ଡଙ୍କ ସହ ପ୍ରେମସମ୍ପର୍କକୁ ନେଇ ସେ ଚର୍ଚ୍ଚାରେ। ଉଭୟ ସେଲେନା ଏବଂ ୱିକେଣ୍ଡ ଏହି ସମ୍ପର୍କକୁ ସ୍ୱୀକାର କରିଛନ୍ତି। ସେଲେନାଙ୍କ ମା' ମେଣ୍ଡି ମଧ୍ୟ ଏହି ସମ୍ପର୍କକୁ ସ୍ୱୀକୃତି ଦେଇ ଆଶୀର୍ବାଦ କରିଛନ୍ତି। ମେଟ୍‌ଗାଲାରେ ଏହି ଗାୟକ ଯୋଡ଼ି ପ୍ରଥମକରି ପ୍ରେମୀଯୁଗଳ ଭାବରେ ସାମ୍ନାକୁ ଆସିଥିଲେ। ଏହାର ଫଟୋ ମଧ୍ୟ ସେମାନେ ସୋସିଆଲ ମିଡିଆରେ ପ୍ରକାଶ କରିଥିଲେ। ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରକାଶିତ ଉକ୍ତ ଫଟୋକୁ ସେଲେନାଙ୍କ ମା' ମେଣ୍ଡି କମେଣ୍ଟ କରିଛନ୍ତି। ଉଭୟଙ୍କୁ ଖୁସିରେ ରହିବା ପାଇଁ ସେ ଆଶୀର୍ବାଦ ଦେଇଛନ୍ତି।

## ଖବର କିଛିକିଛି

- **ନୂଆଦିଲ୍ଲୀ :** ଏନ୍‌ପିଏ ଅଧାଦେଶରେ ରାଷ୍ଟ୍ରପତିଙ୍କ ମୋହର। ଆଉ ଖସି ପାରିବେନି ଋଣଖିଲାପି।
- **କଟକ :** ଆଦର୍ଶ ଗ୍ରୁପ୍‌ର ଦେଢ଼ ହଜାର କ୍ଷୁଦ୍ର ଜମାକାରୀ ଚିହ୍ନଟ।
- **ଲକ୍ଷ୍ନୌ :** ସମାଜବାଦୀ ପାର୍ଟିରେ ବିଭାଜନ। ନୂଆ ଦଳ ଗଢ଼ିଲେ ଶିବପାଲ।
- **ନୂଆଦିଲ୍ଲୀ :** ବିମାନଯାତ୍ରାରେ ବିଶୃଙ୍ଖଳା ରୋକିବାକୁ ସରକାରଙ୍କର କଠୋର ନିୟମ।
- **ଟିଟିଲାଗଡ଼ :** ଟିଟିଲାଗଡ଼ ସହରକୁ ଏକ ଭାଲୁ ପଶିଆସି ୯ଜଣଙ୍କୁ ଘାଇଲା କରିଛି।
- **ଲୋଇସିଂହା :** ବାହାଘର ଭୋଜି ଖାଇ ୮୫ ଅସୁସ୍ଥ। ଜଣେ ବାଳିକା ମୃତ।
- **ରାଉରକେଲା :** ମାସ ଶେଷସୁଦ୍ଧା ସେଲ୍-ମିତ୍ତଲ ଚୁକ୍ତି ସ୍ୱାକ୍ଷରିତ ହେବ।
- **ଭୁବନେଶ୍ୱର :** ନିଶାମୁକ୍ତି, ଚାଷୀ ପାଇଁ ପେନ୍‌ସନ୍ ଓ ଧାନ କ୍ୱିଣ୍ଟାଲକୁ ୫ ହଜାର ଟଙ୍କା ଦାବିରେ ନବନିର୍ମାଣ କୃଷକ ସଂଗଠନର ପଦଯାତ୍ରା ଆରମ୍ଭ।
- **ଭୁବନେଶ୍ୱର :** ନୂଆ ଘର ତିଆରି ପାଇଁ ଉଠାଇ ହେବ ୯୦% ଇପିଏଫ୍ ଜମାରାଶି।
- **ଭୁବନେଶ୍ୱର :** କ୍ୟାପିଟାଲ ହସ୍ପିଟାଲରେ ବନ୍ଦ ହେଲା ଏମ୍‌ଆରଙ୍କ ଅବାଧ ପ୍ରବେଶ।
- **ଭୁବନେଶ୍ୱର :** ରାଜଧାନୀର ୧୫ ପାର୍କରେ ଖୋଲିବ ମୁକ୍ତାକାଶ ଜିମ୍।
- **ଭୁବନେଶ୍ୱର :** ହାତାହାତି ପରେ ଝାରପଡ଼ା ଜେଲ୍‌ରୁ ସ୍ଥାନାନ୍ତର ହେଲେ ହାଇଦର ଓ ଚଗଲା।
- **ଧଉଳି :** ସାଇ ମନ୍ଦିର ନିକଟରେ ମର୍ମନ୍ତୁଦ ଦୁର୍ଘଟଣାରେ କିଟ୍ ଶିକ୍ଷାନୁଷ୍ଠାନର ଦୁଇଛାତ୍ରୀ ମୃତ।
- **ଚନ୍ଦ୍ରଶେଖରପୁର :** ଉଦ୍‌ଘାଟିତ ହେଲା ଚନ୍ଦ୍ରଶେଖରପୁର ମହୋତ୍ସବ।
- **ଭୁବନେଶ୍ୱର :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଇଣ୍ଡିଆ ଅଏଲ୍ ଫାଉଣ୍ଡେସନ ବୈଠକ। କୋଣାର୍କ ପର୍ଯ୍ୟଟନ ବିକାଶର ବ୍ୟୟବରାଦ ୪୫ କୋଟିକୁ ବୃଦ୍ଧି।
- **ଭୁବନେଶ୍ୱର :** ବଢୁଛି ଅଂଶୁଘାତ ମୃତ୍ୟୁସଂଖ୍ୟା। ୪୦ ଦିନରେ ୩୦ଜଣଙ୍କ ମୃତ୍ୟୁ।
- **ମାଲକାନଗିରି :** ଛତିଶଗଡ ଦାନ୍ତେୱାଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ୪ଜଣ ମିଲିସିଆ ସଦସ୍ୟ ଗିରଫ।
- **ପୁରୀ :** ନରେନ୍ଦ୍ର କୋଣ ବସ୍ତି ଉଚ୍ଛେଦ ଅଟକିଲା। ଆତ୍ମାହୂତି ଧମକ ଦେଲେ ମହିଳା।
- **ତାଳଚେର :** ତାଳଚେର ସାର କାରଖାନା ପୁନରୁଦ୍ଧାର କାର୍ଯ୍ୟ ଅକ୍ଟୋବରରୁ ଆରମ୍ଭ। ପାଞ୍ଚ ଜଣିଆ କେନ୍ଦ୍ରୀୟ ପ୍ରତିନିଧିଙ୍କ ଅନୁଧ୍ୟାନ।

# ବିସିସିଆଇକୁ ପରିଚାଳନା କମିଟିର ଚେତାବନୀ

**ନୂଆଦିଲ୍ଲୀ :** ଆଇସିସିର ନୂତନ ରାଜସ୍ୱ ଓ ପ୍ରଶାସନିକ ବ୍ୟବସ୍ଥା ଲାଗୁହେବା ଏବଂ ଆଇସିସି ଚମ୍ପିଆନ୍‌ସ ଟ୍ରଫିରେ ଭାରତର ଭାଗନେବା ପ୍ରସଙ୍ଗରେ ନିଷ୍ପତ୍ତି ନେବା ଲାଗି ଆସନ୍ତା ୭ରେ ବିସିସିଆଇ ସ୍ୱତନ୍ତ୍ର ସାଧାରଣ ବୈଠକ ଡାକିଛି। ତେବେ ଏହି ବୈଠକ ପୂର୍ବରୁ ସୁପ୍ରିମକୋର୍ଟ ନିଯୁକ୍ତ ବିସିସିଆଇ ପରିଚାଳନା କମିଟି (ସିଓଏ) ସମସ୍ତ ରାଜ୍ୟ କ୍ରିକେଟ ଆସୋସିଏସନ୍‌କୁ ଏକ ପତ୍ରଲେଖିଛି। ଏଥିରେ ସିଓଏ ସ୍ପଷ୍ଟଭାବେ ଚେତାବନୀ ଦେଇଛି ଯେ ବୈଠକରେ ଯଦି କୌଣସି ଏପରି ନିଷ୍ପତ୍ତି ନିଆଯାଏ; ଯାହା ଭାରତୀୟ କ୍ରିକେଟ୍‌ର ସ୍ୱାର୍ଥର ପରିପନ୍ଥୀ ହୁଏ; ଏହା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ। ଆଇସିସିର ନୂଆ ରାଜସ୍ୱ ଓ ପ୍ରଶାସନିକ ବ୍ୟବସ୍ଥା ନେଇ ହୋଇଥିବା ମତଦାନରେ ଭାରତ ପରାସ୍ତହେବା ପରେ ଏହାର ପ୍ରତିବାଦ କରି ଭାରତ ଚମ୍ପିଆନ୍‌ସ ଟ୍ରଫିରୁ ଓହରିଯିବାକୁ ବିଚାର କରୁଛି। ରବିବାର ହେବାକୁ ଥିବା ବିସିସିଆଇ ଏସ୍‌ଜିଏମ୍‌ରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆ ଯାଇପାରେ। ଏହି ପରିପ୍ରେକ୍ଷୀରେ ସିଓଏ ବିସିସିଆଇ ସଦସ୍ୟଙ୍କୁ ଉପରୋକ୍ତ ଚେତାବନୀ ଦେଇଛି। ଦିନକ ତଳେ ସିଓଏର ଅଧ୍ୟକ୍ଷ ବିନୋଦ ରାୟ ଚେତାବନୀ ଦେଇଥିଲେ ଯେ ସିଓଏର ଅନୁମତି ନନେଇ ଚମ୍ପିଆନ୍‌ସ ଟ୍ରଫିରୁ ଓହରିଯିବାର ନିଷ୍ପତ୍ତି ନିଆ ଯାଇପାରିବ ନାହିଁ। ଏହାସହ ସିଓଏ ସ୍ପଷ୍ଟକରିଛି ଯେ ଭାରତୀୟ କ୍ରିକେଟ୍‌ର ସ୍ୱାର୍ଥ ପାଇଁ ଯେକୌଣସି ନିଷ୍ପତ୍ତି ନିଆଯିବ; ସିଓଏ ତା'ର ସମର୍ଥନ କରିବ। ତେବେ ଭାରତୀୟ କ୍ରିକେଟ୍‌କୁ କ୍ଷତି ପହଞ୍ଚାଇବା ପରି ନିଷ୍ପତ୍ତି ନେଲେ ସିଓଏ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ। ସିଓଏ ପରୋକ୍ଷରେ ବିସିସିଆଇ ଓ ରାଜ୍ୟ ଆସୋସିଏସନଙ୍କୁ କହିଦେଇଛି ଯେ ଆଇସିସି ସହ ନ ଲଢ଼ି ଆଲୋଚନା ମାଧ୍ୟମରେ ମାମଲାର ସମାଧାନ କର। ଯଦି ଭାରତ ଚମ୍ପିଆନ୍‌ସ ଟ୍ରଫିରୁ ଓହରିଯାଏ; ତେବେ ଆସନ୍ତା ୮ ବର୍ଷ ଲାଗି ଭାରତ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ବଞ୍ଚିତ ହେବ। ତେଣୁ ଏପରି ନିଷ୍ପତ୍ତି ସଦସ୍ୟ ନେଇପାରିବେ ନାହିଁ। ସିଓଏ ବିସିସିଆଇକୁ ପରାମର୍ଶ ଦେଇ କହିଛି, ବିସିସିଆଇ ଏପରି ଚରମ ପଦକ୍ଷେପ ନନେଉ; ଯାହା ଫଳରେ ବିସିସିଆଇ ଓ ଆଇସିସି ମଧ୍ୟରେ ଆଲୋଚନାର ଅନ୍ତଃ ଘଟିବ। କାରଣ ଆଇସିସିର ସମ୍ମିଳନୀ ଚଳିତବର୍ଷ ଜୁନ୍‌ରେ ଅନୁଷ୍ଠିତ ହେବାର ଥିବାରୁ ବିସିସିଆଇ ପାଖରେ ଯଥେଷ୍ଟ ସମୟ ରହିଛି। ତେଣୁ ଆଇସିସି ସହ ନଲଢ଼ି ଉଭୟ ପକ୍ଷ ପାଇଁ ଗ୍ରହଣୀୟ ଏକ ନିଷ୍ପତ୍ତି ନେବା ଉଚିତ ପଦକ୍ଷେପ ହେବ।

### ୨୦୧୬ କ୍ରୀଡ଼ା ପୁରସ୍କାର ପାଇଁ ନାମ ସୁପାରିସ

# ଅର୍ଜୁନ ପାଇଁ ପୂଜାରା, ଖେଳରତ୍ନ ପାଇଁ ସର୍ଦ୍ଦାର





**ନୂଆଦିଲ୍ଲୀ :** ୨୦୧୬ କ୍ରୀଡ଼ା ପୁରସ୍କାର ପାଇଁ ଦେଶର ବିଭିନ୍ନ କ୍ରୀଡ଼ା ସଂଘ ପକ୍ଷରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ଖେଳାଳିଙ୍କ ନାମ ସୁପାରିସ କରାଯାଇଛି। ଏହି ମର୍ମରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ପକ୍ଷରୁ ବ୍ୟାଟ୍ସମ୍ୟାନ୍ ଚେତେଶ୍ୱର ପୂଜାରା ଓ ମହିଳା କ୍ରିକେଟର୍ ହରମନ୍‌ପ୍ରୀତ୍ କୌର୍‌ଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଥିବା ବେଳେ ହକି ଇଣ୍ଡିଆ ପକ୍ଷରୁ ଭେଟେରାନ୍ ମିଡ୍‌ଫିଲ୍ଡର୍ ସର୍ଦ୍ଦାର୍ ସିଂହଙ୍କ ନାମ ରାଜୀବ ଗାନ୍ଧି ଖେଳରତ୍ନ ପାଇଁ ସୁପାରିସ କରାଯାଇଛି। ସୋମବାର ହକି ଇଣ୍ଡିଆ ପକ୍ଷରୁ ଭେଟେରାନ୍ ମିଡ୍‌ଫିଲ୍ଡର ସର୍ଦ୍ଦାର୍ ସିଂହଙ୍କ ନାମ ରାଜୀବ ଗାନ୍ଧି ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରାଯିବା ସହ ଏସ୍‌ଭି ସୁନୀଲ୍, ଧରମବୀର ସିଂହ ଓ ଦୀପିକାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ମଧ୍ୟ ସୁପାରିସ କରାଯାଇଛି। ଏହା ବ୍ୟତୀତ ଡ. ଆର୍‌ପି ସିଂହ ଓ ସୁପରାଇ ଟେଟେଙ୍କ ନାମ ଧ୍ୟାନଚାନ୍ଦ ପୁରସ୍କାର ଏବଂ କୋଚ୍ ସନ୍ଦୀପ ସାଙ୍ଗ୍‌ୱାନ୍ ଓ ରମେଶ ପଠାନିଆଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ହକି ଇଣ୍ଡିଆ ପକ୍ଷରୁ ସୁପାରିସ କରାଯାଇଛି। ସେହିପରି ଗଲ୍ଫ ୟୁନିୟନ୍ ଅଦିତି ଅଶୋକ, ଏସ୍‌ଏସ୍‌ପି ଚୌରାସିଆଙ୍କ ନାମ ମଧ୍ୟ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିଛନ୍ତି। ଏହା ଛଡ଼ା ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ କୋଚ୍ ବିବେକ ଦିବେଚା ଓ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ୍ ପାଇଁ ମୁକେଶ କୁମାରଙ୍କ ନାମ ସୁପାରିସ କରାଯାଇଛି। ଅନ୍ୟପକ୍ଷରେ ଅଖିଳ ଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ଓଇନାମ୍ ବେମ୍ବେମ୍ ଦେବୀ, ଜେଜେ ଲାଲପେଖ୍‌ଲୁଆ ଓ ଗୁର୍‌ପ୍ରୀତ୍ ସାନ୍ଧୁଙ୍କ ନାମ ମଧ୍ୟ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିଛି। ଭାରତୀୟ ମହିଳା ଫୁଟ୍‌ବଲ୍‌ର ଜଣେ ବଡ଼ ଖେଳାଳି ଭାବେ ଜଣାଶୁଣା ୩୬ ବର୍ଷୀୟା ବେମ୍ବେମ୍ ଗତବର୍ଷ ଶିଲଂରେ ଆୟୋଜିତ ୨୦୧୬ ସାଉଥ୍ ଏସିଆନ୍ ଗେମ୍ସରେ ଭାରତକୁ ସ୍ୱର୍ଣ୍ଣ ଜିତାଇବା ପରେ ଅନ୍ତର୍ଜାତୀୟ କ୍ୟାରିୟର୍ ଶେଷ କରିଥିଲେ। ଅର୍ଜୁନ ପୁରସ୍କାର ଫୁଟ୍‌ବଲ୍‌କୁ ତାଙ୍କ ଅବଦାନ ପାଇଁ ସଠିକ୍ ସମ୍ମାନ ହେବ ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ କୁହାଯାଇଛି। ଆଇ-ଲିଗ୍‌ରେ ମୋହନ ବାଗାନ ପକ୍ଷରୁ ଖେଳୁଥିବା ଏଆଇଏଫ୍‌ଏଫ୍ ପ୍ଲେୟାର୍ ଅଫ୍ ଦି ଇୟର୍ ଜେଜେ ଜାତୀୟ ଦଳର ଜଣେ ମୁଖ୍ୟ ସଦସ୍ୟ। ୟୁରୋପର ଶୀର୍ଷ ଫୁଟ୍‌ବଲ୍ କ୍ଲବ୍ ପକ୍ଷରୁ ଏକମାତ୍ର ଭାରତୀୟ ଭାବେ ଖେଳିଥିବା ୨୬ ବର୍ଷୀୟ ଗୋଲ୍‌କିପର୍ ଗୁରପ୍ରୀତ୍‌ଙ୍କ ପୁରସ୍କାର ଜିତିବା ସମ୍ଭାବନା ମଧ୍ୟ ଯଥେଷ୍ଟ ରହିଛି। ଗତବର୍ଷ ଗୁର୍‌ପ୍ରୀତ୍ ନର୍‌ୱେର ଶୀର୍ଷ ଡିଭିଜନ୍ କ୍ଲବ୍‌ରେ ଯୋଗଦେଇ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ।


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି